READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524






ବର୍ଷ-୪ | ସଂଖ୍ୟା-୨୮ | ୨୭ ଜୁଲାଇ - ୦୨ ଅଗଷ୍ଟ, ୨୦୨୦ | ଭୁବନେଶ୍ୱର | Monday Weekly | VOL-4 | ISSUE-28 | 27th JULY - 02nd AUGUST, 2020 | BHUBANESWAR | ₹ 5/- (8 Pages)


## କରୋନା କରୁଛି କୋକୁଆ ଭୟ

# ସଂକ୍ରମଣ ବଢୁଛି, ମୁଣ୍ଡ ଗଡୁଛି



**ଭୁବନେଶ୍ୱର :** ଦିନକୁ ଦିନ ମହାମାରୀ କରୋନା ସର୍ବଗିଳା ରୂପ ଧାରଣ କରୁଛି। ଆକ୍ରାନ୍ତଙ୍କ ସଂଖ୍ୟା ବଢୁଛି ଓ ଅଧିକ ମୁଣ୍ଡ ଗଡୁଛି। ଏମିତିକି ଗୋଟିଏ ଦିନରେ ୧୦ଜଣ ଆକ୍ରାନ୍ତଙ୍କ ଜୀବନ ଚାଲିଯାଉଛି। ଏଥିରେ ଗଞ୍ଜାମ ଜିଲ୍ଲାରୁ ସର୍ବାଧିକ ଆକ୍ରାନ୍ତ ବଳିପଡୁଛନ୍ତି। ଓଡ଼ିଶାରେ ଜୁଲାଇ ମାସରେ ସର୍ବାଧିକ କରୋନା ସଂକ୍ରମଣ ବଢ଼ିଥିବା ଜଣାପଡିଛି। ଦିନକୁ ଦିନ ସାଂଘାତିକ ରୂପ ନେଉଛି କରୋନା। ଗତ ଏପ୍ରିଲ ୬ରେ ରାଜ୍ୟରେ ପ୍ରଥମ କରୋନା ମୃତ୍ୟୁ ହୋଇଥିଲା ବେଳେ ବର୍ତ୍ତମାନ ଏହି ସଂଖ୍ୟା ୧୩୦ ଟପିଲାଣି। ଜୁଲାଇ ୧ରୁ ଗତ ଶନିବାର ଭିତରେ ୧୦୫ଜଣ କରୋନା ଆକ୍ରାନ୍ତଙ୍କ ଜୀବନ ଯାଇଛି। ଏଥିରେ କେବଳ ବୟସ୍କ ଲୋକ ନାହାନ୍ତି। ବରଂ ଯୁବପିଢ଼ି ମଧ୍ୟ କରୋନା ପୀଡିତ ହୋଇ ମୃତ୍ୟୁବରଣ କରୁଛନ୍ତି। କିନ୍ତୁ କେତେକ ମୃତ୍ୟୁକୁ କରୋନା ମୃତ୍ୟୁ ବୋଲି କହୁନାହିଁ ସରକାର। ସେମାନଙ୍କ ମୃତ୍ୟୁକୁ ଅଣକୋଭିଡ୍ ମୃତ୍ୟୁ ବା ଅନ୍ୟ ରୋଗରେ ମୃତ୍ୟୁ ହେଉଥିବା ସରକାରୀ ଭାବେ ଦର୍ଶାଯାଉଛି। କରୋନାରେ ମୃତ୍ୟୁ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ହିସାବ କଲେ ଗଞ୍ଜାମର ପରିସ୍ଥିତି ସବୁଠୁ ଅଧିକ ଭୟଙ୍କର। ଦେଶରେ ତାଲାବନ୍ଦ ପ୍ରକ୍ରିୟା ଯେବେଠାରୁ ଆରମ୍ଭ ହେଲା ସେବେଠାରୁ ଆଶା କରାଯାଉଥିଲା କରୋନା ସଂକ୍ରମଣ ରୋକଯିବ। ମାତ୍ର ସେଭଳି କିଛି ଦେଖିବାକୁ ମିଳୁନାହିଁ। ବରଂ ଦିନକୁ ଦିନ ଏହା ଉଗ୍ରରୂପ ନେଉଛି। ଏହି ୪ ମାସର କରୋନା କାଳରେ ଓଡ଼ିଶାରେ ସବୁକିଛି ନିମ୍ନଗାମୀ ହୋଇପଡିଛି। ଅର୍ଥନୀତି ଦୁର୍ବଳ ହୋଇପଡିବା ସହିତ ସାମାଜିକ ➤ ପୃ-୬

## 'ବସ୍ତି ଅପେକ୍ଷା ଅଣବସ୍ତିରେ ଅଧିକ ସଂକ୍ରମଣ'



**ଭୁବନେଶ୍ୱର :** ଗତ କିଛି ଦିନ ହେବ ଭୁବନେଶ୍ୱରରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଭୁବନେଶ୍ୱରରେ କରୋନା ସ୍ଥିତି ନେଇ ବିଏମ୍‌ସି ପର୍ଯ୍ୟବେକ୍ଷକ ଅନୁ ଗର୍ଗ ଏବଂ ବିଏମ୍‌ସି କମିଶନର ପ୍ରେମ୍‌ଚାନ୍ଦ ଚୌଧୁରୀ ସୂଚନା ଦେଇଛନ୍ତି। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କମିଶନର ପ୍ରେମ୍‌ଚାନ୍ଦ ଚୌଧୁରୀ କହିଛନ୍ତି ଯେ, ବସ୍ତି ଅପେକ୍ଷା ଅଣବସ୍ତି ଅଞ୍ଚଳରେ ଅଧିକ ସଂକ୍ରମିତ ଅଛନ୍ତି। ବସ୍ତି ଅଞ୍ଚଳରୁ ଏବେ ୨୦୧ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଅଣବସ୍ତି ଅଞ୍ଚଳରୁ ଏବେ ୬୫୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ କରାଯାଇଛି। ପ୍ରତି ବସ୍ତିରେ ବସ୍ତି କମିଟି ହୋଇଛି। ମହିଷାଖାଲରୁ ବହୁ ସଂକ୍ରମିତ ଚିହ୍ନଟ ହେବା ପରେ ସେଠାରେ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ସେଠାରେ ଶିବିର କରି କୋଭିଡ୍ ପରୀକ୍ଷା କରାଯିବା ପରେ ୪୧ ପଜିଟିଭ୍ ମିଳିଲେ। ବିଏମ୍‌ସି ଅଞ୍ଚଳରେ ୮୦%ରୁ ଅଧିକ ଆକ୍ରାନ୍ତ ଲକ୍ଷଣହୀନ ବୋଲି ଜଣାପଡିଛି। ଭୁବନେଶ୍ୱରରେ କରୋନା ସ୍ଥିତି ନେଇ ବିଏମ୍‌ସି ପର୍ଯ୍ୟବେକ୍ଷକ ଅନୁ ଗର୍ଗ କହିଛନ୍ତି ଯେ, ରାଜଧାନୀରେ ଏବେ ଟେଷ୍ଟିଂ ଉପରେ ଗୁରୁତ୍ୱ ଦେଉଛୁ। ଦିନକୁ ୧୪ଶହ ଟେଷ୍ଟ କରିବୁ। ସମସ୍ତ ୬୭ ୱାର୍ଡରେ ସଚେତକ ଟିମ୍ ଅଛନ୍ତି, ➤ ପୃ-୬

### କରୋନାରେ ମୃତ ଶବ ସତ୍କାର ପାଇଁ ଗାଇଡଲାଇନ୍ ଜାରି

## ପରିଜନଙ୍କୁ ଶବ ଛୁଇଁବା ମନା



**ଭୁବନେଶ୍ୱର :** ମହାମାରୀ କରୋନାରେ ସଂକ୍ରମିତ ହୋଇ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ମୃତଦେହ ସତ୍କାର ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଶନିବାର ଏକ ଗାଇଡଲାଇନ ଜାରି କରାଯାଇଛି। ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍‌ଆରସି) ପ୍ରଦୀପ କୁମାର ଜେନା ସମସ୍ତ ଜିଲ୍ଲାପାଳ ଓ ମ୍ୟୁନିସିପାଲ କମିଶନରଙ୍କୁ ଏ ସଂପର୍କରେ ଚିଠି ଲେଖିଛନ୍ତି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ମଧ୍ୟ ଏ ସଂପର୍କରେ ଏକ ଗାଇଡଲାଇନ ଜାରି କରିଛି। କରୋନାରେ ପ୍ରାଣ ହରାଉଥିବା ବ୍ୟକ୍ତିଙ୍କ ଶବ ସଂସ୍କାର ଦାୟିତ୍ୱ ରାଜ୍ୟ ସରକାର ନେଇଛନ୍ତି। ମୃତ ଦେହକୁ ପରିବାର ଲୋକଙ୍କୁ ଦିଆଯିବ ନାହିଁ ବୋଲି ସରକାର ନିୟମ କରିଛନ୍ତି। ସେଥିପାଇଁ ରାଜ୍ୟ ସରକାର ପ୍ରତି ମୃତ ଦେହ ସତ୍କାର ପାଇଁ ୭୫୦୦ ଟଙ୍କା ଅନୁଦାନ ଦେଉଛନ୍ତି। ପରିବାର ଲୋକ କେବଳ ମୃତ ବ୍ୟକ୍ତିଙ୍କୁ ଦେଖି ପାରିବେ, ଛୁଇଁବେ ନାହିଁ। ମୃତଦେହ କେବଳ ଆଇସୋଲୋସନ କକ୍ଷରୁ ବା ସ୍ଥାନରୁ ବାହାରିବା ବେଳେ ପରିବାର ଲୋକ ଦେଖିପାରିବେ। ସେମାନେ କେବଳ ଦୂରରୁ ରହି ମୃତ ଦେହ ଦେଖିବେ। ଶବ ସଂସ୍କାର ଦାୟିତ୍ୱରେ ଥିବା ଲୋକମାନେ ପରିବାର ଲୋକଙ୍କୁ ➤ ପୃ-୬

## ପ୍ଲାଜ୍‌ମା ଦାନକୁ ଉତ୍ସାହିତ କରିବା ପାଇଁ ମନ୍ତ୍ରୀଙ୍କୁ ଦାୟିତ୍ୱ ଦେଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର :** କୋଭିଡ୍ ରୋଗର ଚିକିତ୍ସାରେ ପ୍ଲାଜ୍‌ମା ଥେରାପି ଆମ ରାଜ୍ୟରେ ଉତ୍ସାହଜନକ ସଫଳତା ଆଣିଛି। ଆନନ୍ଦର କଥା ଏହି ଚିକିତ୍ସା ପଦ୍ଧତି ଦ୍ୱାରା କଟକର ଜଣେ ୪୮ ବର୍ଷୀୟ ମହିଳା ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଡାକ୍ତର ଓ ରୋଗୀମାନଙ୍କ ମଧ୍ୟରେ ଆଶା ସଞ୍ଚାର କରିଛି ପ୍ଲାଜମା ଥେରାପି। ଆତ୍ମବିଶ୍ୱାସ ମଧ୍ୟ ବୃଦ୍ଧି କରିଛି। ଗତ ସପ୍ତାହରୁ ରାଜ୍ୟରେ ଆରମ୍ଭ ହୋଇଛି ପ୍ଲଜମା ଥେରାପି। କଟକରେ ପ୍ଲାଜ୍‌ମା ବ୍ୟାଙ୍କ ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଥିଲେ ଯେ, 'ମୋ ପାଇଁ ପ୍ରତିଟି ଲୋକର ଜୀବନ ମୂଲ୍ୟବାନ। ଓଡ଼ିଶାବାସୀଙ୍କୁ ସର୍ବୋତ୍ତମ ଚିକିତ୍ସା ସୁବିଧା ଯୋଗାଇବା ମୋର ଲକ୍ଷ୍ୟ।' ପ୍ଲାଜମା ଥେରାପି ଏ ଦିଗରେ ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଦେଶରେ ପ୍ଲାଜ୍‌ମା ଥେରାପି ଚିକିତ୍ସା ସୁବିଧା ମିଳୁଥିବା ଅଳ୍ପ କେତୋଟି ରାଜ୍ୟ ମଧ୍ୟରେ ଓଡ଼ିଶା ଅନ୍ୟତମ। କଟକର ଏସ୍‌ସିବି ଓ ରାଉରକେଲାର ଆଇଜିଏଚ୍‌ରେ ପ୍ଲାଜ୍‌ମା ବ୍ୟାଙ୍କ ପ୍ରତିଷ୍ଠା ହେବା ସହ କଟକ, ଭୁବନେଶ୍ୱର ଓ ବ୍ରହ୍ମପୁରରେ ଆରମ୍ଭ ହୋଇଛି ପ୍ଲାଜ୍‌ମା ଥେରାପି। ଭୁବନେଶ୍ୱର ଓ ବ୍ରହ୍ମପୁରରେ ମଧ୍ୟ ପ୍ଲାଜମା ବ୍ୟାଙ୍କ କରାଯିବା ପାଇଁ ସ୍ଥିର କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ➤ ପୃ-୬

### କଳିଆ ଯୋଜନାରେ ଟଙ୍କା ଫେରାଇବା ପ୍ରସଙ୍ଗ

## 'ଅଯୋଗ୍ୟଙ୍କୁ ଯୋଗ୍ୟ କରିଥିଲା କିଏ'



**ଭୁବନେଶ୍ୱର :** ବିଗତ ୨୦ ବର୍ଷ ଧରି ରାଜ୍ୟରେ ଏକ କୃଷକ ବିରୋଧୀ ସରକାର ଚାଲିଛି। ଶାସକ ବିଜେଡି ନିର୍ବାଚନ ଜିତିବା ଓ କ୍ଷମତା ଆପଣେଇବା ପାଇଁ କାଳିଆ ଯୋଜନା ଲାଗୁ କରିଥିଲା। ଦଳୀୟ କର୍ମୀମାନଙ୍କୁ ହିତାଧିକାରୀ ଚିହ୍ନଟ କରି ଏହି ଯୋଜନା ମାଧ୍ୟମରେ ଟଙ୍କା ବଣ୍ଟାଯାଇଥିଲା। ଆଉ ଏବେ ନିର୍ବାଚନ ସରିବା ପରେ ଅଯୋଗ୍ୟ ହିତାଧିକାରୀ ଚିହ୍ନଟ କରି ଅର୍ଥ ଫେରାଇବା କହି ଚାଷୀଙ୍କ ମନରେ ଭୟର ବାତାବରଣ ସୃଷ୍ଟି କରିବାକୁ ପ୍ରୟାସ କରୁଛି ଶାସକ ବିଜେଡି। ଏବେ କୃଷି ବିଭାଗ ପକ୍ଷରୁ ରାଜ୍ୟର ୨ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀଙ୍କ ପାଖକୁ ଅଯୋଗ୍ୟ ହିତାଧିକାରୀ ଦର୍ଶାଇ ନୋଟିସ ପଠାଯିବା ସହ ୧ ମାସ ଭିତରେ ଟଙ୍କା ପଇଠ କରିବା ପାଇଁ ନିର୍ଦ୍ଦେଶ ରହିଛି। ସମଗ୍ର ରାଜ୍ୟରେ ଏବେ କୋରନା ସଙ୍କଟ ଚାଲିଥିବାବେଳେ ରାଜ୍ୟସରକାରଙ୍କ ଏବେ କାଳିଆ ମାଡ କରି ଚାଷୀମାନଙ୍କୁ ତଳିତଳାନ୍ତ କରିବାକୁ ଷଡଯନ୍ତ୍ର କରୁଛନ୍ତି ବୋଲି ବିଜେପି ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ପ୍ରଦୀପ ପୁରୋହିତ ଅଭିଯୋଗ କରିଛନ୍ତି। କାଳିଆ ଯୋଜନାକୁ ରାଜ୍ୟ ସରକାର ତରବରିଆ ଭାବେ ଆରମ୍ଭ କରିଥିଲେ। ବିନା ବଜେଟରେ ବିନା ଚାଷୀ ତାଲିକାରେ ଠିକ୍ ନିର୍ବାଚନ ପୂର୍ବରୁ ଭୋଟ ➤ ପୃ-୬

### ବକ୍ରବାଣୀ



ସଭିଏଁ କ୍ୟାପଟେନ୍ ମୋ ଦଳରେ
କିଏ ଫିଲ୍ଡିଙ୍ଗ୍ ତ କିଏ କ୍ୟାଚରେ
କିଏ ହେଇଚି ରନଆଉଟ୍‌ରେ
ପୁଣି କିଏ ଅଛି ଛେପ ଘଷାରେ
ମନ ଜାଣି ଫଳ ଦିଏ ସଭିଙ୍କୁ
ଊଣା କରେନାହିଁ କାହା ମନକୁ
ତେଣିକି ମେଏଚ୍ ଜିତେ କି ହାରେ
ମେଡାଲ କିଣିବାରେ ପଇସା ସାରେ
ଦେଖଣାକାରୀଙ୍କୁ ମଦ ପିଏଇ
ଗାଡ଼ୀ ନିଦେ ତାଙ୍କୁ ଦିଏ ଶୁଏଇ।

—— ଟୁଟୁ

# କାହା ବଳରେ ବଳିୟାନ କନଷ୍ଟେବଲ ?



**ଭୁବନେଶ୍ୱର :** ବିଭିନ୍ନ ସମୟରେ କରିତକର୍ମା ସରକାରୀ ଚାକିରିଆଙ୍କୁ ନେଇ ଚର୍ଚ୍ଚା ହୁଏ। କାହାର ଭଲ କାମକୁ ନେଇ ଆଲୋଚନା ହେଉଥିଲା ବେଳେ ଆଉ କେହି ଖରାପ କାମ କରି ଚର୍ଚ୍ଚିତ ହୋଇଥାନ୍ତି। କମିଶନରେଟ୍ ପୋଲିସରେ ଏଭଳି ଜଣେ କରିତକର୍ମା କନଷ୍ଟେବଳ କାର୍ଯ୍ୟ କରୁଛନ୍ତି। ଯାହାଙ୍କ ପୂର୍ବ ଇତିହାସ ଆଦୌ ଭଲ ନଥିଲେ ବି ସେ କିନ୍ତୁ ପୋଲିସ ବିଭାଗରେ ନିଜର ଆଧିପତ୍ୟ ବିସ୍ତାର କରିଚାଲିଛନ୍ତି। ସମ୍ପ୍ରତି ଏହି କନଷ୍ଟେବଳ ଜଣଙ୍କ ନୂଆପଲ୍ଲୀ ଥାନାରେ ରାଇଟର ଭାବେ କାର୍ଯ୍ୟ କରୁଛନ୍ତି। ପଦବୀ ଛୋଟ ହେଲେ ବି ବିଭାଗର ବହୁ ବରିଷ୍ଠ ଅଧିକାରୀଙ୍କ ପାଖରେ ଏହି କନଷ୍ଟେବଳଙ୍କର ପ୍ରଭାବ ଦେଖିବାକୁ ମିଳେ। ଯେଉଁଥିପାଇଁ ସେ ଯାହା କଲେ ବି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୁଏନାହିଁ। ସୂଚନା ଅନୁସାରେ ଏହି ବାବୁ ଜଣଙ୍କ ଖାରବେଳ ନଗର ଥାନାରେ କାର୍ଯ୍ୟ କରୁଥିଲା ବେଳେ ଉକ୍ତ ଥାନାରୁ ଦୁଇଟି ଶୀତତାପ ନିୟନ୍ତ୍ରଣ ଯନ୍ତ୍ର (ଏସି) ଖୋଲି ନେଇଥିଲେ। ସେତେବେଳେ ଏହି ଘଟଣାକୁ ଏସି ଚୋରିର ଆଖ୍ୟା ଦିଆଯାଇ ତଦନ୍ତ କରାଯାଇଥିଲା। ସେତେବେଳେ ଏ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ମଧ୍ୟ ଖବର ପ୍ରକାଶ ପାଇଥିଲା। ଗତବର୍ଷ ଫେବୃଆରୀ ୨୪ ତାରିଖର ଏହି ଘଟଣାଟି ଘଟିଥିଲା। ଯେଉଁ ସମୟରେ ତାଙ୍କର ବଦଳି କରାଯାଇଥିଲା ସେହି ସମୟରେ ସେ ଏହି ଥାନାର ମହିଳା ଓ ଶିଶୁ ଡେସ୍କ ଓ ରିଡର ଉପବିଭାଗରେ ଲାଗିଥିବା ଏସି ଦୁଇଟିକୁ ଖୋଲି ଅଟୋରେ ଲଦି ନେଇଯାଇଥିବା ଉଲ୍ଲେଖ ରହିଛି। ଚୋରକୁ ଜଗିବା ପାଇଁ ପୋଲିସ କାର୍ଯ୍ୟ କରୁଥିଲା ବେଳେ ଥାନା ଭିତରୁ ଏସି ଦୁଇଟି ଚୋରି ହୋଇଥିବା ସତ୍ତ୍ୱେ ତଦନ୍ତ ପରେ ଏଯାବତ୍ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିବାରୁ ଏହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ତେବେ ଆଶ୍ଚର୍ଯ୍ୟର କଥା ଏସି ଦୁଇଟି ଖୋଲାଯିବା ବେଳେ ଥାନାଧିକାରୀ ଏବଂ ଅନ୍ୟାନ୍ୟ କର୍ମଚାରୀ ଥିବା ସତ୍ତ୍ୱେ କେହି ଏହାକୁ ବିରୋଧ କଲେନାହିଁ କାହିଁକି। ପ୍ରଶ୍ନ ଉଠୁଛି ଏସି ଦୁଇଟି ସରକାରୀ ଅର୍ଥରେ ଲାଗିଥିଲା ନା କନଷ୍ଟେବଳ ଜଣଙ୍କ ନିଜ ପଇସାରେ ଏହାକୁ ଥାନାରେ ଲଗାଇଥିଲେ। ଯଦି ଏହା ସରକାରୀ ଅର୍ଥରେ ଲାଗିଥିଲା ତାହାକୁ ଖୋଲିନେବା ପାଇଁ କନଷ୍ଟେବଳ ଜଣକ ସାହସ କଲେ କିପରି। ଯେବେ ନିଜ ପଇସାରେ କନଷ୍ଟେବଳ ଏସି ଦୁଇଟି ଲଗାଇଥିଲେ ସେ କାହା ଅନୁମତିରେ ଥାନା ଭିତରେ ଏସି ଲଗାଇଥିଲେ ଓ ନିଜ ଇଚ୍ଛାରେ ଖୋଲିନେଲେ। ଯେତିକି ସମୟ ଥାନାରେ ଏସି ଚାଲୁଥିଲା ତାହାର ବିଜୁଳି ବିଲ୍ କିଏ ଦେଉଥିଲା ଏ ଦିଗରେ ତଦନ୍ତ କରାଯାଇଛି କି ? ଅନ୍ୟ ଏକ ପ୍ରଶ୍ନ ଉଠୁଛି ଥାନାରେ ବଡବଡ ପଦାଧିକାରୀ ଥାଉ ଥାଉ ଜଣେ କନଷ୍ଟେବଳ ଏତେ ଟଙ୍କା କୁଆଡୁ ପାଇଲା ଯେ, ଏସି କିଣି ଥାନା ଭିତରେ ଲଗାଇ ପାରିଲା। ଯଦିଓ ଏହି ଘଟଣାରେ ତତ୍କାଳୀନ ➤ ପୃ-୬






# ମାମଲାଧିନ ଜମିର କିସମ ପରିବର୍ତ୍ତନ ହେଲା କିପରି !



**ବାରିପଦା,(ସଦାନନ୍ଦ ସାହୁ) :** ବାରିପଦା ତହସିଲ ଅନ୍ତର୍ଗତ ଭୁଗୁଡାକଟା ମୌଜାରେ ଅସମ୍ଭବକୁ ସମ୍ଭବ କରି ବେଆଇନକୁ ଆଇନ କରି ସରଜମିନ ଉପଲବ୍ଧ ହେଉନଥିବା କାଗଜପତ୍ରରେ ପ୍ରସ୍ତୁତ କରାଯାଇଥିବା ଏକ ଜମିର କିସମ ପରିବର୍ତ୍ତନ କରାଯାଇଥିବାର ଅନୁସନ୍ଧାନରୁ ଜଣାପଡିଛି। ମିଳିଥିବା ସୂଚନା ଅନୁସାରେ ବାରିପଦା ସହରର କେତେ ଜଣ ଜମି ଦଲାଲ୍, ଅସାମାଜିକ ବ୍ୟକ୍ତି, ଅର୍ଥଲୋଭୀ ଜମି ପଟ୍ଟାଧାରୀ ଏବଂ ବାରିପଦା ତହସିଲ କାର୍ଯ୍ୟାଳୟର ସେତେବେଳର ରାଜସ୍ୱ ନିରୀକ୍ଷକ ମୋହିତ ଲାଲ୍ ପାତ୍ରଙ୍କ ସହଯତାରେ ସରଜମିନ ଉପଲବ୍ଧ ହେଉନଥିବା ଏକ ଜମିକୁ ଜାଲ, ମିଥ୍ୟା ଦଖଲ ରେକର୍ଡ ଅଧାରରେ କିଣା ବିକା କରାଯାଇଥିଲା। ରାଜସ୍ୱ ନିରୀକ୍ଷକ ଅଫିସରେ ବସି ତାଙ୍କ ପଦବୀର ଅପବ୍ୟବହାର କରି ଜାଲ ଦଖଲ ରେକର୍ଡ ପ୍ରସ୍ତୁତ କରି ମ୍ୟୁଟେସନ କେଶ ଫୈସଲା କରିଥିବାବେଳେ ବାରିପଦା ତହସିଲଦାର ଜମି ପଟ୍ଟା ଯୋଗାଇ ଦେଇଛନ୍ତି। କିଣାବିକା କରାଯାଇଥିବା ଉକ୍ତ ଜମିର ପ୍ଲଟ ନମ୍ବର -୩୯୫/୨୫୭୪, ଖାତା-୩୨୩/୧୦୫୬ ଏବଂ କ୍ରେତା ସମୀର ପାତ୍ର, ରାଜେଶ ପାତ୍ର, ପିତା ସନ୍ୟାସୀ ଚରଣ ପାତ୍ର ଏବଂ ପ୍ଲଟର କିଣାବିକା କାର୍ଯ୍ୟ ତା.୧୮.୦୨.୨୦୧୩ ରିଖରେ ହୋଇଥିବାବେଳେ କିଣିବା ପୂର୍ବରୁ କିମ୍ବା କିଣିବା ପରଠାରୁ ଆଜି ପର୍ଯ୍ୟନ୍ତ କ୍ରେତା, ବିକ୍ରେତା କିମ୍ବା ବାରିପଦା ତହସିଲ କାର୍ଯ୍ୟାଳୟ ତରଫରୁ ଉକ୍ତ ପ୍ଲଟର ଚିହ୍ନଟ କାର୍ଯ୍ୟ କରାଯାଇନଥିବାର ଜଣାପଡିଛି। ଏହାଛଡା ଜମିର କିସମ ଡାହି ଦୁଇ କିସମ ଦର୍ଶାଯାଇ ବିକ୍ରୟ କାର୍ଯ୍ୟ ସଂପାଦନ କରାଯାଇଥିବାବେଳେ ସବୁ ଅସମ୍ଭବକୁ ସମ୍ଭବ କରି ବେଆଇନକୁ ଆଇନ କରି ସରଜମିନ ଉପଲବ୍ଧ ହେଉନଥିବା କେବଳ କାଗଜପତ୍ରରେ ପ୍ରସ୍ତୁତ କରାଯାଇଥିବା ଉକ୍ତ ପ୍ଲଟର କିସମକୁ ଗତ ଡିସେମ୍ବର ୨୦୧୯ ରେ ପରିବର୍ତନ କରାଯାଇ ଘରବାରି କିସମ କରାଯାଇଛି (**O.L.R 8 (A) Case No-250/2019 (LRMS No-2237/2019**) । କିସମ ପରିବର୍ତନ ପୂର୍ବରୁ ନିମାନୁସାରେ ସ୍ଥାନୀୟ ଅଂଚଳର ଜନସାଧାରଣଙ୍କ ନିମନ୍ତେ କୌଣସି ନୋଟିସ ଦିଆନଯାଇ ସଂପୂର୍ଣ୍ଣ ଆଇନ ଉଲଂଘନ କରାଯାଇଥିବାବେଳେ କାଗଜ ପତ୍ରରେ ପ୍ରସ୍ତୁତ ଉକ୍ତ ପ୍ଲଟର ପୂର୍ବ ପଟୁ ତିନି ଡେସିମିଲ୍ ଜାଗା ଉପରେ ସାଧାରଣ ଜନତାଙ୍କ ଯିବା ଆସିବା ନିମନ୍ତେ ସରକାରୀ ପିଚୁରାସ୍ତା ଏବଂ ପାଣି ନିଷ୍କାସନ ପାଇଁ କ୍ରଂକ୍ରିଟ୍ ନାଳ ଦୀର୍ଘ ବର୍ଷ ଧରି ରହିଛି। ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁସାରେ ୧୯୭୩ ମସିହାଠାରୁ ଏହି ରାସ୍ତା ଏବଂ ନାଳର ବ୍ୟବସ୍ଥା ରହି ଆସିଛି। ଉକ୍ତ ପ୍ଲଟର ଉତ୍ତର ➤ ପୃ-୬

## କେମିତି କଟିବ ଏ ସପ୍ତାହ

**ମେଷ** ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ମିଳିବ। ଛାତ୍ରଛାତ୍ରୀମାନେ ପାଠପଢ଼ାରେ କୃତିତ୍ୱ ଲାଭ କରିବେ। ନୂତନ କର୍ମରେ ଯୋଗ ଦେବାର ସମୟ ଆସିବ। ଯାନବାହନ ଠାରୁ ଦୂରେଇ ରୁହନ୍ତୁ। ରାଜନୈତିକ ବ୍ୟକ୍ତିମାନେ ସତର୍କତା ଅବଲମ୍ବନ କରିବା ଜରୁରୀ।

**ବୃଷ** ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଆସିପାରେ। ନୂତନ ଗୃହ ନିର୍ମାଣ କରିବାର ସମୟ ଆସିବ। ରାଜନୈତିକ ବ୍ୟକ୍ତିମାନେ ସତର୍କତା ରହିବେ। ବ୍ୟବସାୟ କ୍ଷେତ୍ରରେ ଅଧିକ ଲାଭବାନ ହେବେ। ବିବାହ ଆଶାୟୀମାନେ ବିଫଳତା ହେବେ।

**ମିଥୁନ** ଗୃହରେ ଶାନ୍ତିର ବାତାବରଣ ବଜାୟ ରହିବ। ବୈବାହିକ ଜୀବନ ସୁଖମୟ ହେବ। ମାନସିକ ସୁସ୍ଥତା ଅନୁଭବ କରିବେ। ବିଦ୍ୟାର୍ଥୀମାନେ ଅଧିକ କୃତିତ୍ୱ ହାସଲ କରିବେ। ବଡ କମ୍ପାନୀରେ ଚାକିରି ମିଳିପାରେ।

**କର୍କଟ** କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କଠାରୁ ପ୍ରଶଂସିତ ହେବେ। ବନ୍ଧୁଙ୍କ ସହ ମନମାଳିନ୍ୟ ହେବ। ବିବାହ ଆଶାୟୀମାନେ ଅଶୁଭଫଳ ପାଇବେ। ରାଜନୈତିକ ବ୍ୟକ୍ତିମାନେ ସତର୍କତା ରୁହନ୍ତୁ।

**ସିଂହ** ଧର୍ମାନୁଷ୍ଠାନରେ ସମୟ ଅତିବାହିତ ହେବ। ପୂଜାପାଠରେ ମନ ଅଧିକ ଲାଗିରହିବ। ଧନପ୍ରାପ୍ତିର ସୁଯୋଗ ରହିଛି। ନୂତନ କର୍ମକ୍ଷେତ୍ରରେ ଯୋଗ ଦେବେ। ରାଜନୈତିକ ବ୍ୟକ୍ତିମାନେ ଅସଫଳ ହେବେ।

**କନ୍ୟା** ବୈବାହିକ ଜୀବନ ଶାନ୍ତିରେ କଟିବ। ମାତାପିତାଙ୍କ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ସମାଜ ସେବାରେ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସହ କଳହ ଉପୁଜିପାରେ। ବ୍ୟବସାୟରେ ଆଶାଠାରୁ କମ୍ ଲାଭବାନ୍ ହେବେ।

**ତୁଳା** କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ଅଧିକ ସମ୍ଭାବନା ରହିଛି। କୋର୍ଟକଚେରୀ ମାମଲାର ସମାଧାନ ଘଟିବ। ଆର୍ଥିକ ସ୍ୱଚ୍ଛଳତା ଦେଖାଦେବ। ଛାତ୍ରଛାତ୍ରୀମାନେ ପ୍ରଶଂସିତ ହେବେ।

**ବିଛା** ଜମିଜମା ବିବାଦ ଲାଗିରହିବ। କର୍ମକ୍ଷେତ୍ରରେ ପଦୋନ୍ନତି ଘଟିପାରେ। ଗୃହରେ ଶାନ୍ତି ବଜାୟ ରହିବ। ନୂତନ ବନ୍ଧୁଙ୍କଠାରୁ ସାହାଯ୍ୟ ମିଳିପାରେ। ନୂତନ ଯାନ କ୍ରୟ କରିପାରନ୍ତି। ବ୍ୟବସାୟରେ ଅଧିକ ଲାଭବାନ ହେବେ।

**ଧନୁ** ଆର୍ଥିକ ସ୍ୱଚ୍ଛଳତା ଦେଖାଦେବ। ଛାତ୍ରଛାତ୍ରୀମାନେ ପ୍ରଶଂସିତ ହେବେ। ପରିବାରରେ ଏକତା ଓ ମାନସିକ ଶାନ୍ତି ବଢ଼ିବ। ଭାଇଙ୍କ ସହଯୋଗରେ ଆୟର ନୂତନ ସ୍ରୋତ ପ୍ରସ୍ତୁତ ହେବ। ରାଜନୀତିରେ ଆଧିପତ୍ୟ ବଢ଼ିବ।

**ମକର** ପାରିବାରିକ କଳହରୁ ମୁକ୍ତି ପାଇବେ। କର୍ମକ୍ଷେତ୍ରରେ ପଦୋନ୍ନତି ହୋଇପାରେ। ନୂତନ ଯାନ କ୍ରୟ କରିପାରନ୍ତି। ଆଶା କରିଥିବା କର୍ମରେ ଶୁଭଫଳ ମିଳିବ। ତୀର୍ଥସ୍ଥାନ ଭ୍ରମଣ କରିବାର ସୁଯୋଗ ଆସିବ।

**କୁମ୍ଭ** ନୂତନ କର୍ମରେ ଯୋଗ ଦେଇ ସଫଳତା ଲାଭ କରିବେ। ପଡି ରହିଥିବା ବିବାଦର ସମାଧାନ ହେବ। ଗୃହରେ ମାଙ୍ଗଳିକ କାର୍ଯ୍ର ହେବାର ସୂଚନା ଅଛି। ଛାତ୍ରଛାତ୍ରୀମାନେ ଶୁଭଫଳ ପ୍ରାପ୍ତ ହେବେ। ଅର୍ଥନୈତିକ ପରିସ୍ଥିତି ସୁଧୁରିବ।

**ମୀନ** ଧନ ବୃଦ୍ଧିର ଶୁଭ ସଙ୍କେତ ମିଳିପାରେ। କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ। ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ଶୁଭଫଳ ପାଇବେ। ବନ୍ଧୁମିଳନ ଘଟିପାରେ।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧


# ଅଗଷ୍ଟ ୫ରେ ରାମ ମନ୍ଦିର ନିର୍ମାଣ ପାଇଁ ଭୂମି ପୂଜନ

**ନୂଆଦିଲ୍ଲୀ :** ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ କାମ ଆରମ୍ଭ କରିବା ପାଇଁ ପ୍ରଶାସନ ଓ ସରକାର ଜୋରଦାର ପ୍ରୟାସ କରିଚାଲିଛି। ଏବେ ମିଳିଥିବା ସୂଚନା ଅନୁଯାୟୀ, ଅଗଷ୍ଟ ୫ ତାରିଖ ମଧ୍ୟାହ୍ନ ୧୨.୩୦ରେ ହିଁ ମନ୍ଦିର ନର୍ମାଣ ପାଇଁ ଭୂମି ପୂଜନ କରାଯିବ। ଏହାପରେ ବିଧିବଦ୍ଧ ଭାବେ ମନ୍ଦିର ନିର୍ମାଣ କାମ ଆରମ୍ଭ ହେବ। ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ ପାଇଁ ଅନୁଷ୍ଠିତ ଭୂମି ପୂଜନର ଶୁଭାରମ୍ଭ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କରିବେ। ବିଭିନ୍ନ ପୂଜକ ଓ ଜ୍ୟୋର୍ତିରବିଦଙ୍କ ପରାମଶ୍ରକ୍ରମେ ପ୍ରଶାସନ ପକ୍ଷରୁ ଏଭଳି କାର୍ଯ୍ୟକ୍ରମ ସୂଚୀ ପ୍ରସ୍ତୁତ କରାଯାଇଛି। ଅନ୍ୟପକ୍ଷରେ ଭବ୍ୟ ରାମ ମନ୍ଦିର ଭୂମି ପୂଜନ ପାଇଁ ବିଶ୍ୱ ହିନ୍ଦୁ ପରିଷଦ ଦେଶର ୧୧ଟି ଧାର୍ମିକ ସ୍ଥଳରୁ ମାଟି ସଂଗ୍ରହ କରିଥିଲା। ଏବେ ଏଗୁଡିକୁ ପରିଷଦ ପକ୍ଷରୁ ଅଯୋଧ୍ୟାକୁ ପଠାଯାଇଛି। ତେଣୁ ଭୂମିକ ପୂଜନ କରିବା ପାଁ ଜୋରସୋରରେ କାମ ଆରମ୍ଭ ହୋଇଯାଇଛି। ତେବେ ଜ୍ୟୋତିପୀଠର ଶଙ୍କରାଚାର୍ଯ୍ୟ ସ୍ୱାମୀ ସ୍ୱରୂପାନନ୍ଦ ଭୂମି ପୂଜନର ସମୟକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଭୂମି ପୂଜନ ପାଇଁ ଯେଉଁ ସମୟ ଧାର୍ଯ୍ୟ କରାଯାଇଛି, ତାହା ହିନ୍ଦୁ ପଞ୍ଜିକାରେ ଆଦୌ ଗ୍ରହଣୀୟ ନୁହେଁ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ବିଶ୍ୱ ହିନ୍ଦୁ ପରିଷଦର କାର୍ଯ୍ୟକାରୀ ସଭାପତି ଆଲୋକ କୁମାର କହିଛନ୍ତି, ବାରଣାସୀ ଓ ଅଯୋଧ୍ୟାର ପ୍ରଖ୍ୟାତ ପଣ୍ଡିତ ଏବଂ ଜ୍ୟୋର୍ତିରବିଦଙ୍କ ପରାମର୍ଶକ୍ରମେ ଭୂମି ପୂଜନ କାର୍ଯ୍ୟକ୍ରମ ପାଇଁ ସମୟ ଧାର୍ଯ୍ୟ କରାଯାଇଛି। ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟର ସ୍ୱାମୀ ଗୋବିନ୍ଦ ଦେବଜୀ ମହାରାଜ କେବେ ଭୂମି ପୂଜନ ହେବ ସେନେଇ ଅଯୋଧ୍ୟା ଓ ବାରଣାସୀର ବିଭିନ୍ନ ପଣ୍ଡିତଙ୍କ ସହ କଥା ହୋଇଥିଲେ। ଏହାପରେ




ସବୁ କିଛି ସ୍ଥିର କରାଯାଇଛି। ଅଗଷ୍ଟ ୫ର ମଧ୍ୟାହ୍ନ ୧୨.୩୦ ହିଁ ହେଉଛି ଭୂମି ପୂଜନର ଉପଯୁକ୍ତ ସମୟ ବୋଲି ସେ କହିଛନ୍ତି। ୧୬୧ ଫୁଟ ଉଚ୍ଚର ଭବ୍ୟ ରାମ ମନ୍ଦିର ନିର୍ମାଣର ଭୂମି ପୂଜନ ପାଇଁ ଟ୍ରଷ୍ଟ ପକ୍ଷରୁ ମୋଦିଙ୍କ ସମେତ ଏଲକେ ଆଡଭାନୀ,ମୁରଲୀ ମନୋହର ଯୋଶୀ, କଲ୍ୟାଣ ସିଂହ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ଆରଏସ୍ଏସ୍ ମୁଖ୍ୟ ମୋହନ ଭାଗବତ ଓ ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଭଳି ବ୍ୟକ୍ତିବିଶେଷଙ୍କୁ ନିମନ୍ତ୍ରଣ କରାଯାଇ। ତେବେ କରୋନା ମହାମାରୀ ବେଳେ ଏଭଳି ଭୂମି ପୂଜନକୁ ନେଇ ପ୍ରଶ୍ନ ଉଠିଛି। ତେଣୁ ଭୂମି ପୂଜନରେ ଭିଡ ନ କରିବାକୁ କୁହାଯାଇଛି। ସେହିପରି ଶ୍ରଦ୍ଧାଳୁଙ୍କ ପାଇଁ ପୂଜରା କାର୍ଯ୍ୟକ୍ରମର ସିଧାପ୍ରସାରଣ କରାଯିବ ବୋଲି ଜଣାପଡିଛି।

## ସୀମାରୁ ସେନା ପ୍ରତ୍ୟାହାର ପାଇଁ ଭାରତ-ଚୀନ୍ ରାଜି

**ନୂଆଦିଲ୍ଲୀ :** ପୂର୍ବ ଲଦାଖର ବିବାଦୀୟ ଅଞ୍ଚଳରୁ ଯଥାଶୀଘ୍ର ସେନା ପ୍ରତ୍ୟାହାର କରି ସଂପୃକ୍ତ ଅଞ୍ଚଳରେ ଶାନ୍ତିର ବାତାବରଣ ଫେରାଇ ଆଣିବାକୁ ଶୁକ୍ରବାର ଭାରତ ଓ ଚୀନ୍ ପକ୍ଷରୁ ପୁଣି ଥରେ ସହମତି ପ୍ରକାଶ ପାଇଛି। କେବଳ ଏହି ଅଞ୍ଚଳରେ ନୁହେଁ, ସୀମାନ୍ତ ଅଞ୍ଚଳରେ ଶାନ୍ତି ଓ ସ୍ଥିରତା ରକ୍ଷା ଲାଗି ମଧ୍ୟ ଉଭୟ ପକ୍ଷ ଉଦ୍ୟମ ଆରମ୍ଭ କରିବା ସହିତ ଦ୍ୱିପାକ୍ଷିକ ସମ୍ପର୍କରେ ଉନ୍ନତି ଆଣିବା ନେଇ ମଧ୍ୟ ରାଜି ହୋଇଛନ୍ତି। ଶୁକ୍ରବାର ଭାରତ ଓ ଚୀନ୍ ମଧ୍ୟରେ ୱାର୍କିଂ ମେକାନିଜିମ୍ ଫର୍ କନସଲଟେସନ୍ ଆଣ୍ଡ କୋଅର୍ଡିନେସନ (ଡବ୍ଲ୍ୟୁଏମ୍ସିସି) ବ୍ୟବସ୍ଥାରେ ଅନ୍ଲାଇନ୍ ମାଧ୍ୟମରେ କୂଟନୈତିକସ୍ତରରେ ଆଲୋଚନା କରାଯାଇଥିବା ବେଳେ ଲଦାଖ ଅଞ୍ଚଳର ସ୍ଥିତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ଗତ ୧୪ ତାରିଖରେ ଉଭୟ ପକ୍ଷର କମାଣ୍ଡର ସ୍ତରରେ ଘନ ଘନ ବୈଠକ ଅନୁଷ୍ଠିତ ହୋଇଥିଲେ ମଧ୍ୟ ସୀମାନ୍ତ ଅଞ୍ଚଳରୁ ସେନା ପ୍ରତ୍ୟାହାର କରାଯାଉ ନାହିଁ ବୋଲି ବିଭିନ୍ନ ମହଲରେ ରିପୋର୍ଟ ପ୍ରକାଶ ପାଇଥିଲା। ତେବେ ଏହାକୁ ନେଇ ଶୁକ୍ରବାର ଉଭୟ ପକ୍ଷ ମଧ୍ୟରେ ସାନି ଆଲୋଚନା କରାଯାଇଥିଲା ବେଳେ ସୀମାନ୍ତରୁ ଯଥାଶୀଘ୍ର ଭାରତ ଓ ଚୀନ୍ ସେମାନଙ୍କ ସେନା ଅପସରଣ କରିବେ ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ ଗତ ୫ ତାରିଖରେ ଉଭୟ ପକ୍ଷରୁ ସ୍ୱତନ୍ତ୍ର ପ୍ରତିନିଧି ଭାବେ ଭାରତର ରାଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତା ଅଜିତ୍ ଡୋଭାଲ ଏବଂ ଚୀନ୍ର ବୈଦେଶିକ ମନ୍ତ୍ରୀ ୟାଙ୍ଗ ୟି' ସେନା ପ୍ରତ୍ୟାହାର ନେଇ ପ୍ରାୟ ଦୁଇ ଘଣ୍ଟାଧରି ଆଲୋଚନା କରିଥିଲେ। ସେମାନଙ୍କ ମଧ୍ୟରେ ହୋଇଥିବା ଆଲୋଚନା ଏବଂ ସର୍ତ୍ତ ଅନୁସାରେ ଉଭୟ ପକ୍ଷ ସେନା ପ୍ରତ୍ୟାହାର କରିବା ନେଇ ଅଗ୍ରସର ହେବେ ବୋଲି ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

## ମାସ୍କ ନ ପିନ୍ଧିଲେ ୧ଲକ୍ଷ ଜରିମାନା, ୨ ବର୍ଷ ଜେଲ୍

**ରାଞ୍ଚି :** ଝାଡ଼ଖଣ୍ଡ ସରକାରଙ୍କ କୋଭିଡ୍-୧୯ କଟକଣା ନିୟମ ଉଲ୍ଲଙ୍ଘନ କଲେ, ଦୋଷୀ ବ୍ୟକ୍ତିଙ୍କୁ ୨ ବର୍ଷ ଜେଲଦଣ୍ଡ ଭୋଗିବାକୁ ପଡ଼ିବ। ତା' ସହିତ ଜୋରିମାନା ବାବଦକୁ ଏକ ଲକ୍ଷ ଟଙ୍କା ଦେବାକୁ ପଡ଼ିବ। ବିଶେଷ କରି ଲକ୍ଡାଉନ୍ ଘୋଷିତ ଅଞ୍ଚଳରେ ସରକାରଙ୍କର ଏହି ଘୋଷଣାନାମାକୁ ପ୍ରାଧାନ୍ୟ ଦିଆଯାଇଛି। ଝାଡ଼ଖଣ୍ଡ କ୍ୟାବିନେଟ୍ରେ ଗୃହୀତ ହୋଇଛି ଝାଡ଼ଖଣ୍ଡ କୋଣ୍ଟାଜିଅସ୍ ଡିଜିଜ୍ ଅର୍ଡିନାନ୍ସ ୨୦୨୦। ଉକ୍ତ ପ୍ରସ୍ତାବ ଅନୁଯାୟୀ କୋଭିଡ୍-୧୯ କଟକଣା ପାଳନ କରୁନଥିବା ଲୋକଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ବ୍ୟବସ୍ଥା ରହିଛି। ସାଧାରଣ ସ୍ଥାନରେ ମାସ୍କ ଧାରଣ, ସାମାଜିକ ଦୂରତା ରକ୍ଷା, ଅଫିସ୍ ଓ ଦୋକାନରେ ଗହଳିଠାରୁ ଦୂରତ୍ୱ ରକ୍ଷା, ସାଧାରଣ ସ୍ଥାନରେ ଛେପ, ଖଙ୍କାର, ପାନ ପିକ ନପକାଇବାକୁ ପରାମର୍ଶ ଦିଆଯାଇଛି। ସରକାରଙ୍କ ପରବର୍ତ୍ତୀ ନିର୍ଦ୍ଦେଶନାମା ପ୍ରକାଶ ନପାଇବା ପର୍ଯ୍ୟନ୍ତ କୋଣ୍ଟାଜିଅସ୍ ଡିଜିଜ୍ ଅର୍ଡିନାନ୍ସ ୨୦୨୦ ଆଇନର ବୈଧତା ଜାରି ରହିବ ବୋଲି ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ କହିଛନ୍ତି। ତାଙ୍କ ସୂଚନା ମୁତାବକ ସମୟ ସମୟରେ ଲୋକଙ୍କ ଧନଜୀବନ ପ୍ରତି ସଙ୍କଟ ପରିସ୍ଥିତି ଉପୁଜିଲେ, ସରକାରଙ୍କୁ କଠୋର ଆଭିମୁଖ୍ୟ ପୋଷଣ କରିବାକୁ ପଡ଼ିବ। ଝାଡ଼ଖଣ୍ଡ କ୍ୟାବିନେଟ୍ ସଚିବ ଅଜୟ କୁମାର କହିଛନ୍ତି ଯେ ଅନେକ



ସମୟରେ ଲୋକମାନେ କୋଭିଡ୍-୧୯ କଟକଣାକୁ ପାଳନ କରୁନଥିବାର ଦେଖାଯିବାରୁ ସରକାର ଏପରି ପଦକ୍ଷେପ ଗ୍ରହଣ କରିବାକୁ ବାଧ୍ୟ ହୋଇଛନ୍ତି। ବୁଧବାର ଝାଡ଼ଖଣ୍ଡ କ୍ୟାବିନେଟ୍ରେ ପ୍ରାୟ ୩୯ଟି ପ୍ରସ୍ତାବ ଗୃହୀତ ହୋଇଯାଇଛି। ସେଗୁଡ଼ିକ ମଧ୍ୟରୁ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ହେଉଛି, ଝାଡ଼ଖଣ୍ଡ ବୋର୍ଡ଼ ଅଧୀନରେ ଦଶମ-ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ଶ୍ରେଷ୍ଠ ସ୍ଥାନ ଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ଆର୍ଥିକ ସହାୟତା ପ୍ରଦାନ ବ୍ୟବସ୍ଥା। ସିବିଏସ୍ଇ ଓ ଆଇସିଏସ୍ଇ ବୋର୍ଡ଼ ପରୀକ୍ଷାରେ ଶୀର୍ଷ ସ୍ଥାନ ଦଖଲ କରିଥିବା ପିଲାମାନଙ୍କୁ ମଧ୍ୟ ପୁରସ୍କୃତ କରାଯିବ। ଦଶମ ବୋର୍ଡ଼ ପରୀକ୍ଷାରେ ଶୀର୍ଷ ସ୍ଥାନ ଦଖଲ କରିଥିବା ଛାତ୍ରଛାତ୍ରୀଙ୍କୁ ୧ ଲକ୍ଷ ଟଙ୍କା ଓ ଦ୍ୱିତୀୟ ସ୍ଥାନରେ ଥିବା ଛାତ୍ରଛାତ୍ରୀଙ୍କୁ ୭୫ ହଜାର ଟଙ୍କା ଦିଆଯିବ।

### ନିର୍ବାଚନ କମିଶନଙ୍କ ନିଷ୍ପତ୍ତି

## ଖୁବ୍ଶୀଘ୍ର ହେବ ଉପନିର୍ବାଚନ

**ନୂଆଦିଲ୍ଲୀ :** ଦେଶରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିଛି। ଏହାରି ଭିତରେ ଓଡ଼ିଶା ସମତେ ଦେଶରେ ଖାଲି ପଡିଥିବା ୫୬ ବିଧାନସଭା ଏବଂ ଗୋଟିଏ




ଲୋକସଭା ଆସନ ପାଇଁ ଉପନିର୍ବାଚନ ହେବ। ଶୁକ୍ରବାର ନିର୍ବାଚନ କମିଶନ ଏ ନେଇ ବୈଠକ କରି ନିଷ୍ପତ୍ତି ନେଇଛନ୍ତି। ଓଡ଼ିଶାରେ ବାଲେଶ୍ୱର ସଦର ବିଧାୟକ ମଦନମୋହନ ଦତ୍ତ ଏବଂ ଜଗତସିଂହପୁର ତିର୍ତ୍ତୋଲ ବିଧାୟକ ବିଷ୍ଣୁ ଦାସଙ୍କ ଦେହାନ୍ତ ପରେ ଏହି ଦୁଇଟି ଆସନ ଖାଲି ପଡିଛି। ଓଡ଼ିଶା ବ୍ୟତୀତ ପଶ୍ଚିମବଙ୍ଗର ୪ ବିଧାନସଭା, ମଣିପୁରର ୧୧, ପୁଡୁଚେରୀର ଗୋଟିଏ, କର୍ଣ୍ଣାଟକର ଦୁଇ ଆସନ, ଉତ୍ତରପ୍ରଦେଶର ୪ ବିଧାନସଭା ଆସନ ପାଇଁ ହେବ ଉପନିର୍ବାଚନ। ଏନେଇ ନିର୍ବାଚନ କମିଶନ ନିଷ୍ପତ୍ତି ନେଇଛନ୍ତି। ଏହାସହିତ ମଧ୍ୟପ୍ରଦେଶର ୨୪ ବିଧାନସଭା ଆସନ ପାଇଁ ଉପନିର୍ବାଚନ ହେବ। ଏଥିମଧ୍ୟରୁ ଦୁଇଟି ଆସନ ଜୋରା ଏବଂ ଆଗର ମାଲୱା ଆସନ ରହିଛି। ଏହି ଦୁଇ ଆସନରେ ବିଜେପି ଏବଂ କଂଗ୍ରେସ ବିଧାୟକଙ୍କ ଦେହାନ୍ତ ହୋଇଛି। ଏହି ଦୁଇ ଆସନ ୬ ମାସରୁ ଅଧିକ ଦିନ ହେବ ଖାଲି ପଡିଛି। କରୋନା ମହାମାରୀ ପାଇଁ ଏହି ଆସନରେ ନିର୍ବାଚନ ସମ୍ଭବ ହୋଇପାରିନାହିଁ। ଆଉ ୨୨ ଆସନରେ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କ ସମର୍ଥକ ମାର୍ଚ୍ଚରେ ବିଧାୟକ ପଦବୀରୁ ଇସ୍ତଫା ଦେଇ ବିଜପିରେ ମିଶିଛନ୍ତି। ତେବେ ଉପନିର୍ବାଚନ ତାରିଖ ନେଇ କୌଣସି ସୂଚନା ମିଳିନାହିଁ।

## ଭାରତକୁ ଆସିବ ହ୍ୟାମର୍ ମିସାଇଲ୍

**ନୂଆଦିଲ୍ଲୀ :** ଫ୍ରାନ୍ସଠାରୁ ଆକାଶରୁ ଭୂପୃଷ୍ଠକୁ ନିକ୍ଷେପ କରାଯାଇପାରୁଥିବା ମଧ୍ୟମ ଦୂରବର୍ତ୍ତୀ କ୍ଷମତା ସମ୍ପନ୍ନ ହ୍ୟାମର ମିସାଇଲ୍ କିଣିବା ପାଇଁ ଭାରତୀୟ ବାୟୁସେନା ବିଚାର କରିଛି। ଚୀନ ସହିତ ସୀମା ବିବାଦ ଉପୁଜିବା ପରଠାରୁ ବାୟୁସେନାକୁ ଅଧିକ ଶକ୍ତିଶାଳୀ କରିବା ପାଇଁ ଭାରତ ସରକାର ନିଷ୍ପତ୍ତି ନେଇଛନ୍ତି। ଜୁଲାଇ ଶେଷସୁଦ୍ଧା ଭାରତ ଫ୍ରାନ୍ସଠାରୁ ଲଢୁଆ ରାଫେଲ୍ ଜେଟ୍ ପାଇଯିବ। ମାତ୍ର ରାଫେଲ୍ ଭଳି ଦୁର୍ଦ୍ଧର୍ଷ ଲଢୁଆ ଜେଟ୍କୁ ହ୍ୟାମର ଭଳି ମରଣାନ୍ତକ ମିସାଇଲ୍ ଉପଯୁକ୍ତ ବୋଲି ବାୟୁସେନା ଲକ୍ଷ୍ୟ କରିଛି। ଫ୍ରାନ୍ସର ବାୟୁସେନା ଓ ନୌସେନା ହ୍ୟାମର ମିସାଇଲ୍ ବ୍ୟବହାର କରୁଛନ୍ତି। ଭାରତୀୟ ଯୁଦ୍ଧ ବିଶାରଦଙ୍କ ମତରେ ପୂର୍ବ ଲଦାଖରେ ଶତ୍ରୁପକ୍ଷର ବଙ୍କର ଓ ଅଭେଦ୍ୟ ଗଡ଼କୁ ମାଟିରେ ମିଶାଇ ଦେବା ପାଇଁ ହ୍ୟାମର ମିସାଇଲ୍ ହିଁ ଯୋଗ୍ୟ ଅସ୍ତ୍ର। ୨୦୦୭ ଜୁନରେ ପ୍ୟାରିସ୍ ଏୟାର ଶୋ'ରେ ପ୍ରଥମେ ହ୍ୟାମର ମିସାଇଲ୍କୁ ଦେଖିବାକୁ ମିଳିଥିଲା। ପରେ ୨୦୧୩ ଫେବୃଆରୀରେ ଆବୁଧାବିରେ ଅନୁଷ୍ଠିତ ଅନ୍ତର୍ଜାତୀୟ ପ୍ରତିରକ୍ଷା ପ୍ରଦର୍ଶନୀରେ ମଧ୍ୟ ହ୍ୟାମର ମିସାଇଲ୍ ମହଜୁଦ ଥିଲା। ଠିକ ତା' ପରବର୍ଷ ନୂଆଦିଲ୍ଲୀରେ ଅନୁଷ୍ଠିତ ପ୍ରତିରକ୍ଷା ପ୍ରଦର୍ଶନୀରେ ହ୍ୟାମର ଲେଜର ମିସାଇଲ ସିଷ୍ଟମ ଦେଖିବାକୁ ମିଳିଥିଲା। ରାଫେଲ ଜେଟ୍ରେ ଏକା ସମୟରେ ୬ଟି ହ୍ୟାମର ମିସାଇଲ୍ ଖଞ୍ଜାଯାଇପାରିବ। ଏହି ମିସାଇଲ୍ର ଲମ୍ବ ୩ ମିଟର ଓ ଓଜନ ୩୩୦ କିଲୋଗ୍ରାମ। ଆକାଶ ମାର୍ଗରୁ ଭୂପୃଷ୍ଠ ଆଡ଼କୁ ଲକ୍ଷ୍ୟ କରି ପ୍ରାୟ ୬୦ କିଲୋମିଟର ଦୂରତା ଭିତରେ ଉକ୍ତ ମିସାଇଲ୍ ଭଲ କାମ କରିବ। ସ୍ୱଳ୍ପମୂଲ୍ୟରେ ଶକ୍ତିଶାଳୀ ମିସାଇଲ୍ ଭାବେ ହ୍ୟାମରର ସ୍ୱତନ୍ତ୍ର ପରିଚୟ ରହିଛି। ଏହି ମିସାଇଲ୍ ରକ୍ଷଣାବେକ୍ଷଣରେ ବେଶୀ କିଛି ଅସୁବିଧା ନଥାଏ ବୋଲି ନିର୍ମାତା ସାଫ୍ରାନ୍ ଗ୍ରୁପ ଦାବି କରନ୍ତି।

## ଭାରତ-ବ୍ରିଟେନ ପ୍ରଥମ ମୁକ୍ତ ବାଣିଜ୍ୟ ବୁଝାମଣା

**ଲଣ୍ଡନ :** ବ୍ରେକ୍ଜିଟ୍ ରାଜିନାମା ଫଳରେ ୟୁରୋପୀୟ ସଂଘରୁ ବାଦ ପଡ଼ିବା ପରେ ପ୍ରଥମ ଥର ପାଇଁ ବ୍ରିଟେନ୍ ଭାରତ ସହିତ ବାଣିଜ୍ୟ ରାଜିନାମା କରିବାକୁ ଅଣ୍ଟା ଭିଡିଛି। ଡିସେମ୍ବର ୩୧ରେ ୟୁରୋପୀୟ ସଂଘ (ଇୟୁ) ଓ ବ୍ରିଟେନ୍ ମଧ୍ୟରେ ସବୁ ସମ୍ପର୍କ ଛିନ୍ନ ହୋଇଥିଲା। ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିସ ଜନ୍ସନ୍ ଯୁକ୍ତରାଷ୍ଟ୍ର ଆମେରିକା ଆଡ଼କୁ ଦୃଷ୍ଟି ପକାଇଥିଲେ ମଧ୍ୟ କୋଭିଡ୍-୧୯ ମହାମାରୀ ସେଥିରେ ବାଧକ ସାଜିଥିଲା। ଖୋଦ ଜନ୍ସନ୍ କୋଭିଡ୍-୧୯ରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଥିଲାବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦ୍ୱିତୀୟ ପାଳି ରାଷ୍ଟ୍ରପତି ହେବା ନିଶାରେ



ମସଗୁଲ ରହିଲେ। ଏପରିକି ନିଜ ଦେଶରେ କରୋନା ମହାମାରୀର ମହାପ୍ରଳୟକୁ ରୋକିପାରିଲେନି ଟ୍ରମ୍ପ। ଏବେ ଭାରତ ସହିତ ମାସାଧିକ କାଳ ଆଲୋଚନା କରିବା ପରେ ଭାରତବ୍ରିଟେନ ମଧ୍ୟରେ ମୁକ୍ତ ବାଣିଜ୍ୟ ରାଜିନାମା ପୂର୍ଣ୍ଣାଙ୍ଗ ରୂପ ନେବ ବୋଲି କହିଛନ୍ତି କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ। ଶୁକ୍ରବାର ଅନୁଷ୍ଠିତ ଚତୁର୍ଦ୍ଦଶତମ ମିଳିତ ଆର୍ଥିକ ଓ ବାଣିଜ୍ୟ କମିଟି ବୈଠକରେ କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ ଓ ଅନ୍ତର୍ଜାତୀୟ ବାଣିଜ୍ୟ ସଚିବ ଏଲିଜାବେଥ ଟ୍ରୁସ ଅଧକ୍ଷତା କରିଥିଲେ। ଉକ୍ତ ବୈଠକରେ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ହରଦୀପ ସିଂହ ପୁରୀ ଓ ବ୍ରିଟେନ୍ ଉପମନ୍ତ୍ରୀ ରାନିଲ ଜୟବର୍ଦ୍ଧନେ ମଧ୍ୟ ଯୋଗ ଦେଇଥିଲେ। ପ୍ରାୟ ମାସେ ଧରି ପୁରୀ ଓ ଜୟବର୍ଦ୍ଧନେ ଉଭୟ ଦେଶର ଜୀବ ବିଜ୍ଞାନ ଓ ସ୍ୱାସ୍ଥ୍ୟ, ସୂଚନା ଓ ସଞ୍ଚାର ପ୍ରଯୁକ୍ତି ବିଦ୍ୟା, ଖାଦ୍ୟ ଓ ପାନୀୟ କ୍ଷେତ୍ର ଉପରେ ଆଲୋଚନା କରିବେ। ତା'ପରେ ଔପଚାରିକ ଭାବେ ମିଳିତ ମୁକ୍ତ ବାଣିଜ୍ୟ ରାଜିନାମା ସ୍ୱାକ୍ଷରିତ ହେବ।

# ଏଲ୍ଏସି ସ୍ଥିତିରେ ହେବନି ପରିବର୍ତ୍ତନ

**ନୂଆଦିଲ୍ଲୀ :** 'ଭାରତ ପ୍ରକୃତ ସୀମା ନିୟନ୍ତ୍ରଣ ରେଖା (ଏଲ୍ଏସି) ପ୍ରତି ଯଥୋଚିତ ସମ୍ମାନ ପ୍ରଦର୍ଶନ ପାଇଁ ପ୍ରତିଶ୍ରୁତିବଦ୍ଧ। ଏଲ୍ଏସି ନିକଟରେ ଲାଗୁ ପ୍ରତ୍ୟେକ ନିୟମକୁ ପାଳନ କରିବାକୁ ରାଜି। ମାତ୍ର ଅନ୍ୟ କୌଣସି ଶକ୍ତି ଏଲ୍ଏସି ନିକଟରେ ଆପତ୍ତିଜନକ କାର୍ଯ୍ୟ କରୁଥିବାର ଲକ୍ଷ୍ୟ କଲେ, ଭାରତ ତାହାକୁ କଦାପି ବରଦାସ୍ତ କରିବ ନାହିଁ। ଏଲ୍ଏସି ନିକଟରେ କୌଣସି ପ୍ରକାର ପରିବର୍ତ୍ତନକୁ ଭାରତ ଆଉ ପ୍ରଶ୍ରୟ ଦେବ ନାହିଁ।' ଭାରତର ବୈଦେଶିକ ବ୍ୟାପାର ପ୍ରବକ୍ତା ଅନୁରାଗ ଶ୍ରୀବାସ୍ତବ ନୂଆଦିଲ୍ଲୀରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଏହି ବକ୍ତବ୍ୟ ପ୍ରଦାନ କରିଛନ୍ତି। ଶ୍ରୀବାସ୍ତବ ଏହା ମଧ୍ୟ କହିଛନ୍ତି ଯେ ଭାରତ-ଚୀନ ଦ୍ୱିପାକ୍ଷିକ ଆଲୋଚନାରେ ଏଲ୍ଏସି ନିକଟରେ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ପାଇଁ ସମ୍ମତି ପ୍ରକାଶ ପାଇଛି। ତଦନୁଯାୟୀ ଚୀନ ଏଲ୍ଏସି ପ୍ରତି ଉପଯୁକ୍ତ ସମ୍ମାନ ଦେବା ସହିତ ବିବାଦୀୟ ଅଞ୍ଚଳକୁ ସେନାମୁକ୍ତ କରିବ ବୋଲି ଭାରତ ଆଶାପ୍ରକଟ କରିଛି। ପୂର୍ବ ଲଦାଖ ଅନ୍ତର୍ଗତ ବିବାଦୀୟ ଅଞ୍ଚଳରୁ ହଟିଯିବା ପାଇଁ ଭାରତ ଓ ଚୀନସେନା ପକ୍ଷରୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ପାଙ୍ଗୋଙ୍ଗ ହ୍ରଦ ଓ ଫିଙ୍ଗର-୫ ଭଳି ଗୁରୁତ୍ୱପୂର୍ଣ୍ଣ ଇଲାକାରୁ ଚୀନସେନା ହଟିବାର ନାଁ ଧରୁନି। ମିଳିତ ନିଷ୍ପତ୍ତିକୁ ସାତଦିନ ବିତିଗଲାଣି, ଅଥଚ ଏ ପର୍ଯ୍ୟନ୍ତ ଚୀନସେନା ଆସ୍ଥାନ ଜମାଇ ରହିଛନ୍ତି। ପୂର୍ବ ଲଦାଖସ୍ଥିତ ପ୍ରକୃତ ସୀମା ନିୟନ୍ତ୍ରଣ ରେଖା ନିକଟ ଓ ୨/୩ କିଲୋମିଟର ଗଭୀରତମ ଅଞ୍ଚଳରେ ପିପୁଲ୍ସ ଲିବରେସନ୍ ଆର୍ମି (ପିଏଲ୍ଏ)ର ପ୍ରାୟ ୪୦ ହଜାର ଯବାନ ଜଗି ରହିଛନ୍ତି। ଭାରତ-ଚୀନ ମଧ୍ୟରେ ଉଭୟ ସରକାର ଓ ସେନାସ୍ତରରେ ଏକାଧିକବାର ଏକାଧିକ ବୈଠକ ଅନୁଷ୍ଠିତ ହେବାପରେ ବେଜିଂ ସେନା



ପ୍ରତ୍ୟାହାର ପାଇଁ ରାଜି ହୋଇଥିଲା। ପାଙ୍ଗୋଙ୍ଗ ହ୍ରଦଠାରୁ ୨ କିଲୋମିଟର ପଛକୁ ଚାଲିଯିବା ସହିତ ଫିଙ୍ଗର-୪ ଇଲାକାକୁ ସମ୍ପୂର୍ଣ୍ଣ ଖାଲି କରିବା ପାଇଁ ବେଜିଂ ସ୍ୱୀକାର କରିଥିଲା। ମାତ୍ର ବାସ୍ତବ କ୍ଷେତ୍ରରେ ତାକୁ ପାଳନ କରିବାକୁ ପଛାଉଛି। କାହିଁ କେଉଁ ଅମଳରୁ ଦୁର୍ଗମ ଫିଙ୍ଗର-୪ ଇଲାକାଟି ଭାରତର ସୀମାଭୁକ୍ତ ଅଛି। ପ୍ରବଳ ବରଫପାତ ଓ ଥଣ୍ଡା ସହିତ ସେଭଳି ଦୁର୍ଗମ ଅଞ୍ଚଳକୁ ସେନାଙ୍କ ପାଇଁ ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ ଓ ଯୁଦ୍ଧ ସାମଗ୍ରୀ ପହଞ୍ଚାଇବା କଷ୍ଟସାଧ୍ୟ ଥିବାରୁ ଫିଙ୍ଗର-୪ ଅଞ୍ଚଳରେ ଭାରତୀୟ ସେନାକୁ ମୁତୟନ କରାଯାଇନଥିଲା। ମାତ୍ର ତା'ର ସୁଯୋଗ ନେଇ ଚୀନସେନା ସେଠାରେ ଆସ୍ଥାନ ଜମାଇଛନ୍ତି। ଏବେ ଫିଙ୍ଗର-୫ ଅଞ୍ଚଳରେ ସେନା ଶିବିର ନିର୍ମାଣ କରିବାକୁ ଚୀନସେନା ଆଗ୍ରହୀ। ଖାସ୍ ସେଇଥିପାଇଁ ବେଜିଂ ମଧ୍ୟ ନିରବତା ରକ୍ଷା କରୁଛି। ହଟ୍ସ୍ପ୍ରିଙ୍ଗ ଓ ଗୋଗ୍ରା ପୋଷ୍ଟ ଅଞ୍ଚଳରେ ଚୀନସେନା ସୁଦୃଢ଼ ଶିବିର ନିର୍ମାଣ କରିଛି। ଭାରତର ପ୍ରତିରକ୍ଷା ଉପଦେଷ୍ଟା ଅଜିତ ଡାଭୋଲ ଚୀନର ବିଦେଶ ମନ୍ତ୍ରୀଙ୍କୁ ଫୋନ୍ କରି କଥା ହେବାପରେ ଜୁଲାଇ ୧୪-୧୫ରେ ଉଭୟ ସେନା ପକ୍ଷରୁ ଅନୁଷ୍ଠିତ କମାଣ୍ଡରସ୍ତରୀୟ ବୈଠକରେ ସେନା ହଟାଇବା ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।



# ନିଅଣ୍ଟ ଭରଣା ପାଇଁ ହେବ ଋଣ




**ଭୁବନେଶ୍ୱର :** ରାଜ୍ୟ ସରକାର ବିଗତ ୪ମାସ ଧରି କରୋନା ମୁକାବିଲାକୁ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ଏଥିଲାଗି ୩୨ଟି କୋଭିଡ୍ ହସ୍ପିଟାଲ ପ୍ରତିଷ୍ଠା କରାଯାଇଛି ଓ ୯୦ ଲ୍ୟାବ୍ କାମ କରୁଛି। କରୋନା ମୁକାବିଲା ଲାଗି ୮୦୨୩ଜଣ ଡାକ୍ତର, ୪୦୧୪ଜଣ ଆୟୁଷ ଡାକ୍ତରଙ୍କ ସମେତ ଷ୍ଟାଫ ନର୍ସ, କର୍ମଚାରୀ, ଅଙ୍ଗନବାଡି କର୍ମୀ, ଆଶା ଦିଦି, ମେଡିକାଲ ଛାତ୍ର କମାରେ ଲାଗିଛନ୍ତି। ବର୍ତ୍ତମାନ ରାଜ୍ୟ ସରକାର ସ୍ୱାସ୍ଥ୍ୟସେବାକୁ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ତେଣୁ ସ୍ୱାସ୍ଥ୍ୟସେବା ପାଇଁ ସମସ୍ତ ଖର୍ଚ୍ଚ ବହନ କରାଯିବ। ଏଥିପାଇଁ ଆବଶ୍ୟକ ଅର୍ଥ ଭରଣା ଲାଗି ରାଜ୍ୟ ସରକାର ବଜାରରୁ ଋଣ ଉଠାଇବେ। ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ ଏହି ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମନ୍ତ୍ରି ପରିଷଦର ବୈଠକ ପରେ ଶ୍ରୀ ତ୍ରିପାଠୀ ଗୀତ ଗୋବିନ୍ଦ ସଦନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ, କାମ୍ପା ଓ ଓମ୍ପାସଡି ପାଣ୍ଠିରୁ ଋଣ ଅଣାଯିବ। ଏଥିସହ ପୂର୍ବଭଳି ସରକାର ଜାରି କରିଥିବା ବିଭିନ୍ନ ଆର୍ଥିକ କଟକଣା ଜାରି ରହିବ। ରାଜ୍ୟ ସରକାର କୋଭିଡ୍ ମୁକାବିଲା ଲାଗି କାମ୍ପା ପାଣ୍ଠିରୁ ୧୦୦୦ କୋଟି ଟଙ୍କାର ଋଣ କରି ସାରିଛନ୍ତି। ଆଗକୁ ଆବଶ୍ୟକତା ଅନୁସାରେ ଅଧିକ ଋଣ କରାଯିବ। ଯେହେତୁ କମ ସୁଧରେ (୩%) ଋଣ କରାଯାଉଛି, ଏହା ରାଜ୍ୟର ଆର୍ଥିକ ପରିଚାଳନ କରିବ ନାହିଁ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି। ସ୍ୱାସ୍ଥ୍ୟସେବାକୁ ରାଜ୍ୟ ସରକାର ଅଧିକ ଗୁରୁତ୍ୱ ଦେଉଛନ୍ତି। ତେଣୁ ଆର୍ଥିକ ବର୍ଷ ୨୦୨୦-୨୧ ବଜେଟ୍ ବ୍ୟୟବରାଦର ପୁନଃବିଚାର ହେବ। ମନ୍ତ୍ରୀ ପରିଷଦ ବୈଠକରେ ଏହାକୁ ମଞ୍ଜୁରୀ ମିଳିଛି। ମୁଖ୍ୟ ଶାସନ ସଚିବ ଶ୍ରୀ ତ୍ରିପାଠୀ କହିଛନ୍ତି, ସ୍ୱାସ୍ଥ୍ୟ ବିଭାଗକୁ ଛାଡ଼ି ଅନ୍ୟ ବିଭାଗରେ ବିନିଯୋଗ ନ ହୋଇ ପଡିରହିଥିବା ଟଙ୍କାକୁ କରୋନା ମୁକାବିଲାରେ ବ୍ୟୟ କରାଯିବ। ଶ୍ରୀ ତ୍ରିପାଠୀ କହିଛନ୍ତି, କରୋନା ପାଇଁ ବିଗତ ୪ ମାସ ମଧ୍ୟରେ ୧୯ଶହ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଏଥିରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୩୪୦ କୋଟି, ଏସ୍‌ଡିଆରଏଫ୍‌ରୁ ୬୨୪ କୋଟି, ପଞ୍ଚାୟତରାଜ ବିଭାଗରୁ ୮୭୫ କୋଟି, ବିଧାୟକମାନଙ୍କ ହାତପାଣ୍ଠି ଅର୍ଥ ମଧ୍ୟ ୭୩ କୋଟି ଟଙ୍କା ଖର୍ଚ୍ଚ ହୋଇସାରିଛି। ଏଥିସହ ରାଜ୍ୟ ସରକାର ରାଜ୍ୟରେ ପ୍ଲାଜମା ଥେରାପିକୁ ଗୁରୁତ୍ୱ ଦେଉଛନ୍ତି। ମେସିନ, ଟେଷ୍ଟ କିଟ୍, ମାସ୍କ, ସାନିଟାଇଜର ଯୋଗାଣକୁ ଗୁରୁତ୍ୱ ଦିଆଯାଇଛି। ୧୩ ହଜାର ୭୯୬ଟି କ୍ୱାରେଣ୍ଟାଇନ ସେଣ୍ଟର ଖୋଲାଯାଇ ୮.୫ଲକ୍ଷ ପ୍ରବାସୀଙ୍କୁ ରଖାଯାଇଥିଲା। କରୋନା ମୁକାବିଲା ଲାଗି ରାଜ୍ୟ ସରକାର ବ୍ୟାପକ ପଦକ୍ଷେପ ନେଇଛନ୍ତି ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି।

# ଡାକ୍ତରଙ୍କ ଅବସର ବୟସ ୬୨ ରୁ ୬୫କୁ ବୃଦ୍ଧି




**ଭୁବନେଶ୍ୱର :** ଖୋର୍ଦ୍ଧା ଓ କଟକ ଜିଲ୍ଲାକୁ ରାଜ୍ୟ ବାହାରୁ ଏକ ଲକ୍ଷରୁ ଅଧିକ ପ୍ରବାସୀ ଆସିଥିଲେ ମଧ୍ୟ ଖୋର୍ଦ୍ଧା (ଭୁବନେଶ୍ୱର) ଓ କଟକ ଜିଲ୍ଲାରେ କୋଭିଡ ପରିସ୍ଥିତି ନିୟନ୍ତ୍ରଣାଧୀନ ଅଛି। ଖୋର୍ଦ୍ଧା ଜିଲ୍ଲାରେ ସୁସ୍ଥତା ହାର ୭୦% ଥିବା ବେଳେ କଟକ ଜିଲ୍ଲାରେ ଏହା ୭୧% ରହିଛି, ଯାହାକି ଜାତୀୟ ହାର ୬୩%ରୁ ଅଧିକ ଅଟେ। ଏଥିପାଇଁ ଦୁଇ ଜିଲ୍ଲାର କୋଭିଡ ପରିସ୍ଥିତି ସମ୍ପର୍କରେ ସମୀକ୍ଷା କରିବା ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଖୋର୍ଦ୍ଧା ଓ କଟକ ଜିଲ୍ଲାର କୋଭିଡ ପରିଚାଳନା ଟିମ୍‌କୁ ଧନ୍ୟବାଦ ଜଣାଇଥିଲେ। ଏହାସହିତ କୋଭିଡ ପରିଚାଳନାକୁ ଆହୁରି ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଦୁଇ ଜିଲ୍ଲା ପାଇଁ ୧୫ କୋଟି ଲେଖାଏ ସମୁଦାୟ ୩୦ କୋଟି ଟଙ୍କା ମୁଖ୍ୟମନ୍ତ୍ରୀ ମଞ୍ଜୁର କରିଛନ୍ତି। ଏହାସହିତ ନୂଆ କୋଭିଡ ଡାକ୍ତରଖାନା ଓ କୋଭିଡ କେୟାର ହୋମ୍ ପରିଚାଳନା ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ୨୦ କୋଟି ୬୪ ଲକ୍ଷ ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ମଞ୍ଜୁର କରିଛନ୍ତି। କୋଭିଡ ପରିସ୍ଥିତିରେ ଡାକ୍ତର ମାନଙ୍କ ଗୁରୁଦାୟିତ୍ୱ ରହିଛି। ଏହାକୁ ଦୃଷ୍ଟିରେ ରଖି ଓଏଚ୍ଏମ୍ଏସ୍ କ୍ୟାଡରର ଡାକ୍ତର ମାନଙ୍କ ଅବସର ବୟସକୁ ୬୨ ରୁ ୬୫ ବର୍ଷକୁ ବୃଦ୍ଧି କରାଯିବା ବିଷୟ ମୁଖ୍ୟମନ୍ତ୍ରୀ ଏହି ଅବସରରେ ଘୋଷଣା କରିଥିଲେ। ଏହାସହିତ ଲେବର ଓ ଇଏସ୍ଆଇ ବିଭାଗରେ କାମ କରୁଥିବା ଇନ୍‌ସ୍ୟୁରାନ୍ସ ମେଡିକାଲ ଅଫିସର ମାନଙ୍କ ପାଇଁ ମଧ୍ୟ ଏହା ଲାଗୁ ହେବ। ଏହି ଅବସରରେ କୋଭିଡ୍-୧୯ ବିରୁଦ୍ଧରେ ଚାଲିଥିବା ଯୁଦ୍ଧରେ ସାମିଲ ହୋଇ ନୂଆ କୋଭିଡ କେୟାର ହୋମ୍ ଓ କୋଭିଡ୍ କେୟାର ସେଣ୍ଟର ସ୍ଥାପନ ପାଇଁ ଆଗେଇ ଆସିବାକୁ ମୁଖ୍ୟମନ୍ତ୍ରୀ ବିଭିନ୍ନ ଅନୁଷ୍ଠାନ ଓ କର୍ପୋରେଟ୍ ସେକ୍ଟର ମାନଙ୍କୁ ଆହ୍ୱାନ ଜଣାଇଛନ୍ତି। ସୂଚନାଯୋଗ୍ୟ ଯେ, ସ୍ୱଳ୍ପ ଓ ମଧ୍ୟମ ଲକ୍ଷଣ ଥିବା କରୋନା ରୋଗୀଙ୍କ ଚିକିତ୍ସା ପାଇଁ କୋଭିଡ୍ କେୟାର ସେଣ୍ଟର ଓ କୋଭିଡ କେୟାର ହୋମ୍‌ର ପରିକଳ୍ପନା କରାଯାଇଛି। କରୋନା ଯୁଦ୍ଧରେ ଆଗ ଧାଡିରେ ଥିବା କୋଭିଡ ଯୋଦ୍ଧା ମାନଙ୍କର ଉପଯୁକ୍ତ ଯତ୍ନ ନେବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏହାସହିତ କଟକ ଏସ୍‌ସିବିକୁ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ପ୍ରତିଦିନ ହଜାର ହଜାର ଲୋକ ଆସୁଥିବାରୁ ଏଥିପ୍ରତି ବିଶେଷ ଯତ୍ନବାନ ହେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ବୈଠକରେ ଗୃହୀତ ନିଷ୍ପତ୍ତି ଅନୁଯାୟୀ ଭୁବନେଶ୍ୱରରେ ଆଦିତ୍ୟ-ଅଶ୍ୱିନୀ ଡାକ୍ତରଖାନା ପକ୍ଷରୁ ୩୦ଟି ଆଇସିୟୁ ସହିତ ୧୫୦ ଶଯ୍ୟା ବିଶିଷ୍ଟ ଡେଡିକେଟେଡ କୋଭିଡ ହସ୍ପିଟାଲ ପ୍ରତିଷ୍ଠା କରାଯିବ। ନୀଳାଚଳ ଡାକ୍ତରଖାନାରେ ୧୫ଟି ଆଇସିୟୁ ସହିତ ୧୨୬ ଶଯ୍ୟା ବିଶିଷ୍ଟ ଡେଡିକେଟେଡ କୋଭିଡ ହସ୍ପିଟାଲ ଚଳିତ ସପ୍ତାହରେ କାର୍ଯ୍ୟ ଆରମ୍ଭ କରିବ। ଭୁବନେଶ୍ୱରର ତିନି ବିଧାୟକଙ୍କ ସକ୍ରିୟ ସହଯୋଗ ଏବଂ ଭୁବନେଶ୍ୱରର ବିଭିନ୍ନ ଧାର୍ମିକ, ସାମାଜିକ ଅନୁଷ୍ଠାନ, ଏନ୍‌ଜିଓ ଓ ଆବାସିକ କଲ୍ୟାଣ ସଂସ୍ଥା ଗୁଡିକ ଦ୍ୱାରା ଭୁବନେଶ୍ୱରରେ ୧୩୮୫ ଶଯ୍ୟା ବିଶିଷ୍ଟ କୋଭିଡ କେୟାର ହୋମ୍ ଖୁବ୍‌ଶୀଘ୍ର ସ୍ଥାପନ ହେବାକୁ ଯାଉଥିବାରୁ ମୁଖ୍ୟମନ୍ତ୍ରୀ ସନ୍ତୋଷ ପ୍ରକାଶ କରିଥିଲେ ଏବଂ ଅନ୍ୟ ସଂଗଠନ ମାନଙ୍କୁ ମଧ୍ୟ ଆଗେଇ ଆସିବା ପାଇଁ ଏହା ପ୍ରେରଣା ଯୋଗାଇ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଥିଲେ। ଭୁବନେଶ୍ୱରର ବସ୍ତି ମାନଙ୍କରେ କୋଭିଡ ସଂକ୍ରମଣ ରୋକିବା ଉପରେ ଫୋକସ୍ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ବସ୍ତି କମିଟି ଗୁଡିକ ଏ ଦିଗରେ ଭଲ କାମ କରୁଥିବାରୁ ବିଏମ୍‌ସି ପକ୍ଷରୁ ସେମାନଙ୍କୁ ପ୍ରୋତ୍ସାହିତ କରାଯିବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। କଟକ ଜିଲ୍ଲାରେ କୋଭିଡ ନିୟନ୍ତ୍ରଣ ପାଇଁ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ଼ କରାଯାଇଛି। ୯୨୫ ଅତିରିକ୍ତ ଶଯ୍ୟା ବିଶିଷ୍ଟ କୋଭିଡ ହସ୍ପିଟାଲ, କୋଭିଡ କେୟାର ସେଣ୍ଟର କଟକ ଜିଲ୍ଲାରେ କାର୍ଯ୍ୟ କରୁଛି। ପୂଜା କମିଟି ଓ ସାହି କମିଟିର ସହଯୋଗରେ କଟକର ସାହି ବସ୍ତି ମାନଙ୍କ ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯିବା ଉପରେ ଗୁରୁତ୍ୱ। କଟକ ଏସ୍‌ସିବିରେ କୋଭିଡ୍-୧୯ ସମ୍ପର୍କରେ ତାଲିମ ଓ ସୂଚନା ଦେବା ପାଇଁ ସୂଚନା କେନ୍ଦ୍ର ଖୁବ୍‌ଶୀଘ୍ର କାର୍ଯ୍ୟ କରିବ। କଟକସ୍ଥିତ ମୋଲେକୁଲାର ଜେନୋମି ଲାବର ଅପ-ଗ୍ରେଡେସନ କରାଯିବ। ଏହାଦ୍ୱାରା କୋଭିଡ୍-୧୯ ରୋଗୀ ମାନଙ୍କୁ ଫଳପ୍ରଦ ଚିକିତ୍ସା ଯୋଗାଇ ଦିଆଯାଇପାରିବ।

## ବିଲୁଙ୍ଗ ଏବେ 'ରଙ୍ଗବତୀ ବିଲୁଙ୍ଗ'




**ଭୁବନେଶ୍ୱର :** ବହୁଚର୍ଚ୍ଚିତ ରଙ୍ଗବତୀ ଗୀତ ଏବେ ପୁଣି ଚର୍ଚ୍ଚାରେ। ଦୀର୍ଘଦିନ ହେବ ଲୋକଙ୍କ ଜିଭ ଅଗରେ ରହି ଆସୁଥିବା ରଙ୍ଗବତୀ ଗୀତକୁ ନେଇ ପୁଣି ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ପୂର୍ବରୁ ସାରା ଓଡ଼ିଶା ସମେତ ଦେଶରେ ମଧ୍ୟ ଏହି ଗୀତ ବେଶ୍ ଚହଳ ସୃଷ୍ଟି କରିଥିଲା। ଏହି ଗୀତର ପୁରୁଷ ଗାୟକ ହେଉଛନ୍ତି ବିଶିଷ୍ଟ କଣ୍ଠଶିଳ୍ପୀ ଜିତେନ୍ଦ୍ର ହରିପାଲ। ଏହି ଗୀତ ପାଇଁ ୨୦୧୭ରେ ତାଙ୍କୁ ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ ମଧ୍ୟ କରାଯାଇଛି। ଏହାର ଗୀତିକାର ଥିଲେ ମିତ୍ରଭାନୁ ଗୌନ୍ତିଆ। ଗୀତିକାର ମିତ୍ରଭାନୁଙ୍କ ଗାଁ ବିଲୁଙ୍ଗର ନାମକରଣ ରଙ୍ଗବତୀ ବିଲୁଙ୍ଗ କରାଯାଇଛି। ଓଡ଼ିଶାର ଅନେକ ଲୋକପ୍ରିୟ ଗୀତ ମଧ୍ୟରୁ ରଙ୍ଗବତୀ ଗୀତ ହେଉଛି ଅନ୍ୟତମ। ତେବେ ଗୋଟିଏ ଗ୍ରାମର ନାମକରଣ କୌଣସି ଗୀତ ନାମରେ ହେବା ସମ୍ଭବତଃ ଏହା ପ୍ରଥମ ଘଟଣା। ସମ୍ବଲପୁର ଜିଲ୍ଲାର ବାମରା ତହସିଲ ଅନ୍ତର୍ଗତରେ ଏହି ଗ୍ରାମ ଆସୁଛି। ଗୀତିକାର ମିତ୍ରଭାନୁଙ୍କ ସମ୍ମାନାର୍ଥେ ଏବଂ ପ୍ରଥମ ଥର ସମ୍ବଲପୁରରେ ଏହି ଗୀତ ରେକର୍ଡ ହୋଇଥିବାରୁ ବିଲୁଙ୍ଗ ଗାଁକୁ ଏବେ ରଙ୍ଗବତୀ ବିଲୁଙ୍ଗ ନାଁରେ ନାମିତ କରାଯାଇଛି। ଏଥିପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ନୋ ଅବ୍‌ଜେକସନ ସାର୍ଟିଫିକେଟ୍ ମଧ୍ୟ ଆସିସାରିଛି। ଏଭଳି ଘଟଣା ଭାରତ ଇତିହାସରେ ବିରଳ ବୋଲି କୁହାଯାଉଛି। ପୂର୍ବରୁ ଏଭଳି ଏକ ଗୀତ ନାଁରେ କୌଣସି ଗାଁର ନାଁ ପରିବର୍ତ୍ତନ କରାଯାଇଥିବା ନଜିର ନାହିଁ କହିଲେ ଚଳେ। ରଙ୍ଗବତୀ ଗୀତ ପ୍ରଥମେ ୧୯୭୫-୭୬ ମସିହାରେ ସମ୍ବଲପୁରର ଅଲ ଇଣ୍ଡିଆ ରେଡିଓ (ଏଆର)ରେ ରେକର୍ଡ କରାଯାଇଥିଲା। ଏହାର ବ୍ୟାପକ ଲୋକପ୍ରିୟତା ପରେ, ଇଣ୍ଡିଆନ ରେକର୍ଡ ମାନୁଫକ୍‌ଚରିଂ କମ୍ପାନୀ ଲିମିଟେଡ୍ ଏହି ଗୀତକୁ ୧୯୭୬ରେ ଡିସ୍କ ଫର୍ମାଟରେ ରେକର୍ଡ କରାଯାଇଥିଲା। କିନ୍ତୁ ଏହି ଡିସ୍କ ୧୯୭୮-୭୯ରେ ମୁକ୍ତିଲାଭ କରିଥିଲା। ଏହି ଗୀତ ମ୍ୟୁଜିକ୍ କମ୍ପୋଜର ଥିଲେ ସ୍ୱର୍ଗତ ପ୍ରଭୂଦତ୍ତ ପ୍ରଧାନ। ଏହି ଗୀତରେ ଜିତେନ୍ଦ୍ର ହରିପାଲଙ୍କ ସହ ଗାୟିକା ହେଉଛନ୍ତି କ୍ରୀଷ୍ଣା ପଟେଲ। ଏହି ରଙ୍ଗବତୀ ଗୀତ ୧୯୭୮-୭୯ ମସିହାରେ ବଜାରକୁ ଆସିଥିଲେ ମଧ୍ୟ ୨୦୨୦ରେ ବି ଏହାର ଲୋକପ୍ରିୟତା ଦେଖିବାକୁ ମିଳିଛି। ରଙ୍ଗବତୀ ଏହି ସ୍ୱର ସଂଯୋଜନାକୁ ଅନେକ ଭାଷାରେ ଡବ୍ ମଧ୍ୟ କରାଯାଇଛି। ସୋସିଆଲ ମିଡିଆରେ ଗୀତର ରିମେକ୍ ଦେଖିବାକୁ ମିଳିବ।

# ଚୌଦ୍ୱାରରେ ହେବ ବିଶ୍ୱସ୍ତରୀୟ ଟେକ୍ସଟାଇଲ୍ ପାର୍କ

**ଭୁବନେଶ୍ୱର :** ଚୌଦ୍ୱାରରେ ବିଶ୍ୱସ୍ତରୀୟ ଟେକ୍ସଟାଇଲ୍ ପାର୍କ ପ୍ରତିଷ୍ଠା ପାଇଁ ଯୋଜନା ରହିଛି ବୋଲି କହିଛନ୍ତି ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟଶଙ୍କର ମିଶ୍ର। ଶୁକ୍ରବାର ଶ୍ରୀ ମିଶ୍ର ଓଟିଏମ୍ ଚୌଦ୍ୱାର, ପେପ୍‌ସି ଜଗତପୁର ଓ ବଲାରପୁର କାଗଜକଳ ଉପରେ ଏକ ଭର୍ଚୁଆଲ୍ ବୈଠକ ଆୟୋଜନ କରି ଏସବୁ ଶିଳ୍ପ ପ୍ରତିଷ୍ଠାନଗୁଡ଼ିକରେ ରହିଥିବା ସମସ୍ୟାକୁ କିପରି ସମାଧାନ କରାଯାଇପାରିବ ସେ ନେଇ ଆଲୋଚନା କରିଛନ୍ତି। ମନ୍ତ୍ରୀ କ୍ୟାପ୍‌ଟେନ୍ ମିଶ୍ର ଦୀର୍ଘଦିନ ଧରି ହାଇକୋର୍ଟରେ ବିଚାରାଧୀନ ଥିବା ଓଡ଼ିଶା ଟେକ୍ସଟାଇଲ୍ ମିଲ୍ (ଓଟିଏମ୍) ମାମଲାର ତୁରନ୍ତ ଫଇସଲା ଉପରେ ଜୋର୍ ଦେଇ ଏଠାରେ ବ୍ୟାପକ ପୁଞ୍ଜିନିବେଶ କରାଯିବା ସହ ପର୍ଯ୍ୟାପ୍ତ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ପ୍ରସ୍ତାବ ରଖିଥିଲେ। ଏଠାରେ ଏକ ଟେକ୍ସଟାଇଲ୍ ପାର୍କ ପ୍ରତିଷ୍ଠା ନେଇ ଆଲୋଚନା କରିଥିଲେ। ଏସବୁ ଶିଳ୍ପ ପ୍ରତିଷ୍ଠାନଗୁଡ଼ିକର ରହିଥିବା ମାମଲା ଫଇସଲା ହେବା ପରେ ଇଡ୍‌କୋ ଓ ହସ୍ତତନ୍ତ, ବୟନ ଓ ହସ୍ତତନ୍ତ ବିଭାଗ ଆବଶ୍ୟକ ପଦକ୍ଷେପ ନେଇ ଓଟିଏମ୍ ଚୌଦ୍ୱାରକୁ ଏକ ବିଶ୍ୱସ୍ତରୀୟ ଟେକ୍ସଟାଇଲ୍ ପାର୍କରେ ପରିଣତ କରିବାକୁ ଗୁରୁତ୍ୱାରୋପ କରାଯାଇଥିଲା। ଏହି ଅବସରରେ ମନ୍ତ୍ରୀ ବଲାରପୁର କାଗଜକଳର ପୁନଃ କାର୍ଯ୍ୟକ୍ଷମ ସକାଶେ ମ୍ୟାନେଜ୍‌ମେଣ୍ଟ ସହ ଆଲୋଚନା ଏବଂ ରାଜସ୍ୱ ବିଭାଗ ସହ ଜମିଜମା ସଂକ୍ରାନ୍ତ ମାମଲାର ସମାଧାନ କରି ଏ ଦିଗରେ ପଦକ୍ଷେପ ନେବାକୁ କହିଥିଲେ। ଅନୁରୂପ ଭାବେ ଜଗତପୁର ପେପ୍‌ସି ୟୁନିଟ୍ ଦ୍ୱାରା କରାଯାଇଥିବା ଆବଣ୍ଟିତ ଜମିରେ ଅନିୟମିତତାକୁ ବିଧିପୂର୍ବକ ସମାଧାନ କରିବାକୁ ଜିଲ୍ଲାପାଳ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ଏହି ଭିଡିଓ କନ୍‌ଫରେନ୍ସିଂରେ ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ, ଶିଳ୍ପ ବିଭାଗ ପ୍ରମୁଖ ସଚିବ ହେମନ୍ତ ଶର୍ମା, ଇଡ୍‌କୋ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ସଞ୍ଜୟ ସିଂହ, ଆଇନ୍ ବିଭାଗର ପ୍ରମୁଖ ସଚିବ ଶଶିକାନ୍ତ ମିଶ୍ର, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ସଚିବ ଶୁଭା ଶର୍ମା, କଟକ ଜିଲ୍ଲାପାଳ ଭବାନୀଶଙ୍କର ଚୟନି ଏବଂ ଅତିରିକ୍ତ ପୁଲିସ ଉପଆୟୁକ୍ତ ପ୍ରମୋଦ ରଥ ପ୍ରମୁଖ ଅଂଶଗ୍ରହଣ କରି ନିଜର ମତାମତ ରଖିଥିଲେ।

## କମିବ ସ୍କୁଲ୍ ସିଲାବସ୍ : ମନ୍ତ୍ରୀ

**ଭୁବନେଶ୍ୱର :** କରୋନା ଯୋଗୁ ଛାତ୍ରଛାତ୍ରୀ ୪ ମାସରୁ ଊର୍ଦ୍ଧ୍ୱ ସମୟ ହେଲା ସ୍କୁଲ, କଲେଜ ଯାଇ ପାରୁନାହାନ୍ତି। ଏହି ମହାମାରୀ ପ୍ରକୋପ କମିବା ନାଁ ଧରୁ ନଥିବାରୁ କେବେ ସ୍କୁଲ, କଲେଜ ଖୋଲିବ ତାହା ମଧ୍ୟ ସ୍ଥିର ହୋଇପାରୁନାହିଁ। ଏପରି ସ୍ଥିତିରେ ପିଲାମାନେ ଘରେ ରହି ଅନଲାଇନ୍ କ୍ଲାସ୍ କରୁଥିଲେ ମଧ୍ୟ ସେମାନଙ୍କ ଉପରେ ଯେପରି ପାଠ ଚାପ ସୃଷ୍ଟି ନ କରିବ ସେଥି ନିମନ୍ତେ ନିଆଯାଉଛି ପଦକ୍ଷେପ। ପୂର୍ବରୁ ସିବିଏସ୍‌ଇ ସିଲାବସ୍ ୩୦% କମିବା ନେଇ ସୂଚନା ଦିଆଯାଇଥିବା ବେଳେ ରାଜ୍ୟ ସରକାର ମଧ୍ୟ ଖୁବ୍‌ଶୀଘ୍ର ଏ ଦିଗରେ ପଦକ୍ଷେପ ନେବେ। ଫଳରେ ଚଳିତ ବର୍ଷ ସ୍କୁଲ ସିଲାବସ୍ କମିବ ବୋଲି ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶ ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ, ସିଲାବସ୍ ହ୍ରାସ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମତି ମିଳିଛି। ତେବେ କେତେ ପ୍ରତିଶତ ସିଲାବସ୍ କମିବ ସ୍ଥିର ହେବା ପରେ ପିଲାଙ୍କୁ ଜଣାଇ ଦିଆଯିବ। ସେ ଆହୁରି କହିଛନ୍ତି ଯେ, ପ୍ରଥମରୁ ଦଶମ ଶ୍ରେଣୀରେ କେତେ ସିଲାବସ୍ କମିବ ସିକ୍ରେଟ ଏକ୍ସପଟ କମିଟି ନିଷ୍ପତ୍ତି ନେବ। ସେହିପରି ଯୁକ୍ତ ଦୁଇର କେତେ ସିଲାବସ୍ କମିବ ସେନେଇ ସିଏଚ୍ଏସ୍‌ଇ ନିଷ୍ପତ୍ତି ନେବ। ତେବେ ସିବିଏସ୍‌ଇ ୩୦ ପ୍ରତିଶତ ସିଲାବସ୍ କମାଇଥିବା ବେଳେ ଆମର କେତେ ପ୍ରତିଶତ ସିଲାବସ୍ କମିବ ଏବେ କହିହେବନାହିଁ। କାରଣ କେବେ ସ୍କୁଲ ଖୋଲିବ ତାହା ସ୍ଥିର ହୋଇପାରୁନାହିଁ। ସୂଚନାଯୋଗ୍ୟ ଯେ, କିଛିଦିନ ତଳେ ସିବିଏସ୍‌ଇ ସିଲାବସ୍ ୩୦% କମିବ ବୋଲି ମାନବ ସମ୍ବଳ ମନ୍ତ୍ରୀ ରମେଶ ପୋଖରିୟାଲ ନିଶା ସୂଚନା ଦେଇଥିଲେ। ପିଲାମାନଙ୍କ ଶିକ୍ଷା ଗ୍ରହଣ କରିବା ପାଇଁ ଆବଶ୍ୟକ ମୁଖ୍ୟ ବିଷୟବସ୍ତୁ ଏଥିରେ ରହିବ। ଅତିରିକ୍ତ ୩୦% ବିଷୟ ପାଠ୍ୟ ଖସଡାରୁ ବାଦ ଦିଆଯିବ ବୋଲି ମନ୍ତ୍ରୀ କହିଥିଲେ।

### ସେରମ୍ ଇନ୍‌ଷ୍ଟିଚ୍ୟୁଟ୍ ସିଇଓଙ୍କ ସହ କଥା ହେଲେ ମୁଖ୍ୟମନ୍ତ୍ରୀ

# ନଭେମ୍ବରରେ କରୋନା ଟୀକା !





**ଭୁବନେଶ୍ୱର :** କରୋନା ଟୀକା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସେରମ ଇନ୍‌ଷ୍ଟିଚ୍ୟୁଟ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଅଦର ପୁନାୱାଲ୍ଲାଙ୍କ ସହିତ ବୁଧବାର କଥା ହୋଇଛନ୍ତି। ଭିଡିଓ କନଫରେନ୍ସିଂ ମାଧ୍ୟମରେ ନବୀନ ପୁନାୱାଲ୍ଲାଙ୍କ ସହିତ ଟୀକା ପ୍ରସ୍ତୁତିର ଅଗ୍ରଗତି ନେଇ ଆଲୋଚନା କରିବା ସହିତ ତାଙ୍କୁ ଶୁଭେଚ୍ଛା ମଧ୍ୟ ଜଣାଇଛନ୍ତି। ସେରମ ଇନ୍‌ଷ୍ଟିଚ୍ୟୁଟ୍ କରୋନା ଟୀକା ପ୍ରସ୍ତୁତି ଲାଗି ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ସହିତ ଭାଗିଦାରିତା କରିଥିବାରୁ ମୁଖ୍ୟମନ୍ତ୍ରୀ ଖୁସିବ୍ୟକ୍ତ କରିଛନ୍ତି। ଏହାସହିତ କେନ୍ଦ୍ର ସରକାରଙ୍କଠାରୁ କ୍ଲିୟରାନ୍ସ ମିଳିବା ପରେ ଓଡ଼ିଶାକୁ ପ୍ରାଥମିକତା ଭିତ୍ତିରେ ଟୀକା ଯୋଗାଣରେ ସହଯୋଗ କରିବାକୁ ନବୀନ ପୁନାୱାଲ୍ଲାଙ୍କୁ କହିଛନ୍ତି। ରାଜ୍ୟ ସରକାର ଏଥିପାଇଁ ସେରମ ଇନ୍‌ଷ୍ଟିଚ୍ୟୁଟ୍ ସହିତ ଲଗାତାର ସମ୍ପର୍କରେ ରହିବେ ବୋଲି ନବୀନ କହିଛନ୍ତି। କରୋନା ଟୀକା ପ୍ରସ୍ତୁତି ଲାଗି ପୁନାୱାଲ୍ଲାଙ୍କ କାର୍ଯ୍ୟ ଏବଂ ଏହାକୁ ବିକଶିତ କରିବା ପାଇଁ ବିଶ୍ୱର ବିଭିନ୍ନ ଗବେଷଣା ପ୍ରତିଷ୍ଠାନ ସହିତ ଜଡିତ ହେବାର ଦୂରଦୃଷ୍ଟିକୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଛନ୍ତି। ଅନ୍ୟପଟେ ପୁନାୱାଲ୍ଲା ମଧ୍ୟ ମୁଖ୍ୟମନ୍ତ୍ରୀ ନବୀନଙ୍କୁ ସେରମ ଇନ୍‌ଷ୍ଟିଚ୍ୟୁଟ୍ ସହିତ ସମ୍ପର୍କରେ ରହିବା ଏବଂ ଟୀକାର ଅଗ୍ରଗତି ନିରୀକ୍ଷଣ କରୁଥିବାରୁ ପ୍ରଶଂସା କରିଛନ୍ତି। ପୁନାୱାଲ୍ଲା କହିଛନ୍ତି, ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ଟୀକା ପ୍ରଥମ ପର୍ଯ୍ୟାୟ ପରୀକ୍ଷଣରେ ଭଲ ଫଳାଫଳ ପ୍ରଦର୍ଶନ କରିଛି। ଅଗଷ୍ଟ ମଧ୍ୟଭାଗରୁ ଭାରତରେ ପରବର୍ତ୍ତୀ ପର୍ଯ୍ୟାୟ ପରୀକ୍ଷଣ ଆରମ୍ଭ ହେବ ଏବଂ ଅକ୍ଟୋବର-ନଭେମ୍ବର ମଧ୍ୟରେ ଟୀକା ଉପଲବ୍ଧ ହେବ। ସେ ଆହୁରି କହିଛନ୍ତି, ସେରମ ଇନ୍‌ଷ୍ଟିଚ୍ୟୁଟ୍ ଏବଂ ରାଜ୍ୟ ସରକାର ପରସ୍ପର ସହିତ ସମ୍ପର୍କରେ ରହିପାରିବେ ଏବଂ ଟୀକା ପ୍ରସ୍ତୁତ ହେବା ପରେ ସହଯୋଗକୁ ଆଗକୁ ବଢ଼ାଇ ପାରିବେ। ଭିଡିଓ କନଫରେନ୍ସିଂରେ ମୁଖ୍ୟ ସଚିବ, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ମୁଖ୍ୟ ପରାମର୍ଶଦାତା, ୫-ଟି' ସଚିବ ଉପସ୍ଥିତ ଥିଲେ।

# ଆଇଜିଏଚ୍‌ରେ ହେବ ପ୍ଲାଜ୍‌ମା ବ୍ୟାଙ୍କ




**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସିଂ ଜରିଆରେ ସୁନ୍ଦରଗଡ ଓ ଯାଜପୁର ଜିଲ୍ଲାର କୋଭିଡ୍ ପରିଚାଳନା ବ୍ୟବସ୍ଥା ସମୀକ୍ଷା କରି କୋଭିଡ୍ ଯୁଦ୍ଧ ରଣନୀତିକୁ ସୁଦୃଢ଼ କରିବା ପାଇଁ କେତେକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି। କୋଭିଡ୍ ରୋଗର ଚିକିତ୍ସାରେ ପ୍ଲାଜମା ଥେରାପି ସଫଳତାର ସହ କାମ କରୁଛି। କଟକ ଏସ୍‌ସିବି ପରେ ଏବେ ପଶ୍ଚିମ ଓଡ଼ିଶା ପାଇଁ ରାଉରକେଲାର ଆଇଜିଏସ୍‌ରେ ପ୍ଲାଜମା ବ୍ୟାଙ୍କ ଖୋଲିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଚିକିତ୍ସିତ ଗୁରୁତର ରୋଗୀ ମାନଙ୍କୁ ରାଉରକେଲାର ଆଇଜିଏଚ୍ ହସ୍ପିଟାଲରୁ ପ୍ଲାଜମା ଥେରାପି ଯୋଗାଇ ଦିଆଯିବ। ଏଥିସହିତ ରାଉରକେଲାର କୋଭିଡ୍ କେୟାର ସେଣ୍ଟର ଗୁଡିକର ଶଯ୍ୟା ସଂଖ୍ୟା ୭୦୦ରୁ ୧୭୦୦କୁ ବୃଦ୍ଧି କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ସୁନ୍ଦରଗଡ଼ ଜିଲ୍ଲାରେ କୋଭିଡ୍ ଯୋଦ୍ଧା ମାନଙ୍କର ନିରନ୍ତର ଉଦ୍ୟମ ଓ ସେବା ପାଇଁ ଜିଲ୍ଲାରେ ଆରୋଗ୍ୟ ହାର ୮୫%ରେ ପହଞ୍ଚିଥିବାରୁ ମୁଖ୍ୟମନ୍ତ୍ରୀ ସନ୍ତୋଷ ପ୍ରକାଶ କରିଥିଲେ ଏବଂ ଜିଲ୍ଲା ପ୍ରଶାସନକୁ ଧନ୍ୟବାଦ ଜଣାଇଥିଲେ। ଜିଲ୍ଲାରେ କୋଭିଡ୍ ପରିଚାଳନା ପାଇଁ ବର୍ତ୍ତମାନ ସୁଦ୍ଧା ଡିଏମ୍‌ଏଫ୍‌ରୁ ସୁନ୍ଦରଗଡରେ ୨୦ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ କୋଭିଡ୍ ହସ୍ପିଟାଲ ଓ କୋଭିଡ୍ କେୟାର ସେଣ୍ଟର ଗୁଡିକର ଭିତ୍ତିଭୂମି ବିକାଶ ପାଇଁ ଆଉ ସିଏମ୍‌ଆରଏଫ୍‌ରୁ ୫ କୋଟି ଟଙ୍କା ମଞ୍ଜୁର କରାଯିବା ବିଷୟ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ରାଉରକେଲାର ବସ୍ତି ଅଞ୍ଚଳ ଓ ଜନଗହଳିପୂର୍ଣ୍ଣ ଅଞ୍ଚଳ ଉପରେ ଅଧିକ ଫୋକସ କରିବା ସହିତ ଘରକୁ ଘର ବୁଲି ପର୍ଯ୍ୟବେକ୍ଷଣ ଓ କଣ୍ଟେନମେଣ୍ଟ ଜୋନରେ ଟେଷ୍ଟିଂ ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲାରେ କୋଭିଡ୍ କେୟାର ହୋମ୍ ଓ କୋଭିଡ୍ କେୟାର ସେଣ୍ଟର ପାଇଁ ଜିଲ୍ଲା ପ୍ରଶାସନକୁ ସହଯୋଗର ହାତ ବଢ଼ାଇଥିବାରୁ ମୁଖ୍ୟମନ୍ତ୍ରୀ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ, ଏନ୍‌ଟିପିସି, ଏମ୍‌ସିଏଲ୍ ଓ ଓସିଏଲ୍‌କୁ ଧନ୍ୟବାଦ ଜଣାଇଥିଲେ। ଯାଜପୁର ଜିଲ୍ଲାକୁ ଗତ କିଛିଦିନ ମଧ୍ୟରେ ୨୬ ହଜାରରୁ ଅଧିକ ପ୍ରବାସୀ ଆସିଥିଲେ ମଧ୍ୟ ସଂକ୍ରମଣକୁ ନିୟନ୍ତ୍ରଣରେ ରଖିଥିବାରୁ ଏବଂ ଆରୋଗ୍ୟ ହାରକୁ ୮୬.୫%ରେ ପହଞ୍ଚାଇ ପାରିଥିବାରୁ ମୁଖ୍ୟମନ୍ତ୍ରୀ ଜିଲ୍ଲା ପ୍ରଶାସନକୁ ଧନ୍ୟବାଦ ଜଣାଇଥିଲେ। ଏପର୍ଯ୍ୟନ୍ତ ଯାଜପୁର ଜିଲ୍ଲା ପ୍ରଶାସନ ଡିଏମ୍‌ଏଫ୍‌ରୁ କୋଭିଡ୍ ପରିଚାଳନା ପାଇଁ ୧୩.୫ କୋଟି ଟଙ୍କା ଖର୍ଚ୍ଚ କରିଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଜିଲ୍ଲା ପାଇଁ ୫ କୋଟି ଟଙ୍କା ମଞ୍ଜୁର ବିଷୟ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ଏହାସହିତ ଜିଲ୍ଲାରେ କୋଭିଡ୍ ଚିକିତ୍ସା ପାଇଁ ଅଧିକ ୨୫୦ ଶଯ୍ୟା ବୃଦ୍ଧି କରିବା ବିଷୟ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ବିଭିନ୍ନ କର୍ପୋରେଟ୍ ଓ ଶିଳ୍ପ ସଂସ୍ଥା ସହଯୋଗରେ ଜିଲ୍ଲାରେ ଅଧିକ କୋଭିଡ୍ କେୟାର ହୋମ୍ ଓ କୋଭିଡ୍ କେୟାର ସେଣ୍ଟର ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସୁନ୍ଦରଗଡ ଓ ଯାଜପୁର ଜିଲ୍ଲାର ବିଭିନ୍ନ ସ୍ୱେଚ୍ଛାସେବୀ ତଥା ଧାର୍ମିକ ସାମାଜିକ ସଂଗଠନ ଓ କର୍ପୋରେଟ୍ ସଂସ୍ଥା ମାନଙ୍କୁ କୋଭିଡ୍ କେୟାର ହୋମ୍ ଓ କୋଭିଡ୍ କେୟାର ସେଣ୍ଟର ସ୍ଥାପନ ପାଇଁ ସହଯୋଗ କରିବାକୁ ଆଗେଇ ଆସିବାକୁ ପରାମର୍ଶ ଦେଇଥିଲେ। ଯାଜପୁର ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷ ତଥା ମନ୍ତ୍ରୀ ସମୀର ଦାଶ ଏବଂ ସୁନ୍ଦରଗଡ ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷ ସାରଦା ନାୟକ ସେମାନଙ୍କ ଜିଲ୍ଲାରେ କୋଭିଡ୍ ପରିଚାଳନା ସମ୍ପର୍କରେ ସୁଚିନ୍ତିତ ମତାମତ ଦେଇଥିଲେ। ସୁନ୍ଦରଗଡ ଓ ଯାଜପୁରର ଜିଲ୍ଲାପାଳ ଏବଂ ରାଉରକେଲାର ମ୍ୟୁନିସିପାଲ କମିଶନର ସେମାନଙ୍କ ଅଞ୍ଚଳରେ କୋଭିଡ୍ ପରିଚାଳନା ବିଷୟରେ ଉପସ୍ଥାପନା କରିଥିଲେ ଏବଂ ପରିସ୍ଥିତିରେ ଉନ୍ନତି ଆସୁଥିବା ବିଷୟ ସୂଚନା ଦେଇଥିଲେ। ବୈଠକରେ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସ, ମୁଖ୍ୟ ଶାସନ ସଚିବ, ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟର ମୁଖ୍ୟ ଉପଦେଷ୍ଟା, ଉନ୍ନୟନ କମିଶନର, ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ କମିଶନର ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।



ସୁଖ ପାଖରେ ଜ୍ଞାନ ନଥାଏ । ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ ।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୨୭ ଜୁଲାଇ - ୦୨ ଅଗଷ୍ଟ, ୨୦୨୦

# ବିପଦ ମୁହଁରେ ଜୀବନ

ସମ୍ପାଦକୀୟ

ତାରକ ମହାନ୍ତି



କରୋନା ମୁକାବିଲା ଏବେ ସରକାରଙ୍କ ପାଇଁ ବଡ ଆହ୍ୱାନ । କାରଣ ଜୁନ୍ ତୁଳନାରେ ଜୁଲାଇରେ ଆକ୍ରାନ୍ତଙ୍କ ସଂଖ୍ୟା ଯେଭଳି ବଢୁଛି ଏହା ଚିନ୍ତାଜନକ । ଏମିତିକି ଦିନକୁ ୧୦୦୦ ଟପୁଛି ପଜିଟିଭ୍ ସଂଖ୍ୟା । ରାଜ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ୨୪ ହଜାର ପାର ହେଲାଣି । ଏଭଳି ସ୍ଥିତିରେ ଶଯ୍ୟା ସଂଖ୍ୟା ବୃଦ୍ଧି କରି ରୋଗୀଙ୍କୁ ସେବା ଯୋଗାଇବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ହୋଇପଡିଛି । ଜାତୀୟ ସ୍ତରରେ ଟେଷ୍ଟ ପଜିଟିଭ ୧୧% ଥିବା ବେଳେ ଓଡ଼ିଶାରେ ଏହି ହାର ୧୧.୬୨ ପ୍ରତିଶତ ଥିବା ଜଣାପଡିଛି । କରୋନା ଜନିତ ମୃତ୍ୟୁ ହାର ମଧ୍ୟ ବଢ଼ିଚାଲିଛି । କରୋନାକୁ ନେଇ ଏବେ ସବୁ ସ୍ତରରେ ଆତଙ୍କ ଖେଳୁଥିଲା ବେଳେ ଆଗୁଆ ଟୀକାକରଣ ନେଇ ଓଡ଼ିଶା ସରକାର ଚିନ୍ତା କରୁଛନ୍ତି । ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସେରମ ସିଇଓଙ୍କ ସହ କଥା ହୋଇଥିଲେ । ସୂଚନାଯୋଗ୍ୟ ଯେ, ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ସହ ମିଳିତ ଉଦ୍ୟମରେ ଭାରତର ସେରମ ଇନ୍‌ଷ୍ଟିଚ୍ୟୁଟ୍ କୋଭିଡ୍ ଟୀକା ପ୍ରସ୍ତୁତ କରୁଛନ୍ତି । ଏହି ଟୀକା ସଫଳ ହେଲେ ଆସନ୍ତା ନଭେମ୍ବରରେ ଏହା ଏଠାରେ ଉପଲବ୍ଧ ହୋଇପାରିବ ବୋଲି ଆଶା କରାଯାଉଛି । ଅନ୍ୟପକ୍ଷରେ କୋଭିଡ୍ ମୁକାବିଲା ପାଇଁ ରାଜ୍ୟର ବିଭିନ୍ନ ହସ୍ପିଟାଲରେ ପ୍ଲାଜମାଥେରାପି ମଧ୍ୟ ଆରମ୍ଭ ହୋଇଗଲାଣି । ଏହାଗୁରୁତର କରୋନା ରୋଗୀଙ୍କୁ ସୁସ୍ଥ କରିବା କ୍ଷେତ୍ରରେ ବେଶ ସହାୟକ ହେବ ବୋଲି ମଧ୍ୟ ଜଣାପଡିଛି । ହେଲେ ଭାରତରେ କରୋନା ସଂକ୍ରମଣ ହାର ଭୟଙ୍କର ଭାବେ ବଢ଼ିଚାଲିବା ନିଶ୍ଚୟ ଚିନ୍ତାଜନକ । ବିଭିନ୍ନ ଦେଶ ତୁଳନାରେ ଦେଶର ସଂକ୍ରମଣ ହାର କମ ରହିଛି ବୋଲି କହିଛନ୍ତି କେନ୍ଦ୍ର ସରକାର । ସଂକ୍ରମଣ ହାର ବଢୁଥିଲେ ବି ଭାରତରେ ସୁସ୍ଥ ହାର ଉଲ୍ଲେଖଯୋଗ୍ୟ, ଯାହା ଏକପ୍ରକାର ଆଶ୍ୱସ୍ତି ଦେଉଛି ହେଲେ ଯେଉଁ ହାରରେ ସଂକ୍ରମଣ ହାର ବଢୁଛି, ସେହି ତୁଳନାରେ ନୂଆ ଆକ୍ରାନ୍ତଙ୍କ ଚିକିତ୍ସା ପାଇଁ ଶଯ୍ୟା, ଅକ୍ସିଜେନ, ଆଇସିୟୁ ଓ ଭେଣ୍ଟିଲେଟର ବ୍ୟବସ୍ଥା ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ । ହେଲେ କରୋନାକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବା ହୁ ଦେଉଥିବା ରିପୋର୍ଟ ଆରମ୍ଭରୁ ସନ୍ଦେହ ସୃଷ୍ଟି କରିଚାଲିଛି । କାରଣ କରୋନା ଭାଇରସ ଦିନକୁ ଦିନ ଯେଭଳି ରହସ୍ୟମୟ ହୋଇଚାଲିଛି ତାହା ବୁଝିବା କଷ୍ଟସାଧ୍ୟ । ଭ୍ୟାକ୍ସିନ ନଥିବା ଏହି ରୋଗର ଆରମ୍ଭରୁ ହୁ ମତ ବଦଳାଇ ଚାଲିଛି । ତଥାପି ଏହାରି ଭିତରେ ଆମେରିକା, ଋଷ, ଜାପାନ, ଭାରତ ଭଳି ଅନେକ ଦେଶ କରୋନା ଭ୍ୟାକ୍ସିନର ହ୍ୟୁମାନ ଟ୍ରାଏଲ ବା ମାନବ ଶରୀରରେ ପରିକ୍ଷଣର ଅନ୍ତିମ ସୋପାନରେ ପହଞ୍ଚିଛି । ହୁଏତ ଏହା ଆଗାମୀ ଦୁଇ ତିନି ମାସ ମଧ୍ୟରେ ବଜାରକୁ ଆସିଯିବ । ଭ୍ୟାକସିନକୁ ନେଇ ସମସ୍ତ ମନରେ ଏକ ନୂଆ ଆଶା ଉଜ୍ଜୀବିତ ହେବା ଶୁଭଙ୍କର ନିଶ୍ଚୟ । ହେଲେ ବର୍ତ୍ତମାନ ଦେଶରେ ଯେଭଳି ଭାବେ କରୋନା ଆକ୍ରାନ୍ତ ବୃଦ୍ଧି ପାଉଛି, ମାତ୍ର ଆଉ କେତୋଟି ସପ୍ତାହ ପରେ ଭାରତ ସଂକ୍ରମିତ ତାଲିକାର ଶୀର୍ଷ ଛୁଇଁବାର ଆଶଙ୍କା ଦେଖାଦେଲାଣି । ଏଭଳି ପରିସ୍ଥିତିରେ ଲୋକ ନିଜେ ନିଜେ ସତର୍କ ନ ରହିଲେ ପରିସ୍ଥିତି ଆହୁରି ଭୟଙ୍କର ହୋଇଯିବ । ରାଜ୍ୟ ପରିସ୍ଥିତି ମଧ୍ୟ ଚିନ୍ତାଜନକ । ଦିନକୁ ରେକର୍ଡ ସ୍ତରରେ ପହଞ୍ଚି ଗଲାଣି ଏହି ସଂଖ୍ୟା । ଦୈନିକ ହଜାରରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ହେଉଛନ୍ତି । ତାହାରି ଭିତରେ ଆକ୍ରାନ୍ତଙ୍କ ମଧ୍ୟରୁ ଅଧିକାଂଶ ଶୀଘ୍ର ଆରୋଗ୍ୟ ହେଉଛନ୍ତି । ଏହା ମଧ୍ୟ ସକରାତ୍ମକ ଖବର । ଯେବେ ଆକ୍ରାନ୍ତଙ୍କ ମଧ୍ୟରୁ ସୁସ୍ଥତା ହାର ବୃଦ୍ଧି ପାଇବ ଲୋକଙ୍କ ମନରୁ କରୋନାକୁ ନେଇ ଦେଖାଦେଇଥିବା ଭୟ ଧୀରେ ଧୀରେ ହ୍ରାସ ପାଇବ । ସମ୍ପ୍ରତି ଏକ ଅଜଣା ଆଶଙ୍କା ଭିତରେ ବଞ୍ଚୁଥିବା ମନରେ ପୂର୍ବ ବିଶ୍ୱାସ ଫେରେଇ ଆଣିବା ସରକାରଙ୍କ ପାଇଁ ଗୁରୁଦାୟିତ୍ୱ ବୋଲି ଭାବିବାକୁ ହେବ ।

ଯଦିଓ ପୂର୍ବ ସୂଚନା ଅନୁସାରେ କରୋନାର ମୁଳୋତ୍ପାଟନ ହେବାକୁ ଅଧିକ ସମୟ ଲାଗିବ । ସମ୍ପ୍ରତି ଦେଶରେ ସଂକ୍ରମଣ ଧାରା ଅସମ୍ଭବ ଭାବେ ବୃଦ୍ଧି ପାଇଥିଲା ବେଳେ ରାଜ୍ୟରେ ଗତ ଏକ ସପ୍ତାହ ମଧ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି । ଆଗକୁ ଏହା ଆହୁରି ଦ୍ରୁତ ଗତିରେ ବୃଦ୍ଧି ପାଇବାର ଆଶଙ୍କା ବି ଦେଖାଦେଲାଣି । ଏଭଳି ପରିସ୍ଥିତିରେ ଓଡ଼ିଶାରେ କଣ୍ଟାକ୍ଟ ଟ୍ରେସିଂ ଓ ଟେଷ୍ଟିଂ ସଂଖ୍ୟାରେ ସ୍ଥିତି ଭଲ ବୋଲି ଜଣାପଡିଛି । ଅନ୍ୟ ରାଜ୍ୟ ତୁଳନାରେ ଆମ ରାଜ୍ୟରେ କୋଭିଡ ସଂକ୍ରମଣ ନିୟନ୍ତ୍ରଣରେ ରହିଥିବା ଚିକିତ୍ସା କ୍ଷେତ୍ରରେ ବେଶ ପାରଦର୍ଶିତା ରହଥିବା ବିଷୟ ସାମ୍ନାକୁ ଆସିଛି । କରୋନା ଜନିତ ମୃତ୍ୟୁହାର ମଧ୍ୟ କମ ରହିଛି । ଅଗଷ୍ଟ ଶେଷ ସପ୍ତାହ ପର୍ଯ୍ୟନ୍ତ ସଂକ୍ରମଣ ବଢ଼ିବାରେ ବୋଲି ଡାକ୍ତରମାନେ କହୁଛନ୍ତି । ଯଦିଓ ବର୍ତ୍ତମାନ ପରିପ୍ରେକ୍ଷୀରେ ଗୋଷ୍ଠୀ ସଂକ୍ରମଣ ହୋଇନଥିବା କହୁଛନ୍ତି ସରକାର, ତଥାପି ଦିନକୁଦିନ ଲୋକାଲ କେସ ସଂଖ୍ୟା ବଢ଼ିଚାଲିଛି । ଆଶ୍ୱସ୍ତିର କଥା ଯେ, ସଂକ୍ରମିତ ହାର ଅନୁସାରେ ସୁସ୍ଥତା ହାର ମଧ୍ୟ ବୃଦ୍ଧି ପାଇଚାଲିଛି । ଇତ୍ୟବସରରେ ରାଜ୍ୟରେ ଗୁରୁତର କରୋନା ରୋଗୀଙ୍କ ଚିକିତ୍ସା କ୍ଷେତ୍ରରେ ପ୍ଲାଜମା ଚିକିତ୍ସା ମହତ୍ୱପୂର୍ଣ୍ଣ ଭୂମିକା ନେଇଛି । ରାଜ୍ୟ ସରକାରଙ୍କ ଏଭଳି ନିଷ୍ପତ୍ତି ନିଶ୍ଚୟ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯିବ । ପ୍ଲାଜମା ଦାନ ପାଇଁ ଅଧିକରୁ ଅଧିକ ଲୋକଙ୍କୁ ଉତ୍ସାହିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମନ୍ତ୍ରୀମାନଙ୍କୁ ଜିଲ୍ଲା ଅନୁସାରେ ଦାୟିତ୍ୱ ପ୍ରଦାନ ବି କରିଛନ୍ତି । ବିଶେଷକରି ଗଞ୍ଜାମ ଜିଲ୍ଲାରେ କରୋନା ସ୍ଥିତିର ଭୟାବହତାକୁ ଦୃଷ୍ଟିରେ ରଖି ସେଠାରେ ସରକାରଙ୍କ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉଛି, ହେଲେ ସଂକ୍ରମଣ ଆରମ୍ଭରୁ ଗଞ୍ଜାମ ଫେରିଥିବା ପ୍ରବାସୀ ଓଡ଼ିଆମାନେ ପୁଣି ବାହୁଡିବା ଆରମ୍ଭ କଲେଣି । କାରଣ ସ୍ୱରୂପ ଯାହା ଜଣାପଡେ, ଜୀବନ ଭଳି ଜୀବିକା ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଜୀବିକା ନଥିଲେ ଲୋକ ଖାଇବେ କ'ଣ ବଞ୍ଚିବେ କିଭଳି ? ଦୀର୍ଘ ଚାରିମାସର ଲକଡାଉନ୍ ଓ ସଟ୍‌ଡାଉନ୍ ପ୍ରକ୍ରିୟା ମଧ୍ୟରେ ଜନଜୀବନ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇପଡିଲେଣି । ସରକାରୀ ଚାକିରିଆଙ୍କୁ ବାଦ ଦେଲେ ଘରୋଇ ପ୍ରତିଷ୍ଠାନ ଓ ଅନ୍ୟ କ୍ଷୁଦ୍ର କାର୍ଯ୍ୟାଳୟରେ କାମ କରୁଥିବା କର୍ମଚାରୀ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଉଠା ବେପାରୀଙ୍କ ଦୁଃଖ କହିଲେ ନସରେ । କେବଳ ଏତିକି ନୁହେଁ ହୋଟେଲ, ଶିଳ୍ପ, ସିନେମା ଘର, ମନୋରଞ୍ଜନ ଓ ପର୍ଯ୍ୟଟନ କ୍ଷେତ୍ର ସମ୍ପୂର୍ଣ୍ଣ ଉଜୁଡିଗଲାଣି । ଜନତା କର୍ଫ୍ୟୁ ଠାରୁ କରୋନାକୁ ନେଇ ପ୍ରଧାନମନ୍ତ୍ରୀଙ୍କ ସବୁ ଘୋଷଣା ମାନି ଜନସାଧାରଣ ରହିଥିଲେ ବି କରୋନା କିନ୍ତୁ ଘୁଞ୍ଚିବା ପରିବେର୍ତ୍ତ କାୟା ବିସ୍ତାର କରିଚାଲିଛି । କେବେ ଆସିବ ଭ୍ୟାକସିନ ଓ କରୋନା ରୋଗୀ ମୃତ୍ୟୁମୁଖରୁ ଫେରିବେ ତାହାକୁ ଏବେ ସମସ୍ତଙ୍କ ଅପେକ୍ଷା । ପୂର୍ବ ଘୋଷଣା ଅନୁସାରେ ଭାରତରେ ଅଗଷ୍ଟ ୧୫ ପୂର୍ବରୁ କିଛି ଶୁଭ ସୂଚନା ସାମ୍ନାକୁ ଆସିପାରେ । ସୂତ୍ର ଅନୁସାରେ ଆଗାମୀ ସପ୍ତାହରେ ଔଷଧ କମ୍ପାନୀ ସିପ୍ଲା ପକ୍ଷରୁ କରୋନା ଚିକିତ୍ସା ପାଇଁ ଏକ ଟାବଲେଟ ବଜାରରେ ଉପଲବ୍ଧ ହୋଇପାରେ । ଏଯାବତ କରୋନାକୁ ନେଇ ସଠିକ୍ ଭାବେ କିଛି ଆକଳନ କରାଯାଇପାରୁନଥିଲା ବେଳେ କେବେ ଏହା ଦେଶରୁ ବିଦାୟ ନେବ ଓ ସ୍ୱାଭାବିକ ଅବସ୍ଥା ଫେରିବ ତାହାକୁ ନେଇ ସମସ୍ତେ ସନ୍ଦିହାନ ରହିଛନ୍ତି । ତେଣୁ ବିପଦ ମୁହଁରେ ଏବେ ଜୀବନ ବୋଲି କହିବାକୁ ହେବ ।

**ଯୋଗାଯୋଗ ଠିକଣା**
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ଆଲୋ ସଖୀ, ଆପଣା ମହତ ଆପେ ରଖ୍ !

## ପଙ୍କଜ କୁମାର ପାଣିଗ୍ରାହୀ

ମନୋବଳର କ୍ଷମତା ଆଗରେ ବାହୁବଳ ହାର ମାନିଥାଏ ! ପ୍ରକାଣ୍ଡ ଶକ୍ତି ଥାଇ ଦୁର୍ବଳ ମନୋବଳ ପରାଜୟ ସ୍ୱୀକାର କରିବା ନିଶ୍ଚିତ, ଯେମିତି ପଞ୍ଚୁପାଣ୍ଡବଙ୍କ ଉଦାହରଣ ଆମ ଇତିହାସ ଦେଇଛି ! ହେଲେ ଆମେ ଆଉ ସେମିତି ଅଛୁକି ?

ଭ୍ରଷ୍ଟାଚାର ଏବଂ ଅନ୍ଧ ବଶ୍ୱାସ ରାଷ୍ଟ୍ରର ମନୋବଳ ଦୁର୍ବଳତାର କେନ୍ଦ୍ରବିନ୍ଦୁ ! କୌଣସି ରାଷ୍ଟ୍ରର ମନୋବଳ ଦୁର୍ବଳକରି ତାହାର ସାହାସିକତା କ୍ଷୁର୍ଣ୍ଣ କଲେ ସେମାନଙ୍କୁ କବଳିତ କରିବା ସହଜ ହୋଇଥାଏ ! ତେଣୁ ଅଜ୍ଞାତ ଅଦୃଶ୍ୟ କୂଟନୀତି ମାଧ୍ୟମରେ ଉପରେ ମୋହିତ କରି ଭିତରେ ଗୁପ୍ତ ଷଡଯନ୍ତ୍ର କରିବା ଶତ୍ରୁପକ୍ଷର ଏକ ଲମ୍ବା ଯୋଜନା ହୋଇଥାଏ ଯାହା ସରଳ ମଣିଷ ବୁଝିବାତ ଦୂରର କଥା କେବେ ଭାବିପାରିବ ନାହିଁ ! କୌଣସି ରାଷ୍ଟ୍ରକୁ କବଳିତ କରିବା ପାଇଁ ସମ୍ପୃକ୍ତ ରାଷ୍ଟ୍ର ସହିତ ମିତ୍ରତାଭାବ ସୃଷ୍ଟି କରାଯାଇ ଆଭ୍ୟନ୍ତର ଶାସନ ବ୍ୟବସ୍ଥାରେ ଶାସନ ମୁଖ୍ୟଙ୍କ ସହିତ ସଲାସୁତୁରା କରି ଗୁପ୍ତଭାବେ ଏହି ନୀତି ପ୍ରୟୋଗ କରାଯାଇଥାଏ ଯାହା ସମ୍ପୃକ୍ତ ରାଷ୍ଟ୍ରର ବ୍ୟବସ୍ଥାକୁ ମାର୍ଗଦର୍ଶୀ ଭଳି ଦେଖାଉଥିବା ବେଳେ ଭିତରେ କୁହୁଳି କୁହୁଳି ଅଜ୍ଞାତରେ ଧ୍ୱଂସାଭିମୁଖୀ କରାଇଥାଏ ବାହ୍ୟ ଶତ୍ରୁ ଦ୍ୱାରା ! ଶତ୍ରୁର ଲକ୍ଷ ପୂର୍ଣ୍ଣ ହେବାପରେ ସମୟ ସୁଯୋଗ ଦେଖି ସେହି ନିରୀହ ମଣିଷଙ୍କୁ ଆକ୍ରମଣ କରି କରାୟତ କରିବା ଚିନ୍ତା କରିଥାଏ ବାହ୍ୟ ଶତ୍ରୁ ! ଦୀର୍ଘ ସମୟର ସେହି ଷଡ଼ଯନ୍ତ୍ରରେ ନିଷ୍ପେସିତ ଶାରୀରିକ ଏବଂ ମାନସିକ ସ୍ତରରେ ଦୁର୍ବଳ ମଣିଷ ଅନ୍ୟର ଆଶ୍ରା ଉପରେ ନିର୍ଭରଶୀଳ ହୋଇପଡନ୍ତି ! ମାନସିକ ଦୁର୍ବଳତାରୁ ନିଜର କ୍ଷମତାର ଆକଳନ କରିନପାରି ଅନ୍ୟ ଉପରେ ନିର୍ଭର କରି ସମସ୍ୟା ସମାଧାନ ପାଇଁ ସାହାଯ୍ୟର ହାତ ବଢ଼ାଇଲେ ପରବର୍ତ୍ତି ସମୟରେ ସାହାଯ୍ୟାକାରୀର କବଳିତ ହେବାକୁ ପଡିଥାଏ ଯାହା ଶତ୍ରୁର ପ୍ରକୋପ ଠାରୁ କଷ୍ଟଦାୟକ ହେବକି ନାହିଁ ସମୟ କହିବ ! ହେଲେ ପରିସ୍ଥିତିକୁ ସାମ୍ନା କରିବା ପାଇଁ ନିଜର ଉପସ୍ଥିତ ବୁଦ୍ଧି ପ୍ରୟୋଗ ପୂର୍ବକ କାହାର ସହାୟତା ନନେଇ ନିଜେ ଲଢେଇ କରିବା ମଣିଷ କୌଣସି କାରଣରୁ ବିଜୟୀ ହେବାପରେ ଶତ୍ରୁପକ୍ଷ କ'ଣ, ସାହାଯ୍ୟ କରିବାକୁ ଥିବା କ୍ଷମତାଶୀଳ ରାଷ୍ଟ୍ର ମଧ୍ୟ ବଙ୍କେଇ ଚାହିଁବା ପୂର୍ବରୁ ଅନେକ ଥର ଭାବିବ ! ନିଜେ ଭଲରେ ରହିଥବା ସମୟରେ କାହାର ସାହାଯ୍ୟ, ଅନୁକମ୍ପା ଭିକ୍ଷା କଲେ ତାହାର ମର୍ଯ୍ୟାଦା ଭିନ୍ନ ହୋଇଥାଏ । କି'ନ୍ତୁ ଅସମୟରେ ସାହାଯ୍ୟ ଭିକ୍ଷା କରୁଥିବା ମଣିଷକୁ ସାଧାରଣତଃ ହେୟଜ୍ଞାନ କରି ଭିକାରୀ ଭଳି ବ୍ୟବହାର କରାଯାଇଥାଏ । ବିଚାରଶୀଳ ବୁଦ୍ଧିମନ୍ତ ମଣିଷ ବିପନ୍ନତାର ପରିସ୍ଥିତି ଗମ୍ଭୀର ନହେବା ଯାଏଁ କେବେହେଲେ କାହାକୁ ସାହାଯ୍ୟ ମାଗିବା ନିର୍ଣ୍ଣୟ କରିନଥା'ନ୍ତି । କାହାର ସାହାଯ୍ୟ ଭିକ୍ଷା କରୁଥିବା ଶୁଣି ବିପକ୍ଷ ଅଧିକ ନିଶ୍ଚିତ ହୋଇଯାଇଥାଏ ତାହାର ଶତ୍ରୁପକ୍ଷ ଦୁର୍ବଳ ବୋଲି । ତେଣୁ ପ୍ରାୟତଃ ଚତୁର ମଣିଷ ବିପଦ ସମୟରେ କାହାକୁ ସାହାଯ୍ୟ ମାଗିବା ବିପରୀତ କେହି ସାହାଯ୍ୟ ଦେବାପାଇଁ ଆଗ୍ରହ ପ୍ରକାଶ କଲେ ପ୍ରତ୍ୟାଖ୍ୟାନ କରିଥା'ନ୍ତି । ସେହିଭଳି ଆଚରଣରେ ସେହି ମଣିଷ ପାଖରେ ଯଥେଷ୍ଟ କ୍ଷମତା ଅଛିକି ନାହିଁ ନଜାଣିପାରି ଶତ୍ରୁପକ୍ଷ ତାହାର ସାହାସିକତା ମନୋଭାବ ଦେଖି ଭୟଭୀତ ହୋଇ ଦୁଇଗୁଣ ଦୂରତ୍ୱ ରକ୍ଷା କରିବା ପାଇଁ ଚିନ୍ତା କରିଥାଏ !

ଜାପାନ ଭଳି ଗୋଟିଏ କ୍ଷୁଦ୍ର ରାଷ୍ଟ୍ର କୌଣସି ପ୍ରକାର ସାହାଯ୍ୟ କାହାଠାରୁ ଭିକ୍ଷା କରିବା ଦୂରର କଥା ସେମାନଙ୍କୁ ସାହାଯ୍ୟ ପ୍ରଦାନ କରିବା ପାଇଁ ପ୍ରୟାସ କରିବା ଲୋକ ଅପଦସ୍ଥ ହୋଇଥା'ନ୍ତି ଯାହା ଆମର ବିପରୀତ । ଆମକୁ କିଏ କୌଣସି ସାହାଯ୍ୟ ନଦେଲେ ନିଜକୁ ନିଜେ ବହୁତ ଏକାକୀ ମନେକରି ସତେଯେପରି ଆମ ପ୍ରତି କାହାର ଆଦର, ଆନ୍ତରିକତା ନଥିଲା ଭଳି ଅନୁଭବ କରିଥାଉ ଯାହା ଜାପାନୀ ମାନଙ୍କ ବିପରୀତ ଚିନ୍ତନ ! ତେଣୁ ଆମେ ସବୁବେଳେ ନିଜକୁ ଭିକାରୀ ରୂପରେ ସଜାଇ ବ୍ୟକ୍ତିଗତ ହେଉକି ସରକାରୀ, ଅଥବା ଅନ୍ତର୍ଦେଶୀୟ ଅନୁଦାନ ପାଇଁ ବ୍ୟାକୁଳ ଯାହା ଆତ୍ମପ୍ରତି ଏକ ପ୍ରେମମୟ ସଭାବନା ଭଳି ମନେକରୁ !

ଭାରତର ପୂର୍ବ ସଂସ୍କୃତିକୁ ଇଂଗ୍ରେଜ୍ ମାନେ ଯେତିକି ଖଣ୍ଡ ବିଖଣ୍ଡିତ କରି ଯତକିଞ୍ଚିତ ବଞ୍ଚିଥିଲା ବର୍ତ୍ତମାନର ବୈଦେଶିକ ନୀତି ଦେଶର ଆଭ୍ୟନ୍ତରୀଣ ବ୍ୟାପାର ଗୁଡିକରେ ହସ୍ତକ୍ଷେପ କରି ସେସବୁ ଶହେ ଶତକଡା ମାଟିରେ ମିଶାଇ ଦେବାରେ ଭାଇଚାରା ନରହିଲେ ମଧ୍ୟ ଚଳାଇ ଦେଇଥାନ୍ତେ ଯାହା ତାହାର ବିପରୀତ ମନୋଭାବ ତଥା କେବଳ ହିଂସାତ୍ମକ ପରିବେଶ ଘରଠାରୁ ଆରମ୍ଭ କରି ରାଷ୍ଟ୍ର ପର୍ଯ୍ୟନ୍ତ ଦେଖିବାକୁ ମିଳୁଛି ଆମ ଦେଶରେ । ଇତି ମଧ୍ୟରେ କୂଟନୀତିକ ବ୍ୟାପାର କେବଳ ଛକାପଞ୍ଝା ମାଧ୍ୟମରେ ଚାଲୁଥିବା ଦେଖିବାକୁ ମୁଳୁଛି ଯାହା ଆମ ସମାଜକୁ ନିମ୍ନଗାମୀ କରିବାରେ ଯଥେଷ୍ଟ ସାହାଯ୍ୟ କରୁଥିବା ସ୍ୱଗୃହ ଶତ୍ରୁ ମାନଙ୍କ କାର୍ଯ୍ୟକଳାପରୁ ଖୁବ ଅନୁମେୟ । ତେଣୁ ବୈଦେଶିକ ରାଷ୍ଟ୍ର ତଥା ପଡୋଶୀ ମାନଙ୍କ ଲୋଲୁପ ଦୃଷ୍ଟିରେ କବଳିତ ହେବାକୁ ଲାଗିଛି ଆମ ଦେଶ ।

ଅତଏବ କ୍ଷମତରେ ରହିଥିବା ସମସ୍ତ ରାଷ୍ଟ୍ରବାଦୀ ସଦସ୍ୟ ପ୍ରଥମେ ଗୃହସତ୍ରୁ ଶକୁନି ମାନଙ୍କୁ କରାୟତ କରି ସାଧାରଣ ନାଗରିକଙ୍କ ମନୋବଳ ସୁଦୃଢ଼ ପୂର୍ବକ ଭ୍ରଷ୍ଟାଚାର, ଅନ୍ଧ ବିଶ୍ୱାସ ଦୁରକରି ଭାଇଚାରା ସୃଷ୍ଟି କରାଇ ପୂର୍ବ ଭାରତୀୟ ସନାତନ ସଂସ୍କୃତିର ମର୍ଯ୍ୟାଦାକୁ ଫେରାଇ ଆଣି ତାହାର ମହତ ରକ୍ଷା ପୂର୍ବକ ନିଜର ଦାମ୍ଭିକ ପରିସ୍ଥିତି ସୃଷ୍ଟି କରିପାରିଲେ କାହାର ଲୋଲୁପ ଦୃଷ୍ଟିରେ ତରଳି ନଯାଇ ବରଂ ଆମର କ୍ଷମତା ପ୍ରଦର୍ଶନ ପୂର୍ବକ ଏକ ସୁଦୃଢ଼ ରାଷ୍ଟ୍ରର ପରିଚୟ ଦେଇପାରିବା ବୋଲି ଆମର ବିଚାରରେ ଆପଣଙ୍କ ମତ ଦେବେ ବୋଲି ଆଶା ।

କାହାର ସାହାଯ୍ୟ ଭିକ୍ଷା ନକରି ନିଜର ମନୋବଳ ସୁଦୃଢ଼ କରି ସାମାଜିକ ପରିସ୍ଥିତିକୁ ସଜାଡି ନିଜ ମହତ ନିଜେ ରକ୍ଷା କରିବା ପାଇଁ ଚେଷ୍ଟା କରାଯିବା ସହିତ ନିଜେ ବାସ୍ତବ ଆତ୍ମନିର୍ଭରଶୀଳ ହୋଇ ବଞ୍ଚିବା ପାଇଁ ଚେଷ୍ଟା କରାଯିବା ଆବଶ୍ୟକ ଯାହା ଜାପାନୀମାନେ କରୁଛନ୍ତି, ଆମରି ମହାତ୍ମା ବୁଦ୍ଧଙ୍କଠାରୁ ଶିକ୍ଷାଲାଭ କରି ! ତେଣୁ ଆମେ କାହିଁକି ନିଜ ସାମର୍ଥ୍ୟରେ ବଞ୍ଚିପାରିବା ନାହିଁ, ଯେ କାହାକୁ ହାତ ପସାରିବା ? ଆସନ୍ତୁ ଦେଶର ସମସ୍ତ ନାଗରିକ ଏବଂ କ୍ଷମତାସୀନ ରାଷ୍ଟ୍ରବାଦୀ ସଦସ୍ୟ ସମସ୍ତେ ମିଶି ଏକ ସୁନ୍ଦର ଭାରତବର୍ଷର ପରିକଳ୍ପନା କରିବା ଆଜିଠାରୁ ଯାହା ଖୁବ କମଦିନ ମଧ୍ୟରେ ଆମର ପ୍ରତିଭା ବିଶ୍ୱବ୍ୟାପୀ ସମସ୍ତଙ୍କୁ ଚମକିତ କରିବ । ଅଥବା ଆସନ୍ତା ଭବିଷ୍ୟତ ଗମ୍ଭୀର ଅନିଶ୍ଚିତତା ଭିତରକୁ ଯାଉଥିବା ଅନୁମାନ ନୁହେଁ ବରଂ ସତ୍ୟ ! ଭ୍ରଷ୍ଟାଚାର ଏବଂ ଅନ୍ଧ ବିଶ୍ୱାସ ଦେଶକୁ ତଳିତଳାନ୍ତ କରି ଲୋକଙ୍କ ମନୋବଳ ଦୁର୍ବଳ କରିବାରେ ସାହାଯ୍ୟ କରିଥାଏ ଯାହା ଅନ୍ୟର ଆକ୍ରୋଶ ବଳୟକୁ ରାଷ୍ଟ୍ରକୁ ଟାଣି ନେଇଥାଏ ତାହା ଏକ ଗୁପ୍ତ ଷଡଯାନ୍ତିକ ବିଦେଶୀ ନୀତି ଯାହା ସାଧାରଣ କ'ଣ ଆଛା ଆଛା ଶିକ୍ଷିତଙ୍କ ମଧ୍ୟ ଜ୍ଞାନ ବହିର୍ଭୁତ ! ତେଣୁ ଦେଶର ଭ୍ରଷ୍ଟାଚାର ଏବଂ ଅନ୍ଧ ବିଶ୍ୱାସ ଦୂର ହୋଇଗଲେ ଏକ ସୁଦୃଢ଼ କ୍ଷମତାଶାଳୀ ରାଷ୍ଟ୍ରରେ ପରିଣତ ହେବା ଗୁରୁଃସମ୍ଭବ ଯାହା ସାଧାରଣରେ ବୁଝି ଅନୁମାନ କରିହେଉନଥିଲେ ମଧ୍ୟ ସୂର୍ଯ୍ୟ ଚନ୍ଦ୍ର ଭଳି ସତ୍ୟ ! ସେତିକି କଲେ ପର୍ଯ୍ୟାପ୍ତ ଦିଗରୁ ଦେଶର ଗାରିମା ରକ୍ଷା ପୂର୍ବକ କାହାର ଅନୁଗ୍ରହର ପାତ୍ର ନହୋଇ ଆପଣା ମହତ ଆପେ ରକ୍ଷାକରି ଆମ ମର୍ଯ୍ୟାଦା ବୃଦ୍ଧି ସହିତ କ୍ଷମତା, ପାରଦର୍ଶିତା ଦେଖାଇ ପାରିବା ବୋଲି ଆମ ବିଚାରରେ ଆପଣଙ୍କ ସହଭାଗିତା ଜଣାଇବାକୁ ଅନୁରୋଧ ପୂର୍ବକ ରହିଲି ?

*ସୋସିଆଲ ଫୋରୁମ୍ (ଭାରତ)*
*ଛତ୍ରପୁର, ଗଞ୍ଜାମ ।*
*ଦୂରଭାଷ-୯୪୩୭୩୨୪୯୧୭*

# ମନ ଓ ମନୁଷ୍ୟ



## ଅରୁଣା କର

ମନ ଅଛି ବୋଲି ଦୁଇହାତ, ଦୁଇଗୋଡ, ଦୁଇଟି ଆଖି ଓ ଦୁଇଟି କାନ ବିଶିଷ୍ଟ ଜୀବର ନାମ ମନୁଷ୍ୟ ରଖାଯାଇଛି । ଆଉ ସବୁ ପ୍ରାଣୀଙ୍କର ଯାହା ଯାହା ଅବୟବ ଅଛି ମଣିଷର ସେ ସବୁ ଅଛି । ଯାହା ଅଧିକା ଅଛି ତାହା ହେଉଛି ମନ । ବିବେକ ହେଉଛି ମନର ଏକ ସୂକ୍ଷ୍ମ ଶକ୍ତି । ବୁଦ୍ଧି ମଧ୍ୟ ମନର ଏକ ସୂକ୍ଷ୍ମ ଅବସ୍ଥା । ମନ ଅଛି ବୋଲି ସେ ମନୁଷ୍ୟ । ଯଦି ମନ ନଥାନ୍ତା ତେବେ ମଣିଷ ପଶୁତୁଲ୍ୟ । ସଂସାରରେ ଚଳିବା ପାଇଁ ଅନ୍ୟ ପ୍ରାଣୀ ପରି ସବୁ କାମ କରିପାରନ୍ତା କିନ୍ତୁ ଭାବି ପାରନ୍ତା ନାହିଁ, ମନେରଖି ପାରନ୍ତା ନାହିଁ, କଳ୍ପନା କରିପାରନ୍ତା ନାହିଁ, ଭଲମନ୍ଦ ଭିତରେ ଫରକ ବୁଝି ପାରନ୍ତା ନାହିଁ, ସଂସାରର ଦୃଶ୍ୟ ମନ ଭିତରେ ଆଉଥରେ ଦୋରେଇ ପାରନ୍ତା ନାହିଁ ଇତ୍ୟାଦି ଇତ୍ୟାଦି । ଅତଏବ ମନ ନାମକ ଚିଜ୍‌ଟିଏ ଦେଇ ବ୍ରହ୍ମା ମଣିଷ ଜନ୍ମକୁ ଏ ପୃଥିବୀରେ ଧନ୍ୟ କରି ଦେଇଛନ୍ତି ।

ମନ ଭଳି ବିଚିତ୍ର ଏ ସଂସାରରେ କିଛି ନାହିଁ । "ମନଏ ବ ମନୁଷ୍ୟାଣାଂ ଅତୀବ ବିଚିତ୍ରଃ" । ଭାଗବତରେ ଲେଖା ହୋଇଛି

'ମନର ମୂଳେ ଏ ଜଗତ
ସଭିଏଁ ମନର ଆୟତ୍ତ"

ଏଇତ ଟିକିଏ ସୂକ୍ଷ୍ମ ଭାବରେ ବିଚାର କରିବା କଥା ମଣିଷ ଭିତରେ ମନ ଅଥଚ ସମସ୍ତେ ମନର ବଶୀଭୂତ ମନକୁ ବଶୀଭୂତ କଲାବାଲା ଏ ସଂସାରରେ କେତେ ଜଣ ? ଏ କାମ କ'ଣ ଏତେ ସହଜ ? ବହୁ ଆଗରୁ ମନର ଏଇ ବିଚିତ୍ର ଗତି, ପ୍ରକୃତି ବିଷୟରେ ସମସ୍ତେ ଅବଗତ ଥିଲେ । ମନର ଅନେକ ବାଖ୍ୟା, ଅନେକ ନାମ ନିଆ ସରିଛି । ମନର ବାଖ୍ୟା ଏପରି ସବୁ ବିଶ୍ଲେଷଣ ଲଗାଇ କରାଯାଏ ଯଥା– ବିଚିତ୍ର ମନ, ଅସ୍ଥିର ମନ, ଅବୁଝା ମନ, ଆତୁର ମନ, ଚଞ୍ଚଳ ମନ, ଅସ୍ଥିର ମନ, ଖିଆଲ ମନ, ଅଶାନ୍ତ ମନ, ବ୍ୟଥିତ ମନ, ଭଙ୍ଗା ମନ, ଯୋଡା ମନ, ରଙ୍ଗୀନ ମନ, ବାଉଳା ମନ ... ଆହୁରି କେତେ ନାମ ଏ ମନ ସବୁ ବିଭିନ୍ନ ବ୍ୟକ୍ତିଙ୍କ ଭିତରେ ଥିବା ମନର ନାମ ହୋଇପାରେ ଆଉ ମଧ୍ୟ ସେହି ଏକା ବ୍ୟକ୍ତି ଭିତରେ ଥିବା ମନର ବିଭିନ୍ନ ସମୟର ନାମ ହୋଇପାରେ । ଯଦି ଗୋଟିଏ ବ୍ୟକ୍ତି ଦେହରେ ଥିବା ମନର ଏତେ ରୂପ ହୋଇପାର ତେବ ଜଗତରେ ପ୍ରତ୍ୟେକ ବ୍ୟକ୍ତି କେତେ ଅଣନିଃଶ୍ୱାସୀ ହୋଇ ବଞ୍ଚୁଛନ୍ତି ସତେ ! ଏ ପୃଥିବୀରେ କେତେ କଷ୍ଟ ଏପରି ମନକୁ ଆୟତ୍ତକରି ସାଧାରଣ ଭାବେ ଜୀବନ ନିର୍ବାହ କରିବା ! ସାଧାରଣ ଲୋକଙ୍କ କଥା ଛାଡ ସ୍ୱୟଂ ଅର୍ଜୁନଙ୍କୁ ଯେତେବେଳେ ଶ୍ରୀକୃଷ୍ଣ ଯୁଦ୍ଧ ଭୂମିରେ ଉପଦେଶ ଦେଇ କହିଲେ ଜନ୍ମ ହେଲେ ମରଣ ନିଶ୍ଚିତ ଏତେ କଥାରେ ବିଚଳିତ ନ ହୋଇ ମନକୁ ସ୍ଥିର କରି ଯୋଗୀ ହୁଅ ଏବଂ ମୋ ନିର୍ଦ୍ଦେଶରେ ସଂଗ୍ରାମ କରି ଜୟଯୁକ୍ତ ହେବାକୁ ଚେଷ୍ଟା କର । ଜଣେ କ୍ଷତ୍ରୀୟ ଭାବେ ଏହା ହିଁ ତୁମର ସର୍ବୋତ୍ତମ କର୍ତ୍ତବ୍ୟ । ଏ ଜଗତ କିଛି ନୁହେଁ ମୋତେ ହିଁ ସର୍ବମୟ ଜଗତ ଭାବି ମୋ ଠାରେ ମନ ସ୍ଥିର କର ଯୋଗୀ ହୁଅ । ମୋର ଆରାଧନା କର ଅର୍ଜୁନ ନିଜର ଅକ୍ଷମତା ପ୍ରକାଶ କରି କହିଲେ ସେ ପଛକେ ଶତ୍ରୁ ପକ୍ଷର ସମସ୍ତ ବାଣକୁ ଆୟତ୍ତ କରିପାରିବେ ନିଜ ତୁଣୀରରୁ ସମସ୍ତ ଅସ୍ତ୍ର ସଠିକ ଭାବେ ପ୍ରୟୋଗ କରିପାରିବେ ମାତ୍ର ମନକୁ ଆୟତ୍ତ ବା ବଶୀଭୂତ କରିପାରିବେ ନାହିଁ । ସେ କହିଲେ

ଚଞ୍ଚଳ ହି ମନଃ କୃଷ୍ଣ ପ୍ରମାଥିବଳବଦ୍‌ଦୃଢ
ତସ୍ୟାହଂ ନିଗ୍ରହଂ ମନୋବାୟୋରିବ ସୁଦୁଷ୍କରମ୍ ।

ଉତ୍ତରରେ ଅର୍ଜୁନଙ୍କୁ ଆଳକରି ସମଗ୍ର ମାନବ ଜାତିକୁ ସ୍ୱୟଂ ଭଗବାନ ମନକ ଆୟତ୍ତ କରିବାର ଉପାୟ ବତାଇ ଦେଇଛନ୍ତି ।

*ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ*
*ସରକାରୀ ସିଟି ସ୍କୁଲ*

# କରୋନା ଉପାରନ୍ତେ ପୃଥିବୀ



## ଶୀଳଭଦ୍ର ଶାସ୍ତ୍ରୀ

ଆଜି ସାରା ପୃଥିବୀରେ ଚହଳ ପକାଇଥିବା ସେହି ଅଦୃଶ୍ୟ ଭୂତାଣୁ 'କରୋନା' ଆଧୁନିକ ସଭ୍ୟ ମଣିଷର ନିଦ ହଜାଇ ଦେଇଛି । ଚୀନ୍ ଭଳି କୁଶଳୀ ଦେଶରେ ୨୦୧୯ ଶେଷ ଭାଗ ଓ ୨୦୨୦ ବର୍ଷର ଆରମ୍ଭରେ ହୋଇଥିବା ଏହି ମହାକାରୀକୁ କେହି ସ୍ୱପ୍ନରେ ବି ଭାବି ନଥିବେ ଯେ, ଏହା ସମଗ୍ର ପୃଥିବୀକୁ ଗ୍ରାସିବ । କିନ୍ତୁ ବର୍ତ୍ତମାନ ପ୍ରାୟ ସମସ୍ତ ଉନ୍ନତ ଦେଶରେ ମୃତ୍ୟୁ ତୁଳନାରେ ଆର୍ଥିକ ଅବସ୍ଥା ଶୋଚନୀୟ ହେଲାଣି, ଯାହା ଏକପ୍ରକାର ମିଠା ଜହରରେ ପରିଣତ ହେଲାଣି, କେବଳ ପାର୍ଶ୍ୱ ପ୍ରତିକ୍ରିୟାର ଅପେକ୍ଷା । କିନ୍ତୁ ଏହି ମହାମାରୀ ମଣିଷକୁ ଅନେକ କିଛି ଶିଖାଇଲା । ପ୍ରକୃତିକୁ ଛାରଖାର କରୁଥିବା ମଣିଷ ଏବେ ପ୍ରକୃତିକୁ ବୁଝିବାକୁ ଲାଗିଲାଣି । ଜୀବେ ଦୟା ଏବେ ସବୁ ବର୍ଗର ଲୋକଙ୍କ ପାଇଁ ଏକ ବାର୍ତ୍ତା ହେଲାଣି । ପରିବାର ପ୍ରତି ଭଲପାଇବା ଓ ଉତ୍ତରଦାୟିତ୍ୱକୁ ବିଳମ୍ବରେ ହେଲେ ବି ମଣିଷ ବୁଝିଲାଣି । ବିନା ଆଡମ୍ବରରେ, ସ୍ୱଳ୍ପ ବ୍ୟବହାର୍ଯ୍ୟ ବସ୍ତୁରେ ଚଳିବା, ଚାକଚକ୍ୟ ଗାଡି, ଘୋଡା, ସମ୍ପତ୍ତି ଓ ଘରୋଇ ସହାୟକଙ୍କ ବିନା ବି ଜୀବନ ବିତେଇ ହେବ ବୋଲି ଲୋକେ ଆପାତର ବୁଝିଲେଣି । ସବୁ ଠାରୁ ବଡ କଥା ହେଲା ସଙ୍ଗରୋଧରେ ରହି ସ୍ୱାବଲମ୍ବି ହେବା କରୋନା ଚେତାଇ ଦେଲା, ତଥା ଦେଶକୁ ଓ ଅନ୍ୟକୁ ଦାନ ଦେବାର ଏକ ବାର୍ତ୍ତା ଦେଲା । କିନ୍ତୁ କରୋନା ଯୋଗୁଁ ଆଉ ଏକ ବଡ ବାର୍ତ୍ତା ଦେଲା, ଲୋକେ ରାଜନେତାଙ୍କ ପରିବର୍ତ୍ତେ ସରକାରୀ ଡାକ୍ତର, ସେବା କର୍ମୀ, ପୋଲିସ, ଗଣମାଧ୍ୟମ, ସଫେଇ କର୍ମୀ, ଖାଦ୍ୟ, ପାଣି ଓ କ୍ଷୀର ଯୋଗାଉଥିବା ବ୍ୟକ୍ତି ବିଶେଷଙ୍କୁ ଭରସା କଲେ ଓ ସମ୍ମାନ ଦେବା ଶିକ୍ଷା କଲେ । କିନ୍ତୁ ଏହି କରୋନା ପରିସ୍ଥିତି ଉପରାନ୍ତେ ଭିନ୍ନ ଏକ ପୃଥିବୀ ଦେଖିବାକୁ ମିଳିପାରେ, ସବୁଠାରୁ ବଡ ବିପଦ ହେବ ଅର୍ଥ ବ୍ୟବସ୍ଥା ସୁଧାରିବା, ସରକାର ତାଙ୍କ କର୍ମଚାରୀଙ୍କୁ ଛଟେଇ ଓ ଦରମା କାଟି କରି ପାରନ୍ତି, ଘରୋଇ ଉଦ୍ୟୋଗମାନେ ପ୍ରଭୃତ କ୍ଷତି ଯୋଗୁଁ କର୍ମଚାରୀ ଛଟେଇ ଓ ଉତ୍ପାଦନ କମ କରିପାରନ୍ତି, କୃଷି ଉତ୍ପାଦନ ବାଧାପ୍ରାପ୍ତ ହେବା ସ୍ୱାଭାବିକ, ଗାଡି ଓ ଯନ୍ତ୍ରପାତି ବିକ୍ରି କମିବାର ସମ୍ଭାବନା ଯଥେଷ୍ଟ ଅଛି । ସବୁ କ୍ଷେତ୍ରରେ କାମ କରିବା ଲୋକ ଅଧିକ ଓ କାମ ଦେବା ଲୋକ କମ ହେବେ । ସବୁଠାରୁ ବଡ କ୍ଷତି ହେବ ଉଚ୍ଚ ଶିକ୍ଷିତ ପେଷାଦାର ଲୋକ ମାନଙ୍କର, କାରଣ ପେଷାଦାର ଲୋକଙ୍କ ସେବା ନେଉଥିବ ଲୋକଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯିବାରୁ ଏହା ପରୋକ୍ଷରେ ପେଷାଦାର ମାନଙ୍କୁ କ୍ଷତି କରିବ । ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଯାତ୍ରୀ ପରିବହନ ଓ ବ୍ୟବସାୟରେ ବ୍ୟାପକ କ୍ଷାତି। ହେବ, ପର୍ଯ୍ୟଟନ ଶିଳ୍ପ କିଛି ବର୍ଷ ପାଇଁ ସମ୍ପୂର୍ଣ୍ଣ ବ୍ୟାଘାତ ହେବାର ସମ୍ଭାବନା ଅଛି । କଷ୍ଟ ଓ ମୃତ୍ୟୁକୁ ଅତିକ୍ରମ କରି ହୁଏତ ଲୋକେ ପୁରା ସାଧୁ କିମ୍ବା ପୁରା ଅପରାଧୀ ହୋଇ ଜୋର ଜାର ମୁଳକ ତାର ନୀତି ଆପଣେଇବେ । ସବୁ ଶିକ୍ଷିତ ପେଷାଦାର ଲୋକମାନେ ଅନେକ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି । ରାଜନୈତିକ ନେତାଙ୍କୁ ବିପଦ ବେଳେ ପାଖରେ ନ ଦେଖି ଲୋକଙ୍କର ସେମାନଙ୍କ ପ୍ରତି ଅବିଶ୍ୱାସ ସମ୍ମୁଖୀନ ହୋଇପାରନ୍ତି । ରାଜନୈତିକ ନେତାଙ୍କୁ ବିପଦ ବେଳେ ପାଖରେ ନ ଦେଖି ଲୋକଙ୍କର ସେମାନଙ୍କ ପ୍ରତି ଅବିଶ୍ୱାସ ଭାବ ଯାତ ହେବ । ଜମି, ବାଡି, ସମ୍ପତ୍ତି ସମ୍ପର୍କିତ ମାଲିମକଦମା ହୁଏତ ପୁରା ହ୍ରାସ ପାଇବ ବା ପୁରା ବଢ଼ିଯିବ । ଅନ୍ୟପକ୍ଷରେ ଜାତି ପ୍ରଥା, ଛୁଆଁ, ଅଛୁଆଁ ଭେଦଭାବ ଆମ ଦେଶରୁ ଲୋପ ପାଉଥିବା ବେଳେ, କରୋନା ଭୟ ପୁଣି ଘୃଣା, ଅବିଶ୍ୱାସ, ଦୂରତ୍ୱ ବଜାୟ ରଖିବା ଓ ଛୁଇଁବା ପ୍ରଭୃତି ପ୍ରଥାକୁ ଚାଲୁ କରିଦେଇଛି । କିନ୍ତୁ ଲୋକଙ୍କ ମନରେ ଈଶ୍ୱରଙ୍କ ପ୍ରତି ଭୟରେ ଭକ୍ତି ଭାବ ଜାତ କରାଇଛି । ସବୁ ବର୍ତ୍ତମାନ ସେଇ ଜଗତର ନାଥ ଜଗନ୍ନାଥଙ୍କ ଦୟାରେ ।

*ଓକିଲ*
*ଭୁବନେଶ୍ୱର-୬*



ମୂଳ ଗୁଜୁରାଟୀ- ସ୍ୱାମୀ ଶ୍ରୀ ଆଧାତ୍ମାନନ୍ଦ ସରସ୍ୱତୀ ମହାରାଜ

# ଦୈବୀ ସମ୍ପଦା

ଅନୁବାଦ- ଉପାଳୀ ଦାଶ



**ଅଚପଳମ୍ :-**

"ଯ ଯେନଂ ବେତ୍ତିହନ୍ତାଂର ଯଶ୍ଚୈନଂ ମନ୍ୟତେ ହତମ୍" ଯେ ଏହି ଆତ୍ମାକୁ ଅଶ୍ୱାଶତ୍ୱ ବୁଝେ ସେ ମୂଢ଼ ମୃତ ସମାନ ଚାପଳ ବା ଚଞ୍ଚଳ ବୃତ୍ତିବାଲା ଅଟେ । ଯିଏ ଅଚାପଳ ଅଟେ ସେ ପ୍ରଶାନ୍ତାତ୍ମା, ଶାନ୍ତ ଅନ୍ତକରଣ ବାଲା, କାୟା-ବାଚ୍-ମନରେ ସଦାଚାରୀ ଓ ଈଶ୍ୱର ପରାୟଣ ଅଟେ ।

ଯଥା ଦୀପୋ ନିବାତସ୍ଥୋନେଙ୍ଗତେ ସୋପମାସ୍ମୃତା ।
ଯୋଗୀନୋ ଯତଚିତ୍ତସ୍ୟ ଯୁଂଜତୋ ଯୋଗମାତ୍ମନଃ । ।

ଅର୍ଥାତ୍- ଯେଉଁ ପ୍ରକାରେ ପବନ ସ୍ଥିର ହୋଇଗଲେ ଦୀପ ସ୍ଥିର ହୋଇ ଯାଇଥାଏ ସେହି ପ୍ରକାରେ ଯାହାର ଚିତ୍ତ ପରମାତ୍ମାଙ୍କଠାରେ ସ୍ଥିର ଏବଂ ଯେ ନିଜ ଚିତ୍ତ ଉପରେ ବିଜୟ ପ୍ରାପ୍ତ କରିଥାଏ ସେହି ବ୍ୟକ୍ତି ଅଚାପଳ ଅଟେ । ପରଂନ୍ତୁ ମନରେ ପ୍ରଶ୍ନ ଆସେ କ'ଣ ଏହି ଅଚାପଳ ସମ୍ଭବ ? ଉତ୍ତର ହେବ ନିଶ୍ଚୟ ସମ୍ଭବ । ଶନୈଃ ଶନୈଃ ଉପରମେଦ୍‌ବୁଦ୍ଧ୍ୟା ଧୃତି ଗୃହୀୟତା । ଧୀରେ ଧୀରେ ଅଭ୍ୟାସ ଦ୍ୱାରା ବାହାର ଭୋଗ-ବିଳାସରୁ ମନକୁ ହଟାଇ ପାରିଲେ ଧୈର୍ଯ୍ୟ ପୂର୍ବକ ଏହା ନିଶ୍ଚିତ ସମ୍ଭବ । ରାସ୍ତା ଲମ୍ବା ହୋଇଥିଲେ ମୁଣ୍ଡରେ ହାତଦେଇ ବସିପଡିଲେ ଗନ୍ତବ୍ୟ ସ୍ଥଳରେ ପହଞ୍ଚି ହୁଏନା । ମାତ୍ର ଧୀରେ ଧୀରେ ଚାଲିବା ଆରମ୍ଭ କଲେ ଆମେ ଆମ ଲକ୍ଷ୍ୟ ସ୍ଥଳରେ ନିଶ୍ଚୟ ପହଞ୍ଚି ପାରିବା । ପନ୍ଥା, ବିଦ୍ୟା, ବିତ୍ତ, ମାର୍ଗ, ବସ୍ତ୍ର, ଧନ – ଏ ସବୁ ଧୀରେ ଧୀରେ ପ୍ରାପ୍ତ ହୋଇଥାଏ ।

ସଦ୍‌ଗୁରୁ ସ୍ୱାମୀ ଶିବାନନ୍ଦଜୀ ମହାରାଜ ମାର୍ଗ ଦର୍ଶନ କରି କହିଛନ୍ତି ଯେ-ପ୍ରତ୍ୟେକ ଦିନ କିଛି ସମୟ ମୌନ ରହିବା, କିଛି ଭଲ ପୁସ୍ତକ ପଢ଼ିବା, ଧ୍ୟାନ କରିବା ଇତ୍ୟାଦି ଦ୍ୱାରା ବାହାରେ ବୁଲୁଥିବା ଚଞ୍ଚଳ ମନ ସ୍ଥିର ହୋଇପାରିଥାଏ । ହରିଦ୍ୱାରର ଜଣେ ସନ୍ଥ ସବୁବେଳେ କହୁଥିଲେ ଖାଅ-ପିଅ ଡରନାହିଁ । ସଂଯମ ରଖି ଖାଅ, କଥା କୁହ କିନ୍ତୁ ବକ ବକ ହୁଅନାହିଁ । ବୁଲାବୁଲିକର କିନ୍ତୁ ଶରୀରକୁ ଥକା ଲାଗିବା ପର୍ଯ୍ୟନ୍ତ ନୁହେଁ । ଏ ସବୁ କହିବାର ଅର୍ଥ ଅତି ସର୍ବତ୍ର ବର୍ଜିତ ଅଟେ । ବୁଦ୍ଧ ଦେବ ମଧ୍ୟ ଏହାକୁ ମଧ୍ୟ ମାର୍ଗ ବୋଲି କହିଛନ୍ତି । ଆଉ ଗୋଟିଏ କଥା ସ୍ୱାମୀ ଶିବାନନ୍ଦଜୀ ମହାରାଜ କୁହନ୍ତି -ସବୁଦିନ ଏମ୍.ଓ୍ୱାଇ.ଓ.ବିର ବଟିକା ଖାଅ ସୁସ୍ଥ ରହିବ । ଅର୍ଥାତ୍ ମାଇଣ୍ଡ ଇୟୋର ଓନ୍ ବିଜିନେସ୍ ।

(କ୍ରମଶଃ)




ତତେ ଡାକିଥିଲେ? କ'ଣ ପାଇଁ? - ସୁରେନ୍ଦ୍ରର ଉତ୍କଣ୍ଠା ଓ ଉତ୍ତେଜନା ଚରମ ସୀମାରେ ପହଞ୍ଚି ସାରିଥିଲା।

"କିଛି ପଚାରିବାକୁ, ଜାଣିବାକୁ କିମ୍ବା ଧମକ ଚମକ ଦେବାକୁ ନୁହେଁ" ! - ପ୍ରଦୀପ କହିଲା- " ତୋ ପାଇଁ ଏବଂ ତାଙ୍କ ଝିଅ ପାଇଁ ମୋ ଜରିଆରେ କିଛି ପରାମର୍ଶ ଦେବା ପାଇଁ ସେ ମତେ ଡାକିଥିଲେ। ଭଦ୍ରଲୋକ ଖୁବ୍ ଅମାୟିକ ଭାବେ, ନମ୍ର ତଥା ରୋକ୍‌ଠୋକ୍ ଭାବେ ତାଙ୍କ ବକ୍ତବ୍ୟ ଉପସ୍ଥାପନ କରିଥିଲେ ମୋ ସାମ୍ନାରେ, କୌଣସି ଉପମା ଅଳଙ୍କାରର ଆଶ୍ରୟ ନଥିଲା।"

ଖଣ୍ଡେ ସାଧା କାଗଜ ପରି ବ୍ଲାଙ୍କ ଦେଖାଯାଉଥିଲା ସୁରେନ୍ଦ୍ରର ମୁହଁ। ରକ୍ତ ଶୂନ୍ୟ ମୁହଁରେ ସେ ପଚାରିଲା - କି ପରାମର୍ଶ ?

ପ୍ରଦୀପ ଆଉଖଣ୍ଡେ ସିଗାରେଟ୍ ଲଗାଇ କହିଲା- ରହ, ତୁ ଏତେ ନର୍ଭସ ହୋଇଯାଉଛୁ କାହିଁକି ? ଏଥିରେ ଭୟଭୀତ ହେବାର କୌଣସି କାରଣ ନାହିଁ। ତାଙ୍କ ତରଫରୁ ତୋ ପ୍ରତି ଆପାତତଃ କୌଣସି ବିପଦ ନାହିଁ। ବରଂ ତମ ଦୁଇଜଣଙ୍କ ପ୍ରତି ତାଙ୍କର ଅଛି ଅନେକ ଶୁଭକାମନା।

ଶୁଭକାମନା ! -ପ୍ରଦୀପ ଆରମ୍ଭ କଲା-" ତାଙ୍କ ଠାରୁ ଫୋନ୍ ପାଇ ଅଧଘଣ୍ଟା ଭିତରେ ମୁଁ ଯାଇ ପହଞ୍ଚିଲି ତାଙ୍କ ଘରେ। ଆଗରୁ ଦେଖିନଥିଲେ ମଧ୍ୟ ସେ କହିଥିବା ଠିକଣାରେ ତାଙ୍କ ବିରାଟ ଅଟ୍ଟାଳିକା ଖୋଜି ପାଇବାକୁ ମତେ ଆଦୌ ଅସୁବିଧା ହୋଇନଥିଲା। ସବୁଜ ଲନ୍ ଉପରେ ଦୁଇହାତ ପଛକୁ ଛନ୍ଦି ପଦଚାରଣ କରୁଥିବା ଅବସରରେ ସେ ଅପେକ୍ଷା କରୁଥିଲେ ମତେ।

'ଆସ ପ୍ରଦୀପ।' -ଶୁଭିଲା ଗମ୍ଭୀର କଣ୍ଠ- 'ବସ'।

ସେ ଯେ ମୋ ନାଁ ଜାଣିଛନ୍ତି, ଚକିତ ହେଲି ମୁଁ। ତାଙ୍କ ଆଦେଶ ଓ ଅନୁରୋଧ ମିଶା ସ୍ୱରରେ ଏପରି କିଛି ଥିଲା, ମୁଁ ତତ୍‌କ୍ଷଣାତ୍ ପାଳନ କଲି ତାଙ୍କ କଥା। 'କ'ଣ ପିଇବ ? ଚା ନା କଫି ?'- ପଚାରିଲେ ଭୁବନମୋହନ ପଟ୍ଟନାୟକ ଓରଫ ତୋ ଶଶୁର ଏବଂ ତତ୍‌କ୍ଷଣାତ ସଂଶୋଧିତ କଲେ ନିଜକୁ- "ନା, ନା, ତମେ ପିଲାଲୋକ, ବରଂ ଜୁସ୍ ଟିକିଏ ମଗାଉଛି।

-ନା ସାର୍ ଧନ୍ୟବାଦ...।

"ନୋ ଫର୍ମାଲିଟି ପ୍ଲିଜ୍... ସେ କହିଲେ- "ତମେ ମୋ ପୁଅ ବୟସର କି ତା'ଠାରୁ ବର୍ଷେ ଦି ବର୍ଷ ସାନ ହେବ। ଅବଶ୍ୟ ପ୍ରଥମଥର ପାଇଁ ଏଠିକି ଆସିଛ ଏବଂ ମୋ ସହିତ କଥା ହେଉଛ। ବି ରିଲାକ୍‌ସ୍‌ଡ। ଆମେ ଗୁରୁତ୍ୱପୂର୍ଣ୍ଣ ଭାବେ କିଛି କଥା ହେବା।

-କୁହନ୍ତୁ ଆଜ୍ଞା...।

'ନା...ନା.. ତମେ ଏପର୍ଯ୍ୟନ୍ତ ସହଜ ହୋଇପାରିନା'- ସେ କହିଲେ।

- 'ସତକଥା କହିବାକୁ ଗଲେ ପ୍ରଥମେ ମତେ ଟିକେ ନର୍ଭସ ଲାଗୁଥିଲା।। ଏବେ ମତେ ହସ ଲାଗିଲା। କହିଲି-ଆଇ ଆମ ଓକେ ସାର...। ପ୍ଲିଜ୍ କୁହନ୍ତୁ...।

ସେ ଆସି ବସିଲେ ମୋ ଡାହାଣ ପାଖ ସୋଫାରେ। ଆରମ୍ଭ କଲେ- "ପ୍ରଦୀପ, ତୁମେ ଭାବୁଥିବ ମୋ ଝିଅ ଘଟଣାରେ ମୁଁ ପ୍ରଚୁର ଉଦ୍‌ବିଗ୍ନ; ଏବଂ ଖାସ୍ ସେଇଥିପାଇଁ କ୍ଷୁବ୍ଧ ହୋଇ ମୁଁ ଭଲ ଖରାପ୍ କିଛି କହିପକାଇବି ତୁମକୁ। ତୁମ ମାଧ୍ୟମରେ ମୋ ଝିଅକୁ ଫେରାଇ ଆଣିବା, ନ ହେଲେ ପରିସ୍ଥିତି ଭୟଙ୍କର ହେବ ବୋଲି ସୂଚାଇ ଦେବାକୁ ମୁଁ ଡାକିଛି ତୁମକୁ ! ଭାବୁଛ କି ଏପରି ?

ମୁଁ କିଛି କହିବା ପୂର୍ବରୁ ସେ ପୁଣି କହିଲେ- 'ସେମିତି ଭାବନି। ତା' ମମି ଦୁଇଚାରିଦିନ ମନ ଦୁଃଖ କରି ବସୁଥିଲା। ତା' ଭାଇ ରାଗିକି ହାଣିଦେବି, କାଟି ଦେବି ବୋଲି କମ୍ପାଉଥିଲା ଖଣ୍ଡମଣ୍ଡଳ। ସେମାନଙ୍କୁ ମୁଁ ବୁଝେଇ ଦେଇଛି। ବର୍ତ୍ତମାନ ପୁରା ନର୍ମାଲ୍। ଆଉ ଗୋଟାଏ କଥା, ଥାନା, କୋର୍ଟ କଚେରୀକୁ ମୁଁ ସବୁବେଳେ ଏଭଏଡ କରି ଆସିଛି। ଏଗୁଡା ମୋ ରେପୁଟେସନ୍ ଉପରେ ଖରାପ ପ୍ରଭାବ ପକାଇବ ବୋଲି ମୋ ଧାରଣା।

ଟି' ପୟ ଉପରୁ ଜଗରୁ ସେ ପାଣି ପିଇଲେ ଏବଂ କହିଚାଲିଲେ - "ବୁଝିଲ, ବାବୁ, ମୋର ବଡ ସନ୍ତୋଷ, ଯେ ମୋ ଝିଅ କେଉଁ ବଘ ସିଂହ ପରି ଜାନୁଆର ସହିତ ଚାଲିଯାଇନି। ଯାଇଛି ଜଣେ ମଣିଷ ସହିତ। ଏ ଘର,ପ୍ରାଚୁର୍ଯ୍ୟ, ଡ୍ୟାଡି, ମମି, ଭାଇ ସମସ୍ତଙ୍କଠାରୁ ସେହି ଲୋକଟି ତାକୁ ବେଶୀ ଆପଣାର ମନେହେଲା ବୋଲି ସ ସେ ପଳାଇଲା ତା' ସାଙ୍ଗରେ। ଏତିକି ବୁଝିବାର ଶକ୍ତି କ'ଣ ମୋ ମଗଜରେ ନାହିଁ? ଝିଅ ବଡ ହୋଇଛି। ତା' କାନ ଧରି ତ ମୁଁ ଆଉ ଆକଟ କରିପାରିବିନିଃ"

- 'ତମେ ତ ଜାଣ ପ୍ରଦୀପ ମୋ ଔକାତ୍। ବଙ୍କା କିମ୍ବା ସିଧା ଯେକୌଣସି ଉପାୟରେ ଯେ କୌଣସି କାମ, ଯେକୌଣସି ସମୟରେ କରିପାରିବା ମୋ ପାଇଁ ଜମା ଅସାଧ ନୁହେଁ। ତଥାପି ମୁଁ ଆଦୌ ଚାହେଁନା ଏସବୁ। ପୁଣି ମୋ ଝିଅ ବ୍ୟାପାରରେ ତ କଦାଚିତ୍ ନୁହେଁ।

"ବରଂ ମୁଁ ଚାହେଁ, ଯେଉଁଠି ଥାଉ, ଭଲରେ ଥାଉ ମୋ ଝିଅ। କିଛି ଅସୁବିଧା ନହେଉ ତାର।"

'ହେଲେ ମିଷ୍ଟର ପ୍ରଦୀପ !' -ସେ ସିଧା ମୋ ମୁହଁକୁ ଚାହିଁ ପଚାରିଲେ,- "କେବଳ ଭଲ ପାଇବା, ତମମାନଙ୍କ ଭାଷାରେ 'ଲଭ୍' ଏ ଦୁଇଜଣ ବିପରୀତ ଧର୍ମୀ ମଣିଷଙ୍କୁ କେତେଦିନ ଏକାଠି ବାନ୍ଧି ରଖିପାରୁଛି, ତାହାହିଁ ବଡକଥା। କେବଳ ସେତିକି ଦେଖିବାକୁ ବାକି ରହିଲା। ତମେ ଏଥର ଆସିପାର...।"

ମୁଁ ଉଠୁ ଉଠୁ ସେ କହିଲେ- ହଁ, ଆଉ ଗୋଟିଏ କଥା। ମୋ ଝିଅ ପ୍ରତି ଏବେ ବି ମୋର ଗଭୀର ଶ୍ରଦ୍ଧା ଅଛି ଯାହା ଆଗେ ଥିଲା। ମୁଁ ଭାବିନେଇଛି ମୋ ଝିଅ ଯାଇଛି କୌଣସି ଏକ ଷ୍ଟଡିଟୁର୍‌ରେ। ଶୁଣ, ଯଦି ତୁମର ଦେଖାହୁଏ କହିଦେବ, ତାର ଯଦି କେବେ ମନେପଡେ ମୋ କଥା, ତା' ମମି କଥା, ତେବେ ତା ପାଇଁ ଏ ଘରର ଦ୍ୱାର ସଦା ଉନ୍ମୁକ୍ତ।"

ଶେଷବେଳକୁ ତାଙ୍କ କଣ୍ଠସ୍ୱର ଶୁଭୁଥିଲା ଥମ୍ ଥମ୍। ମୁହଁ ଉପର କାନ୍ଦ କାନ୍ଦ ଭାବକୁ ଘୋଡାଇବା ପାଇଁ ଦ୍ରୁତ ପଦକ୍ଷେପରେ ସେ ପଳେଇଲେ ଘର ଭିତରକୁ। ମୁଁ ଫେରି ଆସିଥିଲି।"

ରାତି କେତେ ହେବ କେଜାଣି ? ଘର ଓ ବାହାରର ଅନ୍ଧାର ଗାଢ଼ ହେଉଥିଲା। ଗାଢ଼ ହେଉଥିଲା ନିରବତା। ସେ ନିରବତାକୁ ଚହଲେଇ ଦେଉଥିଲା ଘର ଭିତରୁ ମମତାର ସୁଁ ସୁଁ କାନ୍ଦଣା।

ସୁରେନ୍ଦ୍ର ଓ ପ୍ରଦୀପ ଅନେକ ବେଳଯାଏ ବସିରହିଥିଲେ ବାରଣ୍ଡାରେ।

'ସଙ୍ଗୀତ ଶିକ୍ଷା କେନ୍ଦ୍ରକୁ' ଚଳାଇବା ଆଉ ସମ୍ଭବ ହେଲାନାହିଁ।

'ଗୀତମାଷ୍ଟର ଜଣେ ଛାତ୍ରୀକୁ ଧରି ରାତାରାତି ଚମ୍ପଟ' ଏ ସମ୍ବାଦ ପ୍ରଚାରିତ ହୋଇ ଯାଇଥିଲା ଚାରିଆଡେ। ଏତେ କଥା ପରେ କେଉଁ ଅଭିଭାବକ ଆଉ ବିଶ୍ୱାସ ରଖିପାରିବ ଏପରି ଶିକ୍ଷକମାନଙ୍କ ଉପରେ।

ସୁରେନ୍ଦ୍ରର ମଧ ଇଚ୍ଛା କିମ୍ବା ଆଗ୍ରହ ନଥିଲା ସେଇ ପୁରୁଣା ସହରକୁ ଆଉ ଥରେ ଫେରି ଆସିବା ପାଇଁ। ପ୍ରକାରାନ୍ତରେ ସେ ଭୟ ମଧ କରୁଥିଲା, ହେଲେ ମମତାର ଏକା ଜିଦ୍, ତା' ସହରରେ ସେ ରହିବ।

ପ୍ରଦୀପର ପ୍ରଚେଷ୍ଟାରେ ଯୋଗାଡ ହୋଇଗଲା ଛୋଟକାଟର ଚାକିରି ଖଣ୍ଡିଏ। 'ମା ଦୁର୍ଗା ମେଡିସିନ୍ ଷ୍ଟୋର'ର ସେଲସ୍‌ମ୍ୟାନ୍। ଖଣ୍ଡେ ସେକେଣ୍ଡହ୍ୟାଣ୍ଡ କେଁ କଟକର ଆର୍ତ୍ତନାଦ କରୁଥିବା ସାଇକେଲ୍‌ରେ ଘରଠୁ ମେଡିସିନ୍ ଷ୍ଟୋର। ସକାଳ ଆଠରୁ ରାତି ଏଗାର।

ପନ୍ଦର ଘଣ୍ଟିଆ ଡ୍ୟୁଟି ସାରି କ୍ଲାନ୍ତ ଦେହ ଓ ମନ ଧରି ଘରକୁ ଫେରିବା ଅବସରରେ ଜୀବନର କିଛି ଦୁଃଖ ନଥିଲା। ମମତା ପରି ସୁନ୍ଦରୀ, ମନଲାଖି ସ୍ତ୍ରୀ ଟିଏ ପାଇ ଦୁଃଖ କରିବାର କିଛି କାରଣ ନଥିଲା।

ଅଥଚ ଗୋଟିଏ ନିଘୋଡ ନିଦର ସୁନେଲି ସ୍ୱପ୍ନଟିଏ ହଠାତ୍ ଭାଙ୍ଗିଯିବା ପରି ଠିକ୍ ତିନିମାସ ପରେ ମମତାର ବ୍ୟବହାରରେ ଦେଖାଗଲା ଆକାଶ ପାତଳ ପରିବର୍ତ୍ତନ। ତା'ର ମନେହେଲା ଏକ ଲଜ୍ଜାତର ବିଫଳତା ତଡା ହିମାଳୟ ପରି ବୋଝତୁଲ୍ୟ ଜୀବନକୁ ବୋହି ସେ ବଞ୍ଚୁଛି ସେଠି। ପୃଥିବୀର ଆକାର ବୋଇଲେ ବାର ବାଇ ଦଶ୍‌ର ଚାରିଶହ ଟଙ୍କା ଭଡାଯିଆ ଆଜବେଷ୍ଟସ୍ ଘରଟିଏ। ତା ଭିତରେ ବେ୍‌ଡସିଟ୍ ଢଙ୍କା ଖଟଟିଏ, ହାତ ନଥିବା ଭଙ୍ଗା ଚେୟାର ଖଣ୍ଡେ, ଗୋଟେ ଧଡଡା ହାର୍‌ମୋନିୟମ, ଗୀଟାର, ଦୁଇହଳ ଆଇରନ ହେଉନଥିବା ପ୍ୟାଣ୍ଟ ସାର୍ଟ, ଦି'ହଳ ଚୁଡିଦାର ପଞ୍ଜାବୀ, ଲୁଗା, ଶାୟା, ବ୍ଲାଉଜ୍‌କୁ ଧରି ରଖିଥିବା ଆଲଣାଟେ, କାନ୍ଥରେ ଅଜନ୍ତାର ଗୋଟେ ଘଣ୍ଟା, ମା' ଦୁର୍ଗା ମେଡିସିନ୍ ଷ୍ଟୋରର କ୍ୟାଲେଣ୍ଡର, ଅଗଣାରେ ଦି'ଚାରିଟା ମେଡିସିନ୍ ଡାବଲ, କିରୋସିନ୍ ଷ୍ଟୋଭ୍, ସିଲ୍‌ଭର ବାସନ, ସାମ୍ନାରେ ଟଗର କନିଅର ଓ ଅମୃତଭଣ୍ଡା ଗଛ ଗହଣରେ ବ୍ୟସ୍ତ ଟ୍ୟୁବୱେଲ୍। ବାଁ ପାଖକୁ ଆବର୍ଜନା ପାଣି ନିଷ୍କାସନର ନର୍ଦ୍ଦମା।

(କ୍ରମଶଃ)



## କିଶୋର କବିତା

# ନିରିମାଖି ପତ୍ର

**ରାଜେଶ ପୂଜାରୀ**



ଆହୁରି କିଛି ବେଳ ଶୁଭିଥିଲେ
ଆଶାର ମୋହନ ବଂଶୀ
ମନଭରି ନାଚିଥିଲେ ବିଶ୍ୱାସର ଘୁଙ୍ଗୁର...
ମୁକୁଳି ଯାଇଥାନ୍ତେ ହୁଏତ,
ଅନାଦି କାଳରୁ ବନ୍ଧା ଥିବା
କିଛି ସୁଖର ଗହଣା
ଛୁଟି ପାଇଥାନ୍ତେ ଦୁଃଖ ଯେତେ
କ୍ଷଣିକ୍ ବନ୍ଦ ହୁଅନ୍ତା ଅନ୍ତତଃ
ତାଙ୍କ ସ୍ୱାଭିମାନୀ କର୍ତ୍ତବ୍ୟର
ନୀରବ ମନ୍ତ୍ରଣା...
ହିମାଳୟ ନହେଲା ନାହିଁ
ଆବୋରି ଥାଆନ୍ତି ମୁଁ
ଧୈର୍ଯ୍ୟର ଛେଲିଆ ପାହାଡ଼
ଅଫେରା ବାଟରେ ପାଦ ଗଣିଥାନ୍ତେ କିଇଛି
ମିଛ ସମ୍ପର୍କର ଝଡ଼ !



ଚାରିଅଣା କି' ଆଠଅଣା
ଊଣା ହେଇନି କାହାରି
ପତ୍ରେଇବା ତ ଆକାଶି ମାୟାଟେ ଏବେ
ହେଲେ, ମତେ ହିଁ ଅଜଣା ଠିକଣା ମୋହରି !
ସବୁ କିଛି ଛାଡ଼ି ଧାଇଁ ଆସିଥିଲି
ତୁମ ଅତର ଦେଶକୁ
ଜୀବନର ସବୁଜପଣକୁ
କରିବାକୁ ଗାଢ଼ରୁ ଗାଢ଼ତର
ତୁମ ଆମ ଆଖି ବଗିଚାରେ ଲଗେଇବାକୁ
ଧାଡି ଧାଡି ଗଛ ସପନଫୁଲର...
ହେଲି...କେତେ କଲବଲ
ପାଣି ଦିଅ ପାଣି ଦିଅ ବୋଲି
ତଥାପି ସେ ଜହ୍ନ ପିଠିରେ-
ଲାଉ ହେଇଥିବା ଈର୍ଷୁକ ଚଢ଼େଇ
କୋଉ ବର୍ଷେଇଲା ପାଣି
କେମିତି ହୁଅନ୍ତା ଜୀବନ ଶୀତଳ...
ମୁଁ ସେତିକି ବେଳୁ ହିଁ ପାଲଟିଗଲି,
ଶୁଖି ଝରି ପଶ୍ଚତାପର ଉଲୁଗୁଣିରେ
ଓହଳିଥିବା ଗୋଟିଏ
ଆହତ ଶିଳ୍ପୀର ଚିତ୍ର
ଅହରହ ମରି ମରି ବଞ୍ଚୁଥିବା
ଗୋଟେ ନିରମାଖି ପତ୍ର !

*କୁଶମେଲ, କପିଳାପୁର*
*ପଞ୍ଚଗାଁ, ଝାରସୁଗୁଡା*
*ଦୂରଭାଷ : ୯୭୭୭୨୮୫୯୪*

# ତୁମେ କିଆଁ ଯାଅ ରଷି

**ବିନୟ କୁମାର ଦାସ**



ଜହ୍ନକୁଟିକିଏ ଜୋଛନା ମାଗିଲେ ଦେହ ସାରା ଦିଏ ନେସି
ତୁମକୁ ଟିକିଏ ସିନେହ ମାଗିଲେ ତୁମେ କିଆଁ ଯାଅ ରଷି ॥ ୦ ॥

ଫୁଲକୁ ମାଗିଲେ ମିଠା ମିଠା ବାସ୍ନା ମଳୟ ହାତରେ ଦିଏ
ଫଗୁଣକୁ ଯଦି ଶିହରଣ ମାଗେ ଚୋରା ଚଇତାଳି ବହେ
ନୀଳ ସାଗରକୁ ମାଗିଥିଲି ଢେଉ..ବେଳାଭୂମି ଦେଲା ହସି
ତୁମେ ତ ଫୁଲେଇ ଟିକିଏ କଥାରେ ମିଛେ ଯାଅ ଖାଲି ରଷି ॥୧ ॥


ଇନ୍ଦ୍ରଧନୁକୁ ରଂଗ ମାଗିଦେଲେ ସାତ ରଂଗ ଦିଏ ବୋଳି
ଶ୍ରାବଣର ମିଠା ଛୁଆଁ ମୁଁ ଚାହିଁଲି ବାରିଧାରା ଦେଲା ଢାଳି
କୋଇଲିକୁ ଟିକେ କୁହୁ ମୁଁ ମାଗିଲି ବସନ୍ତ ଆସିଲା ଚାଲି
କେବେ ଯେ ବୁଝିବ ଇସାରା କୁ ମୋର ଭାବୁଛି ମୁଁ ବସିବସି ॥ ୨ ॥

*ଅନାମିକା ନୀଡ, ଅଂଗାରଗଡିଆ, ବାଲେଶ୍ୱର-୧*

# ଅପମୃତ୍ୟୁ

**ବିନୟ ଭୂଷଣ ପାଣିଗ୍ରାହୀ**





ଦେହ ଆଉ ମନ ଅଛି ଅଥଚ ଦୁର୍ବଳତା ନାହିଁ, କଥାଟି କାହିଁକି କେଜାଣି ମାନି ନେଇହୁଏନାହିଁ। କେବେ ଦୁର୍ବଳତା ପ୍ରବୃତିଗତ ତ ଆଉ କେବଳ ପ୍ରକୃତି ପରିପୁଷ୍ଟ। ଦୁର୍ବଳତାର ବଶବର୍ତ୍ତୀ ହେବା ନହେବା ଅଧିକାଂଶତଃ ପ୍ରାଣୀର ନିୟନ୍ତ୍ରଣ ବହିର୍ଭୁତ। କଅଁଳା ବାଛୁରୀଟେ ପାଇଁ କେବେ ମା'ର ଫୁଲିଲା ଫୁଲିଲା ଚିର ଦୁର୍ବଳତା, ଦୁର୍ବତଳା ପୁଣି ନୂଆକରି କଅଁଳି ଥିବା ଦୁବଘାସ। ଠିକ ସେମିତି, କୁନିକୁନି ପିଲାଙ୍କର ଦୁର୍ବଳତା ଅନେକ କିଛି, ଏଇ ଯେମିତି ଧଳା କାଠିଲଗା ଲଲିପପ କିମ୍ବା ଅବିକଳ କମଳା କୋଷା ପରି ଦିଶୁଥିବା ଲେବେଞ୍ଚୁସ।

ପ୍ରଥମେ ଯେବେ ଚକୋଲେଟ୍ ତିଆରି ହେଇଥିଲା ସେତେବେଳେ ସମ୍ଭବତଃ କଅଁଳା ବାଛୁରୀ ପରି ଚଞ୍ଚଳମତି ପିଲାମାନଙ୍କର ଦୁର୍ବଳତାକୁ ଖୁବ୍ ବେଶି ପରୀକ୍ଷା ନିରୀକ୍ଷା କରାଯାଇଥିବ। କାରଣ, କାହିଁକି କେଜାଣି କୁନି କୁନି ପିଲାମାନଙ୍କର ପ୍ରଥମ ପସନ୍ଦ ଏହି ଚକୋଲେଟ। ଚକୋଲେଟର ଲୋଭକୁ ଆଡେଇ ଯିବା କୌଣସି ପ୍ରକାରେ ସମ୍ଭବ ହୁଏନା ପିଲାମାନଙ୍କ ଦେଇ। ଛୋଟ ପିଲାମାନଙ୍କର ଏହି ବିଶେଷ ଦୁର୍ବଳତା କେବେକେବେ ଟାଣିନିଏ ସେମାନଙ୍କୁ ଅଦିନିଆ ଜୁଇ ଭିତରକୁ, ଜାଳିପୋଡି ଅଲୋଡା ଅଙ୍ଗାର କରିଦିଏ ସେଇ ନିରୀହ ଓ ନିଷ୍ପାତ କଢ଼ି ମାନଙ୍କୁ। ସ୍କୁଲରେ ମଧ୍ୟାନ୍ତର ଘଣ୍ଟା ବାଜିବା ମାତ୍ରେ ଶ୍ରେଣୀଟା ଯାକର ପିଲା ଘରୁ ଆଣିଥିବା ଚାରଣୀ ଆଠଣି ଧରି ଧାଇଁଯା'ନ୍ତି ଗେଟପାଖ ଛୋଟା ଭାଇ ଦୋକାନ ପାଖକୁ। ଏକସଙ୍ଗେ ଅଗରିତ ହାତ ଲମ୍ବିଯାଏ ଛୋଟାଭାଇ ଦୋକାନ ଭିତରକୁ। ଖାଲି ହାତ ଦିଶେ କାହାରି ମୁହଁ ଦିଶେନା ଛୋଟା ଭାଇକୁ। କୁନିକୁନି ହାତମୁଠା ମାନଙ୍କର ସରୁ ସରୁ ଆଙ୍ଗୁଠି ଦିଶୁଥିବା ପଇସା ମାନଙ୍କର ଆକାର କଳି ସେଇ ମୁଦ୍ରାର ସମାନୁପାତିକ ମୂଲ୍ୟର ଚକୋଲେଟ ବାହାର କରି ବାଁ ହାତରେ ମୁଦ୍ରା ଗୁଡିକୁ ଟାଣିନେଇ ଡାହାଣ ହାତରେ ଚକୋଲେଟ ଗୁଞ୍ଜି ଦେବାରେ ସିଦ୍ଧହସ୍ତ ଛୋଟାଭାଇ। ଚକୋଲେଟ ହାତ ମୁଠା ଭିତରକୁ ଆସିଗଲେ ପିଲାମାନେ ଗଡ ଜିତିଯିବାର ଆନନ୍ଦ ଅନୁଭବ କରନ୍ତି।

ଧଳା କାଠିଲଗା ଲଲିପପକୁ କଳରେ ରଖି ଗାଲ ଫୁଲେଇ ସାଙ୍ଗ ପିଲାମାନେ ଧୀରେ ଧୀରେ ମିଠା ରସକୁ ଟାଣି ନେଲା ବେଳେ ମିନିର ଓଠ ଉପରେ ଜିଭଟା ଆପେଆପେ ବୁଲିଯାଏ, ମିଠାମିଠା ହେଇଯାଏ ପାଟି ଭିତରଟା। ସିଏ ବି ମିଛଟାରେ ଜିଭକୁ ଏପଟ ସେପଟ କରିଦିଏ ମୁହଁକୁ ବାଁ ହାତ ପାପୁଲିରେ ଢାଙ୍କି। ବେଳେବେଳେ ତାକୁ ଲାଗେ ପିଲାମାନେ ତାକୁ ଦେଖେଇ ଦେଖେଇ ଚକୋଲେଟ୍‌କୁ ବେଶିବେଶି ଚାଟନ୍ତି। ଚକୋଲେଟ ସରିଯିବା ପରେ ସରୁନଳବାଲା କାଠିକୁ ଓଠ ସନ୍ଧିରେ ରଖି ଫୁଙ୍କନ୍ତି। ମିନିର ମନହୁଏ ସିଏବି ସାଙ୍ଗମାନଙ୍କ ସାଥିରେ ମିଶି ସେମିତି ଲଲିପପ ଖାଇସାରି ତା'ର ସରୁନଳୀକୁ ଓଠସନ୍ଧିରେ ରଖି ନାକ ବନ୍ଦକରି ପାଟିବାଟେ ନିଶ୍ୱାସପ୍ରଶ୍ୱାସ ନିଅନ୍ତା। ମାତ୍ର ଚାରଣୀ କି ଆଠଣି ଗୋଟେ ଦରକାର ସେଥିପାଇଁ।

ମାଧପୁର ଗାଁ'ର ପଦନ ଦାସର ଦଶ ବର୍ଷର ଝିଅ ମିନି। ମାଧପୁର ପଞ୍ଚାୟତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପଞ୍ଚମ ଶ୍ରେଣୀରେ ପଢ଼େ। ପଦନର ପରିବାର କହିଲେ ତା ଭାର୍ଯ୍ୟା, ଝିଅ ମିନୁ ଓ ବରଷକର ପୁଅ ବାବନ। ଭାଗଚାଷ ଓ ମୁଲମଜୁରି କରି ପରିବାରର ତେଲଲୁଣ ଗୁଜୁରାଣ ମେଣ୍ଟେଇବା ଭାରିଭାରି ଲାଗେ ପବନକୁ। ତଥାପି ମନରେ ଭାବିଥିଲା କୌଣସି ପ୍ରକାରେ ମିନିକୁ ତିନିଚାରି ଶ୍ରେଣୀ ପାସ କରେଇଦେଇ ସାରିବା ପରେ ଘର କାମଦାମ ଓ ରୋଷେଇବାସ ଶିଖେଇଦେଇ ସମାଷ୍କନ୍ଧ ପାତ୍ରଟିଏ ଦେଖି ହାତକୁ ଦି'ହାତ କରିଦେବ। ମିନି ପାଠ ପଢ଼ରେ ଶ୍ରେଣୀରେ ସମସ୍ତଙ୍କ ଠାରୁ ଆଗରେ ରହୁଥିଲା ବୋଲି ମାଷ୍ଟର ମାନେ ତାକୁ ଭାରି ଭଲ ପାଉଥିଲେ। ମିନିର ବି ଭାରି ଇଚ୍ଛା ଥିଲା ବହୁତ ପାଠପଢ଼ି ଡାକ୍ତର କିମ୍ବା ଇଞ୍ଜିନିୟରଟେ ହେବା ପାଇଁ।

ମିଶ୍ର ଘରର ଧୁକୁଡି କକାଙ୍କ ପୁଅ ମଧୁଆ ନନା ଗାଁ ଭିତରେ ବୁଠୁଁ ପାଠୁଆ ପିଲା। ମାନ୍ଦ୍ରାଜରୁ ଇଞ୍ଜିନିୟରିଂ ପଢ଼ା ସାରି ଗାଁକୁ ଆସିଛନ୍ତି ଗତ ସପ୍ତାହରେ। ତାଙ୍କ ଘରେ ଏବେ ଭାରି ଗହଳ ଚହଳ। ତାକୁ ଦେଖା କରିବା ପାଇଁ ସାହି ପଡିଶା ଠାରୁ ଆରମ୍ଭ କରି ବନ୍ଧୁବାସ ସମସ୍ତେ ଆସୁଛନ୍ତି। ଗାଁଟା ଯାକର ସମସ୍ତେ ତାର କେତେ ପ୍ରଶଂସା କରୁଛନ୍ତି। ମିନି ସେଦିନ ସକାଳେ ସ୍କୁଲ ଯିବାବେଳେ ମଧୁଆ ନନା ତାକୁ ଦେଖିଦେଇ ପାଖକୁ ଡାକି ତାକୁ ଗେହ୍ଲକରି କେତେ କଥା ପଚାରିଲେ। ପାଠ ବିଷୟରେ ଯାହା ପଚାରିଲେ ମିନି ସବୁ ଠିକ୍‌ଠିକ କହିଦେବାରୁ ନନା ଖୁସି ହୋଇ ତାକୁ ପକେଟରୁ ବାହାର କରି ପୁଳାଏ ଚକୋଲେଟ ଦେଲେ ଯେ ମିନିର କୁନି ହାତ ଆଞ୍ଜୁଳା ପୂରି ବହକି ପଡିଲା। ମିନିର ମନ କିଲିବିଲିଆ ହେଇଗଲା। ଜୀବନରେ ଏକସେଙ୍ଗ ଏତେଗୁଡିଏ ଚକୋଲେଟ୍ ହାତରେ ଧରିବା ତ ଦୂର କଥା, ସ୍ୱପ୍ନରେ ମଧ ଭାବି ନଥିଲା କେବେ। ମନକୁ ମନ କହିଲା "ମଧୁଆ ନନା କେତେ ଭଲ ଲୋକ।"

ବସ୍ତାନି ଭିତରେ ଚକୋଲେ୍ଯ ତକ ଭରି ଦେଇ ଅଣନିଶ୍ୱାସୀ ହେଇ ଧାଇଁଲା ସ୍କୁଲକୁ। ଭାବୁଥିଲା ମଧୁଆ ନନା କେତେ ଭଲ ସତରେ। ବର୍ଷା ପାଗ ଯୋଗୁଁ ସେଦିନ ଟିକେ ସହଳ ଛୁଟି ହେଇଗଲା ସ୍କୁଲ। ଖେଳ ଛୁଟିରେ ଚାରିଟା ଚକୋଲେଟ ଖାଇ ଗଣିଗଣି ବାବନ ପାଇଁ ଛଅଟା ରଖିଥିଲା। ସେଥିରୁ ଗୋଟେ ବାହାର କରି କଳରେ ଜାକି ଏକମୁହାଁ ହେଇ ଘରକୁ ଧାଇଁଲା ମିନି। ଗାଁ ରାସ୍ତା କଡ ଚୁଆ ପାଖରେ ମଧୁଆ ନନା ସିଗାରେଟ ଟାଣୁଥିଲେ। ମିନିକୁ ଦେଖି ଗେହ୍ଲେଇ ଗେହ୍ଲେଇ ପାଖକୁ ଡାକି ପଚାରିଲେ, "ଚକୋଲେଟ୍ କେମିତି ଲାଗିଲା ଝିଅ ?"

"ଭାରି ବଢ଼ିଆ" - ଖୁସି ହେଇ ମିନି କହିଲା।

ନନା ପଚାରିଲେ, "ସବୁଯାକ ଖାଇଲୁ ନା ନାହିଁ ?"

ମିନି କହିଲା - "ମୁଁ ପାଞ୍ଚଟା ଖାଇଲି, ଆମ ବାବନ ପାଇଁ ପାଞ୍ଚଟା ରଖିଛି।" "ବୋକି ଝିଅଟା କିରେ, ବାବବନ କଥା କହିଲୁନି ତା'ପାଇଁ ଆଉ ଦେଇଥାନ୍ତି। ହୁ, ମୋ ସାଥିରେ ଆସେ, ଛୋଟା ଭାଇ ଦୋକାନରୁ ବାବନ ପାଇଁ ଲଲିପପ କିଣିଦେବି।" କହି ମିନି ସାଥିରେ କଥା ହେଉହେଉ ମଧୁଆ ନନା ଆମ୍ବତୋଟା ମଝିଦେଇ ସ୍କୁଲ ଆଡକୁ ପଡିଥିବା ପାଦଚଲା ରାସ୍ତାରେ ଆଗକୁ ଚାଲିଲେ। ମିନିର ଖୁସି କହିଲେ ନସରେ। ଧଳା କାଠିଲଗା ଲଲିପପ କଥା ଭାବିଭାବି ମିଠା ମିଠା ରସ ଢୋକି ଚାଲିଥାଏ।

ସଞ୍ଜ ଗଡି ରାତି ହେଲା, ମିନି ଘରକୁ ଫେରିଲା ନାହିଁ। ପଦନ ଆଉ ତା' ଭାର୍ଯ୍ୟା ଗାଁ ସାରା ଖୋଜିଖୋଜି ନୟାନ୍ତ ହେଲେ ତଥାପି ମିନିର କିଛି ଖୋଜଖବର ନାହିଁ। ଗାଁ'ର ଦଳେ ଟୋକା ଟର୍ଚ୍ଚ ଓ ଲଣ୍ଠନ ଧରି କୂଅ, ପୋଖରୀ, ଗଳିକନ୍ଦି ଖୋଜିସାରି ଆମ୍ବତୋଟା ଭିତରେ ପଶି ପଶି ଖୋଜିଖୋଜି ଗଲାବେଳକୁ ମିନିର ମୃତଦେହ ସେଇଠି ମିଳିଲା। ମିନି ମା' ବାପାଙ୍କର ଛାତିଫଟା କାନ୍ଦ ଆମ୍ବତୋଟାର ଗଛପତ୍ର ମାନଙ୍କୁ ନିସ୍ପନ୍ଦ କରିଦେଲା, ଚିରିବିଦାରି ପକେଇଲା ଆମ୍ବତୋଟାର ପ୍ରଶାନ୍ତ ପରିବେଶକୁ। ଖବର ପାଇ ଥାନା ବଡବାବୁ ଆସି ପହଞ୍ଚିଲେ ଘଟଣା ସ୍ଥଳରେ। ଲୋକେ ଆଡେଇ ହେଇ ବାଟ ଛାଡଇଦେଲେ।

"ପୋଲିସ ଆସିଲାଣି, ଆଉ କିଛି ଅସୁବିଧା ନାହିଁ। ସାତତାଳ ଗଭୀରରୁ କାନ ଧରି ଟାଣି ନେବ ମିନିପରି କଅଁଳ ଛୁଆଟାକୁ ଯୋଉ ପଶୁ ନିର୍ଦ୍ଦୟ ହେଇ ମାରି ଓ ଆମ୍ବତୋଟାରେ ଏମିତି ପକେଇଛି।" ଭିଡ ଭିତ୍ରୁ କେହିଜରେ କହିବାର ଶୁଣାଗଲା। ଗାଁ-ମଫସଲ ଅଞ୍ଚଳରେ ପୋଲିସ ଉପରେ ଲୋକମାନଙ୍କର ଅଖଣ୍ଡ ବିଶ୍ୱସ। ସେମାନେ ଭାବନ୍ତି, ବୋଧହୁଏ ଏମିତି କିଛି କାମ ନାହିଁ ଯାହା ପୋଲିସ କରି ନପାରିବ।

ବଡବାବୁ ଆଗକୁ ଯାଇ ମିନିର ସ୍ପନ୍ଦନ ହୀନ ଦେହ ପାଖରେ ପହଞ୍ଚି ମଦନ ଆଉ ତା'ର ଭାର୍ଯ୍ୟାଙ୍କୁ ଆଶ୍ୱାସନା ଦେବା ଭଙ୍ଗିରେ କହିଲେ, "ବ୍ୟସ୍ତ ହୁଅନା, ସବୁ ଠିକ୍ ହେଇଯିବ। ପୋଲିସର ହାତ ବହୁତ ଲମ୍ବା। ମର୍ଡର କେଶ ହେଇଥିଲେ ଅପରାଧୀ ଯିଏ ବି ହେଉ, ଖସି ଯାଇ ପାରିବନି।"

ଶବଟିକୁ କିଚି ସମୟ ଓଲଟପାଲଟ କରି ଦେଖିବା ପରେ ଡାଇରୀ ବାହାର କରି କଲମର କାଳୀ ଛିଞ୍ଚାଡୁ ଛିଞ୍ଚାଡୁ ବଡବାବୁ କହିଲେ, "ଏହା ଏକ ଅପମୃତ୍ୟୁ। କୌଣସି କାରଣରୁ ଅତିରିକ୍ତ ଡରି ଯାଇଛି ପିଲାଟି ଯଦ୍ୱାରାତା'ର ହାର୍ଟଆଟାକ ହେଇଯାଇଛି। ଏତେ ଛୋଟ ପିଲାଟା ପୋଷ୍ଟମର୍ଟମ କରି କାହିଁକି ଆଉ ଅଧିକ କଷ୍ଟ ଦେବା। ଶବ ନେଇ ଦାହ କରିବାର ବ୍ୟବସ୍ଥା କର।"

ମଦନ ମିନିର ଶବକୁ କାନ୍ଧକୁ ଉଠେଇଲା ବେଳେ ତା ମୁହଁରୁ ଲଲିପପର ବହଳ ଓ ଅଠାଳିଆ ମିଠା ରସ ଅଳ୍ପଟିକେ ଓଦା କରି ବୋହିଗଲା ମଦନ ପିଠିରେ। ଧଳା ରଙ୍ଗର କାଠିଟା ଯେମିତି ଲାଖିଥିଲା ତା'ର ଝାଉଁଳି ପଡିଥିବା ମୁହଁରେ। ସମ୍ଭବତଃ ମିନିର ଦୁର୍ବଳତା ଗୋଟିକ ଦାବି ହେଇଯାଇଥିଲା ପୂର୍ଣ୍ଣତାର ସ୍ମାରକୀଟେ ହେଇ ଅଧାଉଠିଥିବା କୌଣସି ଗୋଟେ କଳ ଦାନ୍ତ ସନ୍ଧିରେ। ବାଁ ହାତ ମୁଠାରେ ବାବନ ପାଇଁ ରଖିଥିବା ବାକି ତିନିଟା ଚକୋଲେଟ ତା'ର କୁନି କୁନି ହାତ ମୁଠାରେ ସେଇମିତି ସୁରକ୍ଷିତ ଥିଲା।

ତା'ପରଦିନ ସକାଳୁ ସକାଳୁ ମଧୁଆ ନନା ଛକ ପାଖରେ ବସକୁ ଅପେକ୍ଷା କରୁଥିଲେ। ସିଗାରେଟର ହାଲ୍‌କା ଧୂଆଁ କୁଣ୍ଡଳୀ ଗୁଡିକ ଅଳ୍ପ ଉପରକୁ ଯାଇ ମିଳେଇ ଯାଉଥିଲେ ପବନରେ।

ତୋଟା ସେ ପାଖରେ ଘନ କୁହୁଡିର ଛାତି ଚରି ହଲି ଦୋହଲି ହର୍ଣ୍ଣ ମାରି ଆଗେଇ ଆସୁଥିଲା ବସ୍।

ବାଁ ପକେଟରେ ହାତ ପୁରେଇ ବଳି ପଡିଥିବା ଦୁଇଟି ଲଲିପପକୁ ବାହାର କରି ରାସ୍ତାପାଖ ଜୋର ଭିତରକୁ ପକେଇ ଦେଇ ବସକୁ ହାତ ମାରିଲେ ମଧୁଆ ନନା।

*(ଏମିତି କାହାଣୀ ମାନଙ୍କର ସମାପ୍ତି ନଥାଏ !)*

**ହରସିଂହପୁର, ପୀରହାଟ ବଜାର, ଭଦ୍ରକ**
**ଦୂରଭାଷ : ୯୪୩୮୬୭୦୧୨୦**

# ଅସ୍ତ୍ର ଛାଡି ମୁଖ୍ୟସ୍ରୋତରେ ସାମିଲ ହେବାକୁ ନକ୍ସଲଙ୍କୁ ଡିଜିପିଙ୍କ ଆହ୍ୱାନ

**ଭୁବନେଶ୍ୱର :** ଅସ୍ତ୍ର ଛାଡି ସମାଜର ମୁଖ୍ୟସ୍ରୋତକୁ ଆସନ୍ତୁ। ଉନ୍ନୟନ କାମରେ ବାଧା ସୃଷ୍ଟି କରନ୍ତୁନି। ଏପରି ଅପିଲ୍ କରିଛନ୍ତି ଡିଜିପି ଅଭୟ। ସେ ଆହୁରି କହିଛନ୍ତି ଯେ, ନକ୍ସଲ ପ୍ରଭାବ ପୂର୍ବ ଅପେକ୍ଷା ବହୁ ପରିମାଣରେ କମିଛି। ମୋଟ୍ ନକ୍ସଲଙ୍କ ମଧ୍ୟରୁ ଓଡ଼ିଶାରେ ଏବେ ମାତ୍ର ୧୦% ରହିଛନ୍ତି। ସେମାନଙ୍କୁ ଅପିଲ୍ କରୁଛି ବନ୍ଧୁକ ଛାଡି ମୁଖ୍ୟ ସ୍ରୋତକୁ ଆସନ୍ତୁ ବୋଲି ଡିଜିପି ଅଭୟ ପୁଣିଥରେ ଅପିଲ କରିଛନ୍ତି। ଫୁଲବାଣୀ ସ୍ଥିତ ଜିଲ୍ଲା ପୋଲିସ ମୁଖ୍ୟାଳୟରେ ଏକ ସମୀକ୍ଷା ବୈଠକ ବସିଥିଲା। ଏଥିରେ ଗତକାଲି ର୍ସିଲା ଜଙ୍ଗଲରେ ହୋଇଥିବା କମ୍ବିଂ ଅପରେସନ ସମ୍ପର୍କରେ ଆଲୋଚନା ହୋଇଥିଲା। କନ୍ଧମାଳ ଏସ୍‌ପି ଭିନିତ ଅଗ୍ରୱାଲ ଡିଜିପି ଓ ତାଙ୍କ ଟିମ୍‌କୁ ଅପରେସନ ନେଇ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ। ଏହି ବୈଠକରେ ଡିଜିପିଙ୍କ ସହ ଆଇଜି ଅପରେସନ ଅମିତାଭ ଠାକୁର, ଗୁଇନ୍ଦା ନିର୍ଦ୍ଦେଶକ ଆରକେ ଶର୍ମା, ଡିଆଇଜିପି ଅନିରୁଦ୍ଧ ସିଂ, ଡିଆଇଜି ସତ୍ୟବ୍ରତ ଭୋଇ ମଧ୍ୟ ଏହି ଗସ୍ତରେ ସାମିଲ ଅଛନ୍ତି। ତେବେ ମାଓ ଦମନ କ୍ଷେତ୍ରରେ ଓଡ଼ିଶା ପୋଲିସର କାର୍ଯ୍ୟକୁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପ୍ରଶଂସା କରିଛି। ଜିଲ୍ଲାରେ ବାମପନ୍ଥୀ ଉଗ୍ରବାଦ ଦମନ କାର୍ଯ୍ୟକୁ ସଫଳ କରିବାରେ ଓଡ଼ିଶା ପୋଲିସକୁ କେନ୍ଦ୍ର ସ୍ୱରାଷ୍ଟ୍ର ସଚିବ ପ୍ରଶଂସା କରିଛନ୍ତି। ରାଜ୍ୟ ମୁଖ୍ୟ ଶାସନ ସଚିବ ଓ ପୋଲିସ ମହାନିର୍ଦ୍ଦେଶକଙ୍କୁ ଏକ ପତ୍ର ମାଧ୍ୟମରେ ସ୍ୱରାଷ୍ଟ୍ର ସଚିବ ଏହି ସଫଳ ଓ ସୁସଂଗଠିତ ମାଓ ଦମନ କାର୍ଯ୍ୟରେ ଭାଗ ନେଇଥିବା ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ପ୍ରଶଂସା କରିଛନ୍ତି।

# ରାଜ୍ୟରେ ଆଦିବାସୀ ଝିଅ ହୋଇ ଜନ୍ମହେବା ଅଭିଶାପ : ବିଜେପି

**ଭୁବନେଶ୍ୱର :** ରାଜ୍ୟରେ ମହିଳାମାନେ ଅସୁରକ୍ଷିତ ହୋଇପଡିଛନ୍ତି। ପ୍ରତିଦିନ ମହିଳା ଓ ନାବାଳିକାମାନଙ୍କ ସହ ଦୁଷ୍କର୍ମ ବଢ଼ିବାରେ ଲାଗିଛି। ବିଶେଷ କରି ଗତ କିଛି ମାସ ହେବ ଆଦିବାସୀ ନାବାଳିକା ମାନଙ୍କ ସହ ଦୁଷ୍କର୍ମ ଓ ହତ୍ୟା ଘଟଣା କ୍ରମାଗତ ଭାବେ ବୃଦ୍ଧି ପାଇଛି। ୨୦ ଜୁଲାଇରେ କିଛି ଦୃବୃତ କୋରାପୁଟ ଜିଲ୍ଲା କୋଟପାଡ ବ୍ଲକ ଚିତ୍ରା ପଂଚାୟତ ବାଗଚୁଆଁ ଗାଁର ଜଣେ ଆଦିବାସୀ ନାବାଳିକା ସହ ଗଣଦୁଷ୍କର୍ମ କରି ହତ୍ୟା କରିବା ଅତ୍ୟନ୍ତ ନିନ୍ଦନୀୟ ଏବଂ ଦୁର୍ଭାଗ୍ୟଜନକ। ଏହି ଘଟଣାକୁ ୨ ଦିନ ବିତିଥିଲେ ବି ପୋଲିସ ଏପର୍ଯ୍ୟନ୍ତ ଅପରାଧୀଙ୍କୁ ଧରିବାରେ ବିଫଳ ହୋଇଛି। ଏଥିରୁ ସ୍ପଷ୍ଟ ହେଉଛି କି ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ସଂପୂର୍ଣ୍ଣଭାବେ ବିପର୍ଯ୍ୟସ୍ତ ହୋଇପଡିଛି। କେବଳ ଏହି ଗୋଟିଏ ଘଟଣା ନୁହେଁ ଅନେକ ଘଟଣାରେ ଶାସକ ଦଳ ଚାପରେ ଅଥବା ଶାସକ ଦଳର ସଂପୃକ୍ତି ଥିବା ଯୋଗୁଁ ଦୁଷ୍କର୍ମକାରୀଙ୍କୁ ଉଚିତ୍ ଦଣ୍ଡ ମିଳିପାରୁନାହିଁ। ଅନ୍ୟପଟେ ଗୃହ ବିଭାଗର ମୁଖ୍ୟ



ମୁଖ୍ୟମନ୍ତ୍ରୀ ମହିଳା ସୁରକ୍ଷା ଦିଗରେ କାହିଁକି ନୀରବ ରହୁଛନ୍ତି ବୋଲି ବିଜେପି ରାଜ୍ୟ ସାଧାରଣ ସଂପାଦିକା ଡ.ଲେଖାଶ୍ରୀ ସାମନ୍ତସିଂହାର ପ୍ରଶ୍ନ କରିଛନ୍ତି। ଡ.ସାମନ୍ତସିଂହାର କହିଛନ୍ତି ଯେ, ରାଜ୍ୟରେ ମହିଳା ଏବଂ ନାବାଳିକା ମାନଙ୍କୁ ସୁରକ୍ଷା ଯୋଗାଇଦେବା ରାଜ୍ୟ ସରକାରଙ୍କ ପ୍ରଥମ ଦାୟିତ୍ୱ। କିନ୍ତୁ ଏଠି ମୁଖ୍ୟମନ୍ତ୍ରୀ, ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ, ମହିଳା କମିଶନ କେହି ବି ନିଜର ସାମ୍ବିଧାନିକ ଦାୟିତ୍ୱ ତୁଲାଉନାହାଁନ୍ତି। ପ୍ରତିଦିନ ମହିଳାଙ୍କ ଇଜ୍ଜତ ଲୁଟ୍ ହେଉଛି। ଜନପ୍ରତିନିଧୀମାନଙ୍କର କୌଣସି ଭୂମିକା ନଥିବାରୁ ରାଜ୍ୟରେ ଅମଲାତନ୍ତ୍ର ଶାସନ ଚାଲିଛି। ସେମାନେ ବି ମହିଳା ସୁରକ୍ଷା ଦିଗରେ କୌଣସି ଠୋସ୍ ପଦକ୍ଷେପ ଗ୍ରହଣ କରୁନାହାଁନ୍ତି। ରାଜ୍ୟସରକାରଙ୍କ ଅପାରଗତା ଓ ନୀରବତା ଯୋଗୁଁ ଅପରାଧୀମାନେ ଏଠି ସକ୍ରିୟ ହୋଇ ଖୁଲୁମଖୁଲା ମହିଳା ଓ ନାବାଳିକାଙ୍କ ସହ ଅପରାଧ ଘଟାଇ ଚାଲିଛନ୍ତି। ରାଜ୍ୟରେ ଆଦିବାସୀ ଝିଅ ହୋଇ ଜନ୍ମହେବା ଏବେ ଅଭିଶାପ ପାଲଟିଛି। ପୂର୍ବରୁ କୁନ୍ଦୁଲି ପୀଡିତା, ମାଲକାନଗିରି, ବୀରମିତ୍ରପୁର ଆଦିବାସୀ ମହିଳା ଓ ନାବାଳିକା ଦୁଷ୍କର୍ମ ଘଟଣାରେ ପୋଲିସର ନିଷ୍କ୍ରିୟତା ସାମ୍ନାକୁ ଆସିଛି। ରକ୍ଷକ ଏଠି ଭକ୍ଷକ ସାଜୁଛି। ଅନେକ ସମୟରେ ତଦନ୍ତକୁ ବାଟବଣା କରିବା ପାଇଁ ଖୋଦ୍ ପୋଲିସ ତଥ୍ୟ ପ୍ରମାଣ ନଷ୍ଟ କରୁଛି। ଶାସକ ଦଳ ଇଙ୍ଗିତରେ ପୋଲିସ ଅପରାଧୀମାନଙ୍କୁ ଘଂଟ ଘୋଡାଇବାର ପ୍ରମାଣ ଲୋକଲୋଚନକୁ ଆସିଛି। ରାଜ୍ୟରେ ଏଭଳି ଅମାନବୀୟ ଏବଂ ଅଭାବନୀୟ ଘଟଣା ପାଇଁ କେବଳ ମୁଖ୍ୟମନ୍ତ୍ରୀ ହିଁ ଦାୟୀ ବୋଲି ଡ.ସାମନ୍ତସିଂହାର ଅଭିଯୋଗ କରିଛନ୍ତି। ଏହି ଘଟଣାରେ ପୋଲିସ ତୁରନ୍ତ ଅପରାଧୀଙ୍କୁ ଏସସି ଏସଟି ଏଟ୍ରୋସିଟି ଏବଂ ପୋକସୋ ଆକ୍ଟ ଲଗାଇ ଗିରଫ କରିବା ସହ ଜିଲ୍ଲା ପ୍ରଶାସନ ପୀଡିତା ପରିବାରକୁ ତୁରନ୍ତ କ୍ଷତିପୂରଣ ଦେବାକୁ ଡ.ସାମନ୍ତସିଂହାର ଦାବୀ କରିଛନ୍ତି। ମହିଳା ସୁରକ୍ଷା ଦିଗରେ ଯଦି ରାଜ୍ୟ ସରକାର ଆଗକୁ କୌଣସି ପଦପେକ୍ଷ ଗ୍ରହଣ ନକରନ୍ତି ତେବେ ସରକାରଙ୍କ ବିରୁଦ୍ଧରେ ରାଜ୍ୟ ବିଜେପି ରାଜରାସ୍ତାକୁ ଓହ୍ଲାଇବ ବୋଲି ଡ.ସାମନ୍ତସିଂହାର ଚେତାବନୀ ଦେଇଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସଂକ୍ରମଣ ...

ଜୀବନ ନଷ୍ଟ ହେବାକୁ ବସିଲାଣି। ରାଜନୀତିଠାରୁ ଆରମ୍ଭ କରି ଶିକ୍ଷା, ସଂସ୍କୃତି ସବୁଯେମିତି ଓଲଟ ପାଲଟ ହୋଇଗଲାଣି। ଅନ୍ୟପକ୍ଷରେ ଡାକ୍ତର, ପୋଲିସ ଓ ଅନ୍ୟ କରୋନା ଯୋଦ୍ଧା ଲୋକଙ୍କ ଜୀବନକୁ ସୁରକ୍ଷା ଦେବା ପାଇଁ ଅହର୍ନିଶ ଲାଗିଥିଲେ ବି କରୋନାକୁ ପରାସ୍ତ କରିବାରେ ବିଫଳ ହେଲା ଭଳି ମନେ ହେଉଛି। ନମୁନା ପରୀକ୍ଷା ଯେତେ ବଢୁଛି ଆକ୍ରାନ୍ତ ସେତେ ବଢୁଛନ୍ତି। ଏହାରି ଭିତରେ ଉତ୍ସାହଜନକ ଖବର ଏତିକି ଯେ, ଆକ୍ରାନ୍ତଙ୍କ ଅନୁସାରେ ସୁସ୍ଥ ହାର ମଧ୍ୟ ବଢୁଛି। ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ୨୪ ହଜାର ଟପିଲାଣି ଆକ୍ରାନ୍ତଙ୍କ ସଂଖ୍ୟା। ଦେବଗଡ ଓ ସୁବର୍ଣ୍ଣପୁର ଜିଲ୍ଲାକୁ ବାଦ୍ ଦେଲେ ଅନ୍ୟ ସବୁ ଜିଲ୍ଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୧୦୦ ଉପରେ ରହିଛି। ତେବେ ଅନ୍ୟ ରାଜ୍ୟ ତୁଳନାରେ ଆମ ରାଜ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ବହୁ କମ୍ ରହିଛି। ଯେହେତୁ ଓଡ଼ିଶାରେ ସ୍ୱାବ୍ ଟେଷ୍ଟ ଅଧିକ ସଂଖ୍ୟା ହେଉଛି ଆକ୍ରାନ୍ତଙ୍କ ସଂଖ୍ୟା ବଢୁଛି ବୋଲି ସରକାର କହିଛନ୍ତି। ଏଥିପାଇଁ ଲୋକେ ଆଦୌ ଆତଙ୍କିତ ନହେବାକୁ ମଧ୍ୟ ଆଶ୍ୱାସନା ଦେଇଛନ୍ତି ସରକାର। କିନ୍ତୁ କରୋନା ଜନିତ ମୃତ୍ୟୁହାର ବଢୁଥିବାରୁ ଲୋକଙ୍କ ଭିତରେ ଅଜଣା ଭୟ ଓ ଉଦ୍‌ବେଗ ବଢ଼ିଚାଲିଛି। ଅନ୍ୟ ରୋଗ ଅପେକ୍ଷା ଲୋକଙ୍କ ମନରେ କରୋନାର ଭୟ ଏମିତି ଘାରିଛି ଯେ, ଆଶଙ୍କା ଉପୁଜିବା ସ୍ୱାଭାବିକ।

### ‘ବସ୍ତି ଅପେକ୍ଷା...

ନିରନ୍ତର କାମ କରୁଛନ୍ତି। ବସ୍ତି ପାଇଁ ଆମର ନିର୍ଦ୍ଦିଷ୍ଟ ଷ୍ଟ୍ରାଟେଜି ଅଛି, ପ୍ରତି ବସ୍ତିରେ କମିଟି ରହିଛି। ଆକ୍ଟିଭ୍ ସର୍ଭେଲନ୍ସ ଟିମ୍ ଯାଞ୍ଚ କରୁଛନ୍ତି, ଲକ୍ଷଣ ଥିବା ଲୋକ ଚିହ୍ନଟ ହେଉଛନ୍ତି। ୬ ଜାଗାରେ ୮୭୦ ଶଯ୍ୟା ବିଶିଷ୍ଟ କୋଭିଡ୍ କେୟାର ହୋମ୍ କରାଯାଇଛି। ଭୁବନେଶ୍ୱରରେ ହୋମ୍ ଆଇସୋଲେସନ ପାଇଁ ଅନୁମତି ଅଛି। ୧୦୨୫ ଶଯ୍ୟାର କୋଭିଡ୍ ହସ୍ପିଟାଲ, ୬୦ ଶଯ୍ୟାର ହେଲ୍‌ଥ ସେଣ୍ଟର ରହିଛି। ଏବେ ଭୁବନେଶ୍ୱରରେ ୧୬୭ ଜଣ ହୋମ୍ ଆଇସୋଲେସନ୍‌ରେ ଅଛନ୍ତି। ଭୁବନେଶ୍ୱରରେ ଆଉ ୧୫ଶହ କୋଭିଡ୍ ଶଯ୍ୟା ବଢ଼ାଇବା ଯୋଜନା ରହିଛି। ଲକ୍‌ଡାଉନ୍ ମାନନ୍ତୁ, ତାକୁ ପାଳନ କରନ୍ତୁ, ଭିଡକୁ ଯାଆନ୍ତୁ ନାହିଁ। ନିକଟରେ ଏକ ଅଟାକଳରେ ବହୁ ପରିମାଣରେ ପଜିଟିଭଭ୍ ବାହାରିଛି। ଆଉ ଟିକେ ସତର୍କ ରହିବାକୁ ସବୁ ମିଲ୍ ମାଲିକମାନଙ୍କୁ କୁହାଯାଇଛି।

### ପରିଜନଙ୍କୁ ...

ମୃତଦେହକୁ ଦେଖାଇବେ। ମୃତ ଦେହକୁ ନିଆଯିବା ବେଳେ ଉପଯୁକ୍ତ ସମ୍ମାନ ପ୍ରଦାନ କରାଯିବ। ମୃତଦେହକୁ ଅସମ୍ମାନ କଲାଭଳି କୌଣସି କାର୍ଯ୍ୟ କରାଯିବ ନାହିଁ। ଶବ ସଂସ୍କାର ବେଳେ ପରିବାର ଲୋକଙ୍କୁ ସେମାନଙ୍କ ଧର୍ମ ଅନୁଯାୟୀ କ୍ରିୟା କର୍ମ କରିବାକୁ ଅନୁମତି ମିଳିବ। ତେବେ ସେମାନେ ଦୂରତା ରକ୍ଷା କରି ତାହା କରିପାରିବେ। ଏହି କାର୍ଯ୍ୟବେଳେ ସେମାନେ ହାତରେ ଗ୍ଲୋବ ଓ ମୁହଁରେ ମୁଖା ପିନ୍ଧିବେ। ସେମାନେ ଏଣେତେଣେ ଛେପ ପକାଇବେ ନାହିଁ। ମୃତଦେହକୁ ଗୋଧୋଇଦେବା, ଚୁମ୍ବନ କରିବା ବା ଆଲିଙ୍ଗନ କରିବା ମନା। ପରିବାର ଲୋକ ଶବ ସତ୍କାର ପରେ ଭସ୍ମ ସଂଗ୍ରହ କରିପାରିବେ। ଶବ ସତ୍କାର ବେଳେ ୨୦ ଜଣରୁ ଅଧିକ ଲୋକ ଶ୍ମଶାନରେ ରହିପାରିବେ ନାହିଁ। ପୂଜାରୀ ଓ ଅନ୍ୟବ୍ୟକ୍ତିଙ୍କୁ ମିଶାଇ ୨୦ ଜଣ ଭିତରେ ରହିବେ। ଯଦି ପରିବାର ଶବ ସଂସ୍କାର କାର୍ଯ୍ୟରେ ଅଂଶ ଗ୍ରହଣ କରିବାକୁ ଚାହିଁବେ ନାହିଁ, ତେବେ ଏହି ଦାୟିତ୍ୱରେ ଥିବା ଲୋକେ ମୃତ ବ୍ୟକ୍ତିଙ୍କ ଧର୍ମ ଅନୁଯାୟୀ ତାଙ୍କ ଶବ ସତ୍କାର କରିବେ। ଯେଉଁଠି ମୃତ ବ୍ୟକ୍ତିଙ୍କ ପରିଚୟ ମିଳିବ ନାହିଁ ସେହି କ୍ଷେତ୍ରରେ ଦାୟିତ୍ୱରେ ଥିବା ବ୍ୟକ୍ତିମାନେ ଶବକୁ ପୋତିଦେବେ ବା ପୋଡ଼ିପାରିବେ।

### ପ୍ଲାଜ୍‌ମା ଦାନକୁ ...

ନିବେଦନ କ୍ରମେ କୋଭିଡ୍‌ରୁ ଆରୋଗ୍ୟ ଲାଭ କରୁଥିବା ବ୍ୟକ୍ତିମାନେ ପ୍ଲାଜ୍‌ମା ଦାନ ପାଇଁ ଆଗେଇ ଆସୁଥିବା ଆନନ୍ଦନର କଥା। ଜଣେ କୋଭିଡ୍‌ରୁ ସୁସ୍ଥ ହେବାର ଚାରି ସପ୍ତାହ ପରେ ପ୍ଲାଜ୍‌ମା ଦାନ କରିପାରିବେ। ଜଣେ ବ୍ୟକ୍ତି ଚାହିଁଲେ ଏକାଧିକବାର (ପ୍ରତି ଦୁଇ ସପ୍ତାହରେ ଥରେ) ପ୍ଲାଜ୍‌ମା ଦେଇପାରିବେ। ଗୋଟିଏ ୟୁନିଟ୍ ପ୍ଲାଜମା ଦ୍ୱାରା ଦୁଇ ଜଣଙ୍କ ଚିକିତ୍ସା କରାଯାଇପାରିବ। ସୂଚନାଯୋଗ୍ୟ ଯେ, ରାଜ୍ୟରେ ଆଜି ଦିନକ ମଧ୍ୟରେ ୮୦୮ଜଣ ରୋଗୀ କୋଭିଡ୍‌ରୁ ଆରୋଗ୍ୟ ଲାଭ କରିଥିବା ବେଳେ ସମୁଦାୟ ୧୫୨୦୦ଜଣ ରୋଗୀ ଆରୋଗ୍ୟ ଲାଭ କରିଛନ୍ତି। ଗୁରୁତର କୋଭିଡ୍ ରୋଗୀଙ୍କ ଚିକିତ୍ସାରେ ପ୍ଲାଜ୍‌ମା ଥେରାପିର ମହତ୍ୱପୂର୍ଣ୍ଣ ଭୂମିକାକୁ ଦୃଷ୍ଟିରେ ରଖି ପ୍ଲାଜ୍‌ମା ଦାନକୁ ଉତ୍ସାହିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମନ୍ତ୍ରୀମଣ୍ଡଳର ସଦସ୍ୟମାନଙ୍କୁ ବିଭିନ୍ନ ଜିଲ୍ଲାର ଦାୟିତ୍ୱ ଦେଇଛନ୍ତି। ପ୍ଲାଜ୍‌ମା ଦାନ ପାଇଁ ସାଧାରଣରେ ସଚେତନତା ଓ ଲୋକଙ୍କୁ ଉତ୍ସାହିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଭିନ୍ନ ମନ୍ତ୍ରୀମାନଙ୍କୁ ଗୁରୁଦାୟିତ୍ୱ ପ୍ରଦାନ କରାଯିବ ସହ ସେମାନଙ୍କୁ ବିଭିନ୍ନ ଜିଲ୍ଲାଦାୟିତ୍ୱ ପ୍ରଦାନ କରିଛନ୍ତି। ମନ୍ତ୍ରୀମାନେ ସେମାନଙ୍କୁ ଦାୟିତ୍ୱ ଦିଆଯାଇଥିବା ଜିଲ୍ଲା ଗସ୍ତ କରି ଆରୋଗ୍ୟ ଲାଭ କରିଥିବା କୋଭିଡ୍ ରୋଗୀମାନଙ୍କ ସହିତ ଯୋଗାଯୋଗ ରଖି ସେମାନଙ୍କୁ ପ୍ଲାଜ୍‌ମା ଦାନ ପାଇଁ ଉତ୍ସାହିତ କରିବେ ଏବଂ ଏଥିପାଇଁ ଆବଶ୍ୟକ ବ୍ୟବସ୍ଥା ମଧ୍ୟ କରିବେ। ନିୟମିତ ବ୍ୟବଧାନରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ପ୍ଲାଜ୍‌ମା ଦାନର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିବେ ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କୁ ପୁରୀ ଜିଲ୍ଲା ଦାୟିତ୍ୱ ଦିଆଯାଇଥିବା ବେଳେ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କୁ କନ୍ଧମାଳ ଓ ଗଞ୍ଜାମର ଦାୟିତ୍ୱ ଦିଆଯାଇଛି। ସେହିପରି ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କୁ ବରଗଡ, ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ ଭଦ୍ରକ ଓ କେନ୍ଦ୍ରାପଡା, ମନ୍ତ୍ରୀ ପଦ୍ମନାଭ ବେହେରାଙ୍କୁ ଝାରସୁଗୁଡା ଓ ବୌଦ୍ଧ, ମନ୍ତ୍ରୀ ପ୍ରତାପ ଜେନାଙ୍କୁ ମୟୂରଭଞ୍ଜ ଓ କଟକ, ମନ୍ତ୍ରୀ ଡଃ ଅରୁଣ କୁମାର ସାହୁଙ୍କୁ ନୟାଗଡ ସ ଖୋର୍ଦ୍ଧା, ମନ୍ତ୍ରୀ ସଦାମ ମାର୍ଣ୍ଡୀଙ୍କୁ ସୋନପୁର, ମନ୍ତ୍ରୀ ସୁଶାନ୍ତ ସିଂଙ୍କୁ ବଲାଙ୍ଗିର ଓ ସମ୍ବଲପୁର, ମନ୍ତ୍ରୀ ନବ କିଶୋର ଦାସଙ୍କୁ କଳାହାଣ୍ଡି ଓ ନୂଆପଡା, ମନ୍ତ୍ରୀ ଟୁକୁନି ସାହୁଙ୍କୁ ଦେବଗଡ ଓ ସୁନ୍ଦରଗଡ, ମନ୍ତ୍ରୀ ଜଗନ୍ନାଥ ସାରକାଙ୍କୁ ଗଜପତି ଓ କୋରାପୁଟ, ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ଢେଙ୍କାନାଳ, ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କୁ ଅନୁଗୁଳ, ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କୁ ଯାଜପୁର, ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କୁ ବାଲେଶ୍ୱର, ମନ୍ତ୍ର ପ୍ରେମାନନ୍ଦ ନାୟକଙ୍କୁ କେନ୍ଦୁଝର, ମନ୍ତ୍ରୀ ରଘୁନନ୍ଦନ ଦାସଙ୍କୁ ନବରଙ୍ଗପୁର ଓ ଜଗତସିଂହପୁର, ମନ୍ତ୍ରୀ ପଦ୍ମିନୀ ଦିଆନଙ୍କୁ ରାୟଗଡା ଓ ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କୁ ମାଲକାନଗିରି ଦାୟିତ୍ୱ ଦିଆଯାଇଛି।

### ‘ଅଯୋଗ୍ୟଙ୍କୁ ...

ହାତେଇବା ପାଇଁ କଣ୍ଟିଜେନ୍ସୀ ଫଣ୍ଡରୁ ଅର୍ଥ ଆଣି ବଣ୍ଟାଯାଇଥିଲା। କାଳିଆ ଯୋଜନାରେ ଅଯୋଗ୍ୟ ହିତାଧିକାରୀ ମାନଙ୍କୁ ହିତାଧିକାରି ତାଲିକାରେ କିଏ ସାମିଲ କଲା? ଏଥିପାଇଁ ଦାୟୀ କିଏ? ଯେଉଁ ଅଧିକାରୀମାନେ ନିଜ କ୍ଷମତାକୁ ଅପବ୍ୟବହାର କରି ଅଯୋଗ୍ୟ ହିତାଧିକାରୀମାନଙ୍କୁ କାଳିଆ ଯୋଜନାରେ ସାମିଲ କରିଛନ୍ତି ସେହି ସରକାରୀ ଅଫିସର ଏବଂ କୃଷି ଅଧିକାରୀମାନଙ୍କ ଠାରୁ ଏହି ଅର୍ଥ ଆଦାୟ କରାଯାଉ ବୋଲି ଶ୍ରୀ ପୁରୋହିତ ଦାବୀ କରିଛନ୍ତି। ଚାଷୀଙ୍କ ପାଇଁ କେନ୍ଦ୍ର ସରକାର ସର୍ବନିମ୍ନ ସହାୟକ ରାଶି ଘୋଷଣା କରିଥିଲେ ମଧ୍ୟ ଚାଷୀ ତାହା ପାଇବାରୁ ବଂଚିତ ରହୁଛି। ଧାନ ପ୍ରତି କ୍ୱିଣ୍ଟାଲ ପିଛା ପ୍ରତି ଚାଷୀ ପିଛା ୩୦୦ ରୁ ୫୦୦ ଟଙ୍କା କାଟିଦିଆଯାଉଛି। ଚଳିତ ବର୍ଷ ଚାଷୀଙ୍କ ଠାରୁ ଧାନ କିଣି ସରକାର ଏପର୍ଯ୍ୟନ୍ତ ସେମାନଙ୍କୁ ତାଙ୍କ ପ୍ରାପ୍ୟ ପ୍ରଦାନ କରିନାହାଁନ୍ତି। ମୋଦି ସରକାର ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧୀ ପାଇଁ ବାର୍ଷିକ ୬ ହଜାର ଟଙ୍କାର ସହାୟତା ରାଶି ଚାଷୀଙ୍କୁ ଯୋଗାଇ ଦେଉଥିବାବେଳେ ରାଜ୍ୟସରକାର ଏପର୍ଯ୍ୟନ୍ତ ଚାଷୀଙ୍କ ତାଲିକା ଦେଇପାରିଲେ ନାହିଁ। ଆଉ ଏବେ କରୋନା ମହାମାରୀ ସମୟରେ ଚାଷୀଙ୍କ ଠୁ ପଇସା ଫେରସ୍ତ ଆଣିବା ପାଇଁ ନୋଟିସ ପଠାଇବା ଚାଷୀ ବିରୋଧୀ ପନ୍ଥା ଆପଣାଇଛନ୍ତି। ଅନ୍ୟପଟେ ଅତାବିରାର ରଘୁନାଥ ପତି ନାମକ ଜଣେ ଚାଷୀଙ୍କୁ କାଳିଆ ଅର୍ଥ ନମିଳିଥିଲେ ବି ତାଙ୍କୁ ଅଯୋଗ୍ୟ ହିତାଧିକାରୀ ଚିହ୍ନଟ କରି ଟଙ୍କା ଫେରାଇବା ପାଇଁ ନୋଟିସ ପଠାଯାଇଛି। ଏଥିରୁ ସ୍ପଷ୍ଟ ହେଉଛି କି ରାଜ୍ୟସରକାରଙ୍କ କାଳିଆ ତାଲିକା ଏଯାବତ ସଂଶୋଧନ ହୋଇପାରିଲା ନାହିଁ। କାଳିଆ ତାଲିକାରୁ ବାଦ ପକାଇ ଏବେ ଚାଷୀଙ୍କ ପାଖରୁ ଅର୍ଥ ଆଦାୟ କରିବାର ନିଷ୍ପତିକୁ ରାଜ୍ୟସରକାର ତୁରନ୍ତ ପ୍ରତ୍ୟାହାର କରନ୍ତୁ ବୋଲି ଶ୍ରୀ ପୁରୋହିତ ଦାବୀ କରିଛନ୍ତି।

### କାହା ବଳରେ ...

ଡିସିପି ତଦନ୍ତ ନିର୍ଦ୍ଦେଶ ଦେଇଥିଲେ ତଥାପି ଦୋଷୀ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ସାଧାରଣ ଲୋକ ସାମାନ୍ୟ ଚୋରି କଲେ ବି ତା’ପାଇଁ ପୋଲିସ କଠୋର ମନୋଭାବ ପୋଷଣ କରୁଥିଲା ବେଳେ ନିଜ ବିଭାଗର ଜଣେ କର୍ମଚାରୀ ଏଭଳି ଅପରାଧ କରିବା ସତ୍ତ୍ୱେ ଦଣ୍ଡ ପାଇବାରୁ ବଞ୍ଚିତ ହେଲେ କିପରି। ଅନ୍ୟପକ୍ଷରେ ଉକ୍ତ କନଷ୍ଟେବଳ ଜଣକ ଅତୀତରେ ବାଲିପାଟଣା ଥାନାରେ ଥିଲା ବେଳେ ଏଭଳି କିଛି କାର୍ଯ୍ୟ କରିଥିଲେ ଯେଉଁଥିପାଇଁ ତତ୍କାଳୀନ ବିଧାୟକ ଜନସାଧାରଣଙ୍କ ଦ୍ୱାରା ଥାନା ଘେରାଉ କରିବାକୁ ବାଧ ହୋଇଥିଲେ। ଯେଉଁଥିପାଇଁ ସେ ସମୟର ପୋଲିସ କମିଶନର ତାଙ୍କୁ ତୁରନ୍ତ ବଦଳି କରିଥିଲେ। ତେବେ ଘଟଣାଟି ଥିଲା କ’ଣ? ଏତିକିରେ ଏହି କନଷ୍ଟେବଳଙ୍କର କାରନାମା ସରୁନାହିଁ। ପୁରୁଣା ଏଜି କଲୋନୀରେ ଯେଉଁ ଦୁଇଟି ସରକାରୀ କ୍ୱାର୍ଟରକୁ ସେ ନିଜର ବାସଗୃହ ଭାବେ ବ୍ୟବହାର କରୁଛନ୍ତି ତାହା ଫାଣ୍ଡି ପାଇଁ ଉଦ୍ଦିଷ୍ଟ ବୋଲି ଜଣାଯାଏ। ସେଠାରେ ପରିବାର ସହ ସ୍ୱଚ୍ଛନ୍ଦ ଜୀବନଯାପନ କରୁଥିବା ଉକ୍ତ କନଷ୍ଟେବଳ ଦୁଇଟି ଏସି ମଧ୍ୟ ଲଗାଇଛନ୍ତି। ତେବେ ଏହି ଦୁଇଟି ଏସି ବାବଦରେ ବିଜୁଳି ବିଲ୍ କେତେ ଟଙ୍କା ଆସେ ଓ ତାହାକୁ ସରକାର ଦିଅନ୍ତି ନା ବାବୁ ପକେଟରୁ ଗଣନ୍ତି ତାହା ମଧ୍ୟ ତଦନ୍ତ ସାପେକ୍ଷ। ତାଙ୍କ ବିରୋଧରେ ଅନେକ ଅଭିଯୋଗ ଆସୁଥିଲେ ବି ବିଭାଗୀୟ ବହୁ ପଦାଧିକାରୀଙ୍କ ସହ ତାଙ୍କର ନିବିଡ ସମ୍ପର୍କ ଥିବାରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ ନଥିବା ଚର୍ଚ୍ଚା ହେଉଛି।। କାହା ବଳରେ ଏହି କନଷ୍ଟେବଳ ଜଣଙ୍କ ଏତେ ବଳିୟାନ ବୋଲି ଆଲୋଚନା ହେଉଥିଲା ବେଳେ ସତରେ କ’ଣ ସେ ଏତେ ପାୱାରଫୁଲ୍। ତେଣୁ ତାଙ୍କର କାର୍ଯ୍ୟଧାରା ସମ୍ପର୍କରେ କମିଶନରେଟ୍ ପୋଲିସ ବିଧିବଦ୍ଧ ତଦନ୍ତ କରୁ ବୋଲି ସାଧାରଣରେ ଦାବି ହେଉଛି।

### ମାମଲାଧିନ ...

ପଟ୍ଟ ଅଧ ଡେସମିଲ ଜାଗା ୨୦୦୫ ମସିହାରେ ହରିଶଚନ୍ଦ୍ର ବେହେରା କ୍ରୟ କରି ଦଖଲରେ ଅଛନ୍ତି। ଉକ୍ତ ପ୍ଲଟ ମଧ୍ୟରୁ ୩ ଡେସିମିଲ୍ ଜାଗା ରାଜସ୍ୱ ନିରୀକ୍ଷକ ବାରିପଦା-୧ଙ୍କ ଦ୍ୱାରା ଚିହ୍ନଟ କରାଯାଇ ଦଖଲରେଥିବା ଦର୍ଶାଇ ୨୦୧୬ ମସିହାରୁ ମମତା ଦାସ, ସ୍ୱାମୀ କୃଷ୍ଣଚନ୍ଦ୍ର ଦାସ,ମାନ୍ୟବର ଅଦାଲତଙ୍କ ଦ୍ୱାରସ୍ଥ ହୋଇଛନ୍ତି (ଉ.ଝ ଘକ୍ଟ-୪୯/୨୦୧୬)। ରାସ୍ତା, ନାଳ, ଥିବା ଜାଗା ଓ ହରିଶ ଚନ୍ଦ୍ର ବେହେରା ଏବଂ ମମତା ଦାସ ଦଖଲରେ ଥିବା ଜାଗାକୁ ମିଶାଇଲେ ମୋଟ ସରଜମିନ ଉକ୍ତ ପ୍ଲଟର ସାଢେ ଛଅ ଡେସମିଲ୍ ଜମି ଅନ୍ୟ ଦଖଲରେ ଥିବା ଏବଂ ଦଖଲରେ ଥିବା ଜମିର କିସମ ଡାହି ଦୁଇ ହୋଇଥିବାବେଳେ ବାରିପଦା ତହସିଲ କାର୍ଯ୍ୟାଳୟ ତରଫରୁ ଉକ୍ତ ପ୍ଲଟର କିସମକୁ ପରିବର୍ତନ କରାଯାଇ ଘରବାରି କରାଯାଇଛି। ଏଭଳି ପରିସ୍ଥିତିରେ କାଗଜପତ୍ରରେ ଦର୍ଶାଯାଇଥିବା କ୍ରେତା କିପରି ଜମି କିସମ ପରିବର୍ତନ ପାଇଁ ଆବେଦନ କଲେ ଏବଂ ରାଜସ୍ୱ ନିରୀକ୍ଷକ କିପରି ତାହା ଗ୍ରହଣ କରି କିସମ ପରିବର୍ତନ କରାଇଲେ ତାହା ବାରପଦା ତହସିଲ କାର୍ଯ୍ୟାଳୟକୁ ବିବାଦ ମଧ୍ୟକୁ ଟାଣି ଆଣୁଛି। କାଗଜ ପତ୍ର ଅନୁସାରେ କ୍ରେତା ଏବଂ ବାରିପଦା ତହସିଲ କାର୍ଯାଳୟର ରାଜସ୍ୱ ନିରୀକ୍ଷକ ବାରିପଦା – ୧ ଙ୍କ ମଧୁଚନ୍ଦ୍ରିକାରେ ଏଭଳି ବେଆଇନ କାର୍ଯ୍ୟ କରାଯାଇଛି। କାଗଜପତ୍ରରେ ଜମିର କିସମ ବଦଳାଇ ଜମି ଦଲାଲ ଏବଂ ତହସିଲ କାର୍ଯ୍ୟାଳୟର ଅସାଧୁ କର୍ମଚାରୀଙ୍କ ସହଯୋଗରେ ପୁନର୍ବାର ସେହି ଜମିକୁ ଅନ୍ୟ ସାଧାରଣ ନିରୀହ ବ୍ୟକ୍ତିଙ୍କୁ ଠକି ବିକ୍ରି କରିବାର ଯୋଜନା ରଖି ଏଭଳି କାର୍ଯ୍ୟ କରାଯାଉଥିବାର ସ୍ଥାନୀୟ ଅଂଚଳରେ ଚର୍ଚ୍ଚା ହେଉଛି। ଏ ସମ୍ବନ୍ଧରେ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ତା.୦୬.୦୧.୨୦୨୦ ରିଖରେ ଅଭିଯୋଗ ହୋଇଥିଲା (ଟଭସକ୍ତଙ୍କର ଘକ୍ଟ-ଉଉଈଇ ୦୬୦୧୨୦୦୦୭୫)। ଅଭିଯୋଗ ଅନୁସାରେ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)ଙ୍କୁ ତଦନ୍ତ ଦାୟିତ୍ୱ ଦେଇଥିଲେ। ଅଭିଯୋଗ ଅନୁସାରେ କୌଣସି ପଦକ୍ଷେପ ନିଆଯାଇନଥିବାରୁ ତା.୦୩.୦୩.୨୦୨୦ ରିଖରେ ପୁନର୍ବାର ଅଭିଯୋଗକାରୀ ଜିଲ୍ଲାପାଳଙ୍କ ପାଖରେ ଅଭିଯୋଗ କରିଥିଲେ (ଟଭସକ୍ତଙ୍କର ଘକ୍ଟ-ଉଉଈଇ ୦୩୦୩୨୦୦୦୧୨)। ଅଭିଯୋଗ ଗୁଡିକ ଅନୁସାରେ ବର୍ତମାନ ସୁଦ୍ଧା ପ୍ରଶାସନ ତରଫରୁ କୌଣସି ପଦକ୍ଷେପ କିମ୍ବା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବାରୁ ତହସିଲ କାର୍ଯ୍ୟାଳୟର ସମସ୍ତ ବେଆଇନ କାର୍ଯ୍ୟକୁ ଜିଲ୍ଲା ପ୍ରଶାସନ ଘଣ୍ଟ ଘୋଡାଉଥିବାର ସାଧାରଣରେ ଚର୍ଚ୍ଚା ହେଉଛି।

# ୧୧ ଜିଲ୍ଲାରେ ସ୍ଥିତି ସଙ୍ଗୀନ



**ଭୁବନେଶ୍ୱର :** ରାଜ୍ୟରେ ମୌସୁମୀ ଦୁର୍ବଳ ଯୋଗୁଁ ବର୍ଷାର ପରିମାଣ କମିବାରେ ଲାଗିଛି। ପୂର୍ବରୁ କେତେକ ଉପକୂଳ ଜିଲ୍ଲାକୁ ଛାଡ଼ିଲେ ସାରା ରାଜ୍ୟରେ ସ୍ୱାଭାବିକ ଠାରୁ ଅଧିକ ବର୍ଷା ହୋଇଥିଲା। ମାତ୍ର କିଛିଦିନ ହେବ ବର୍ଷା କମିବା କାରଣରୁ ଏବେ ସୁଦ୍ଧା ରାଜ୍ୟରେ ସ୍ୱାଭାବିକଠାରୁ ୯ ପ୍ରତିଶତ ବର୍ଷା କମିଲାଣି। ସବୁଠାରୁ ବଡ଼ କଥା ହେଲା ୧୧ଟି ଜିଲ୍ଲାରେ ସ୍ୱାଭାବିକଠାରୁ କମ୍ ବର୍ଷା ହେବା ସହ ଏଠାରେ ଚାଷ କାର୍ଯ୍ୟ ବିଶେଷ ଭାବେ ପ୍ରଭାବିତ ହେବାକୁ ବସିଲାଣି। ପୁରୀ ଜିଲ୍ଲାରେ ସବୁଠୁ ନିଅଣ୍ଟିଆ ବର୍ଷା ଯୋଗୁଁ ଏହି ଜିଲ୍ଲା ସର୍ବାଧିକ ପ୍ରଭାବିତ ହୋଇଛି। ଏଠାରେ ବର୍ତ୍ତମାନ ସୁଦ୍ଧା ସ୍ୱାଭାବିକଠାରୁ ୫୫ ପ୍ରତିଶତ କମ୍ ବର୍ଷା ହୋଇଛି ବୋଲି ଏସ୍‌ଆର୍‌ସିଙ୍କ କାର୍ଯ୍ୟାଳୟରୁ ଜଣାପଡ଼ିଛି। ସେହିପରି ବାଲେଶ୍ୱର, ଢେଙ୍କାନାଳ, ସୁବର୍ଣ୍ଣପୁର, ଭଦ୍ରକ, ନୟାଗଡ଼, କଟକ, ଯାଜପୁର, ଖୋର୍ଦ୍ଧା, ଜଗତସିଂହପୁର ଓ କେନ୍ଦ୍ରାପଡ଼ାରେ ସ୍ୱାଭାବିକଠାରୁ କମ୍ ବର୍ଷା ହୋଇଛି। ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକଙ୍କ କହିବା ଅନୁଯାୟୀ ଜୁନ ଓ ଜୁଲାଇ ମାସରେ ଉତ୍ତର ବଙ୍ଗୋପସାଗରରେ ଲଘୁଚାପ ସହ ମୌସୁମୀ ଟ୍ରଫ ସ୍ୱାଭାବିକ ରହିବା ଦ୍ୱାରା ଭଲ ବର୍ଷା ହେବା ପାଇଁ ସହାୟକ ହୋଇଥାଏ। ମାତ୍ର ଚଳିତ ବର୍ଷ ଜୁନ୍ ପ୍ରଥମ ସପ୍ତାହକୁ ଛାଡ଼ିଦେଲେ ଜୁଲାଇ ମାସରେ ଗୋଟେ ବି ଲଘୁଚାପ ହୋଇପାରିନାହିଁ। ଆସନ୍ତା ମାସ ଶେଷ ପର୍ଯ୍ୟନ୍ତ ମଧ୍ୟ ଲଘୁଚାପ ହେବାର ନାହିଁ। ଏହାସହିତ ମୌସୁମୀ ଟ୍ରଫ୍‌ର ପୂର୍ବଭାଗ ପଶ୍ଚିମବଙ୍ଗ କିମ୍ବା ଓଡ଼ିଶା ସଂଲଗ୍ନ ବଙ୍ଗୋପସାଗର ପର୍ଯ୍ୟନ୍ତ ବ୍ୟାପିଥିଲେ ଭଲ ବର୍ଷା ହୋଇଥାଏ। ହେଲେ ଚଳିତ ବର୍ଷ ଏହା ହୋଇପାରି ନଥିବା ବେଳେ ଜୁଲାଇ ଶେଷ ପର୍ଯ୍ୟନ୍ତ ହେବାର ବି ସମ୍ଭାବନା ନାହିଁ। ବର୍ତ୍ତମାନ ମୌସୁମୀ ଟ୍ରଫର ପୂର୍ବ ଭାଗ ସ୍ୱାଭାବିକଠାରୁ ଉତ୍ତରରେ ଅର୍ଥାତ ହିମାଳୟ ଆଡ଼କୁ ଅବସ୍ଥିତ ରହିଛି। ଫଳରେ ରାଜ୍ୟରେ ଭଲ ବର୍ଷା ହେଉନାହିଁ। କେବଳ ଉତ୍ତର ଭାରତରେ ବିସ୍ତୃତ ଘୂର୍ଣ୍ଣିବଳୟ ଦ୍ୱରା ବା ଲଘୁଚାପ ବଳୟ ଦ୍ୱାରା ରାଜ୍ୟରେ ଏବେ ବର୍ଷା ହେଉଛି। ବିଶେଷକରି ଉତ୍ତର ପଶ୍ଚିମ ଓଡ଼ିଶାରେ ଏହି ବର୍ଷା ହେଉଛି। ପ୍ରଫେସର ପଶୁପାଳକଙ୍କ ଆକଳନ କରିଛନ୍ତି ଯେ ୨୩ ତାରିଖରେ ବଙ୍ଗଳାଦେଶ ପଶ୍ଚିମବଙ୍ଗ ଓ ବିହାର ଉପରେ ଏକ ଲଘୁଚାପ ବଳୟ ସୃଷ୍ଟି ହେବ। ଯାହାକି ପରଦିନ ପଶ୍ଚିମ ଆଡ଼େ ଗତି କରିବ। ଏହାଦ୍ୱାରା ୨୩ ତାରିଖ ଦିନ ରାଜ୍ୟର ଅନେକ ସ୍ଥାନରେ ମଧ୍ୟମ ଧରଣର ବର୍ଷା ହୋଇପାରେ। ୨୪ ତାରିଖ ଦିନ କେତେକ ସ୍ଥାନରେ ବିଶେଷ କରି ଉତ୍ତର ଓଡ଼ିଶାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇପାରେ। ତେବେ ପୁଣି ୨୫ ତାରିଖଠାରୁ ରାଜ୍ୟରେ ଶୁଖିଲା ଓ ଖରାଟିଆ ପାଗ ରହିବ। ୨୮ରେ ପୁଣି ଏକ ଘୂର୍ଣ୍ଣିବଳୟ ଦ୍ୱାରା ରାଜ୍ୟରେ ବର୍ଷା ହେବାର ସମ୍ଭାବନା ରହିଛି। ଅନ୍ୟପକ୍ଷରେ ଗତବର୍ଷ ତୁଳନାରେ ଚଳିତ ବର୍ଷ ସେମିତି ଖରାପ ପରିସ୍ଥିତି ସୃଷ୍ଟି ହୋଇନାହିଁ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଚଳିତ ବର୍ଷ ଆଜି ସୁଦ୍ଧା ରାଜ୍ୟରେ ୯ ପ୍ରତିଶତ କମ୍ ବର୍ଷା ହୋଇଥିବା ବେଳେ ଗତବର୍ଷ ଏହି ସମୟରେ ୩୧ ପ୍ରତିଶତ କମ୍ ବର୍ଷା ହୋଇଥିଲା। କିନ୍ତୁ ଅଗଷ୍ଟ ମାସରେ ଭଲ ବର୍ଷା ହେବା ଦ୍ୱାରା ପରିସ୍ଥିତି ସୁଧାର ଆସିଥିଲା ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶକ ଏଚ୍‌ଆର୍ ବିଶ୍ୱାସ କହିଛନ୍ତି। ସେହିଭଳି ମୌସୁମୀ ଟ୍ରଫ୍‌ରେ ପରିବର୍ତ୍ତନ ହେବା ଦ୍ୱାରା ଆସନ୍ତା ୨-୩ ଦିନ ପର୍ଯ୍ୟନ୍ତ ରାଜ୍ୟର କିଛି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ସମ୍ବଲପୁର, ସୋନପୁର, ମୟୂରଭଞ୍ଜ ଆଦିରେ ବର୍ଷାର ପରିମାଣ ଅଧିକ ରହିବ ବୋଲି କେନ୍ଦ୍ର ପକ୍ଷରୁ କୁହାଯାଇଛି।

# ପିଆରଏମ୍ ମେଡିକାଲ କଲେଜ ହସପିଟାଲ୍‌ରେ ଟେଲି ମେଡିସିନ ସେବା

**ବାରପଦା :** ଓଡିଶା ସରକାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ନିର୍ଦ୍ଦେଶାନୁସାରେ ବାରିପଦା ସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ବାରିପଦା ପକ୍ଷରୁ ସର୍ବସାଧାରଣଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଓ ଏହାର ଚିକିତ୍ସା / ପ୍ରତିକାର ପାଇଁ ଟେଲି ମେଡିସିନ ସେବା ଆରମ୍ଭ ହୋଇଛି। ଏହା ଦ୍ୱାରା ରୋଗୀ / ଜନସାଧାରଣ ନିଜର ଫୋନ ଜରିଆରେ ଡାକ୍ତରଙ୍କ ସହିତ ସିଧାସଳଖ ଯୋଗାଯୋଗ କରି ରୋଗ ଉପଚାର କରିପାରିବେ। ଏହି ଟେଲି ମେଡିସିନ ସେବା ସକାଳ ୮ ଘଟିକା ଠାରୁ ଅପରାହ୍ନ ୫ଘଟିକା ପର୍ଯ୍ୟନ୍ତ ଉପଲବ୍ଧ ହେବ। ଜିଲ୍ଲାର ଜନସାଧାରଣ ଏହି ସେବାର ସୁବିଧା ଉପଯୋଗ ପାଇଁ ମୋବାଇଲ ଫୋନ ନମ୍ବର – ୭୬୫୫୦୫୧୫୯୬, ୭୬୫୫୦୫୧୫୯୭ ରେ ଯୋଗାଯୋଗ କରି ପରାର୍ମଶ ନଇେ ପାରିବେ ବୋଲି ପିଆରଏମ୍, ଏମସିଏଚ୍, ଅଧୀକ୍ଷକ ବାରିପଦା ପ୍ରେସ ବିଜ୍ଞପ୍ତି ଜରିଆରେ ଜଣାଇଛନ୍ତି।

# କରୋନା ସଂକ୍ରମଣ ବୃଦ୍ଧି ପ୍ରତିବାଦରେ ଆଗକୁ ବାହାରିଲା ପାରାଦୀପ ବିଜେଡି

**ପାରାଦୀପ :** ପାରାଦୀପରେ କରୋନା ସଂକ୍ରମଣ ଆଶାତୀତ ଭାବେ ବୃଦ୍ଧି ପାଇବାରେ ଲାଗିଛି। ଏପରିକି ଏହା ଗୋଷ୍ଠି ସଂକ୍ରମଣର ରୂପ ନେବାକୁ ବସିଲାଣି। ତୁରନ୍ତ ଏ ଦିଗରେ ଦୃଢ଼ ପଦକ୍ଷେପ ଗ୍ରହଣ କରା ନଗଲେ ଆଗାମୀ ଦିନରେ ଏଠାରେ ସଂଗୀନ ପରିସ୍ଥିତି ସୃଷ୍ଟି ହେବ ବୋଲି ପାରାଦୀପ ବିଜେଡ଼ି ପକ୍ଷରୁ ଅଭିଯୋଗ ହୋଇଛି। ମଙ୍ଗଳବାର ପୂର୍ବ ପୌରାଧକ୍ଷ ତଥା ପାରାଦୀପ ବିଜେଡ଼ି ସଭାପତି ବସନ୍ତ ବିଶ୍ୱାଳଙ୍କ ନେତୃତ୍ୱରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହାଛଡ଼ା ସ୍ଥାନୀୟ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଅଭିଯୋଗରୁ ପ୍ରକାଶ ପାରାଦୀପ ଆଇଓସିଏଲ ଏବଂ ଏଥିରେ କାର୍ଯ୍ୟରତ ଏଲ ଆଣ୍ଡ ଟି ଠିକା ସଂସ୍ଥାର ବେପରୱା ନୀତି ଯୋଗୁଁ ଏଠାରେ କରୋନା ସଂକ୍ରମଣ ବୃଦ୍ଧି ପାଉଛି। ଏଲ ଆଣ୍ଡ ଟି କମ୍ପାନୀ ମହାରାଷ୍ଟ୍ର ଓ ତାମିଲନାଡୁ ଭଳି ଅତ୍ୟଧିକ ସଂକ୍ରମିତ ରାଜ୍ୟରୁ ଶ୍ରମିକମାନଙ୍କୁ ଆଣି ଏଠାରେ ତାର ନିର୍ମାଣ କାର୍ଯ୍ୟରେ ନିୟୋଜିତ କରୁଛି। ପୋଷ୍କୋ ବିଲ୍ଡିଂ, ପଦ୍ମା ହୋଟେଲ, ଆରିଷ୍ଟୋକ୍ରାଟ୍ ହୋଟେଲ, ପାରାଦୀପ ଗଡ଼ ଓ ତାରିଣୀଗଡ଼ା ଆଦି ଅଞ୍ଚଳରେ ଏହି ବାହାର ରାଜ୍ୟର ଲୋକଙ୍କୁ ଏଲ ଆଣ୍ଡ ଟି ସଂସ୍ଥା ରଖିଛି। ଏ ସଂକ୍ରାନ୍ତରେ ପୂର୍ବରୁ ଜିଲା ପ୍ରଶାସନକୁ ଅବଗତ କରାଯାଇଥିଲା। କିନ୍ତୁ କୌଣସି ଠୋସ୍ ପଦକ୍ଷେପ ଗ୍ରହଣ କରା ନଯିବାରୁ ଏଠାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇଛି। କିଛି ଦିନ ମଧ୍ୟରେ ଏହିସବୁ ଅଞ୍ଚଳରେ ରହିଥିବା ଶ୍ରମିକମାନଙ୍କ ଦେହରେ କରୋନା ଭୁତାଣୁ ରହିଥିବା ସରକାରୀ ସୂତ୍ରରୁ ଜଣାପଡ଼ିଛି। ସେହିପରି ଆରିଷ୍ଟୋକ୍ରାଟ୍ ହୋଟେଲରୁ ଏକକାଳୀନ ୧୦ରୁ ଅଧିକ ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଛି। ଏହାଛଡ଼ା ଅନ୍ୟାନ୍ୟ ଅଞ୍ଚଳରେ ମଧ୍ୟ କରୋନା ସଂକ୍ରମିତ ଚିହ୍ନଟ ହେବା ପରେ ପାରାଦୀପ ତଥା ଏହାର ଆଖପାଖ ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ଏଣୁ ତୁରନ୍ତ ଆଇଓସିଏଲକୁ ସଟ୍ ଡ଼ାଉନ କରାଯିବା ସହିତ ସେହି ପରିସରରେ ଚାଲିଥିବା ସମସ୍ତ ନିର୍ମାଣ କାର୍ଯ୍ୟକୁ ତୁରନ୍ତ ବନ୍ଦ କରିବାକୁ ଦଳ ପକ୍ଷରୁ ଦାବି ହୋଇଛି। ଏହାଛଡ଼ା ତୁରନ୍ତ ଏଲ ଆଣ୍ଡ ଟି କମ୍ପାନୀର ସମସ୍ତ ନିର୍ମାଣ କାର୍ଯ୍ୟ ବନ୍ଦ କରିବା ସହିତ ଆରିଷ୍ଟୋକ୍ରାଟ୍ ହୋଟେଲକୁ କଳା ତାଲିକାଭୁକ୍ତ କରିବା, କରୋନା ସଂକ୍ରମିତଙ୍କୁ ୧୦ ଲକ୍ଷ କ୍ଷତିପୂରଣ ପ୍ରଦାନ କରିବା ଓ ମୃତକଙ୍କ ପରିବାରକୁ ଏକ କୋଟି ଟଙ୍କା କ୍ଷତିପୂରଣ ଦେବାକୁ ଦାବି ହୋଇଛି। ସେହିପରି ଏଠାରେ କରୋନା ସଂକ୍ରମଣକୁ ତୁରନ୍ତ ରୋକିବା ଦିଗରେ ଜିଲା ପ୍ରଶାସନ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦାବିରେ ପାରାଦୀପ ବିଜେଡ଼ି ପକ୍ଷରୁ ୧୨ଦଫା ସମ୍ବଳିତ ଦାବିପତ୍ର ଅତିରିକ୍ତ ଜିଲାପାଳଙ୍କ ଜରୀଆରେ ପ୍ରଦାନ କରାଯାଇଛି। ଆଜିର ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା କୁମରବର ନାୟକ, ବରିଷ୍ଠ ଯୁବ ନେତା ଜ୍ୟୋତିକାନ୍ତ ପରିଡ଼ା, ନାରୀନେତ୍ରୀ ପ୍ରଭାତି ନାୟକ ଓ ଚପଳା ସ୍ୱାଇଁ, ଜଗତସିଂହପୁର ସାଂସଦଙ୍କ ପାରାଦୀପ ପ୍ରତିନିଧି ମହେନ୍ଦ୍ର ପରିଡ଼ା, ଆଲୋକ ମହାପାତ୍ର, ଇଂ. ଚିନ୍ମୟ ରଞ୍ଜନ ପରିଡ଼ା, ଶଙ୍କର ରାଉତ ଓ ଶୁଶିଲ ମହାପାତ୍ର ପ୍ରମୁଖ ସଭାପତି ଶ୍ରୀ ବିଶ୍ୱାଳଙ୍କ ସହିତ ଏହି କାର୍ଯ୍ୟକ୍ରମରେ ନେତୃତ୍ୱ ନେଇଥିଲେ।

# ଅଭୟଦାୟୀ ମା' ମଲ୍ଲ୍ୟାଶୁଣୀ



**ମା'**ର ପଣତ ତଳେ ସନ୍ତାନ ଯେ ଅବଶ୍ୟ ସୁରକ୍ଷିତ ଏଥିରେ ତର୍କ କରିବାର କିଛି ନାହିଁ। ଦୁଃଖ ସୁଖ ସବୁ ସମୟରେ ତା'ରି ଚରଣ ତଳେ ଲୋଟିଗଲେ ମା' ଅବଶ୍ୟ ଅଭୟ ଦିଏ। ବିପତ୍ତି ଦାଉରୁ ରକ୍ଷା କରେ। ଜନ୍ମଦାତ୍ରୀ ଜନନୀଠାରୁ ଆଉ ଏକ ଶକ୍ତିମୟୀ, ଇଚ୍ଛାମୟୀ, କରୁଣାମୟୀ ଓ ମହିମାମୟୀ ମା' ମଲ୍ଲ୍ୟାଶୁଣୀ ସେ। ତା'ରି ଆରାଧନା କଲେ, ତା'ଠାରେ ଆପଣାକୁ ସମ୍ପୂର୍ଣ୍ଣ ରୂପେ ସମର୍ପିତ କଲେ ଦୁଃଖ ନାହିଁ, ଶଙ୍କା ନାହିଁ। ଗଭୀର ଆତ୍ମାପ୍ରତ୍ୟୟ, ନିଷ୍ଠା ଓ ଭକ୍ତି ଜଣାଇଲେ ଦେବୀ ପ୍ରଫୁଲ୍ଲ ଚିତ୍ତରେ ଅଶେଷ କଲ୍ୟାଣର ବାରିଧାରା ମସ୍ତକରେ ଢାଳି ଦିଅନ୍ତି। ସେ ଦେବୀ ମା' ମଲ୍ଲ୍ୟାଶୁଣୀ। ବୌଦ୍ଧ ଚେତନାରେ ସେ ଭୈରବୀ। ମାନବୀୟ ପରିକଳ୍ପନାରେ ସୃଷ୍ଟି, ସ୍ଥିତି, ପ୍ରଳୟର ମହାଶକ୍ତି ଓ ବିଶ୍ୱ ଚେତନାରେ ସେ ପ୍ରଜ୍ଞା ପାରମିତା। ତନ୍ତ୍ର ମାନ୍ୟତାରେ ଭୈରବୀ । ମା' ମଲ୍ୟାଶୁଣୀ ସ୍ୱପ୍ନରେ ଭକ୍ତଙ୍କୁ ଦେଇଥାନ୍ତି ଦର୍ଶନ। ଅର୍ଦ୍ଧରାତ୍ରିରେ ତୁଳସୀ ବାସ୍ନା ସହ ରୁଣୁଝୁଣୁ ଶବ୍ଦରେ ମଲ୍ଲ୍ୟାଭୂଇଁ ହୋଇ ଉଠେ ନିନାଦିତ। ବିଶ୍ୱ କଲ୍ୟାଣାର୍ଥେ 'ମଲ୍ଲ୍ୟାଶୁଣୀ' ନାମରେ ବିରାଜିତ। ସାମ୍ବାଦିକ କୈଳାସ ପରିଡ଼ା (ବାବୁଲି)ଙ୍କ ସ୍ୱତନ୍ତ୍ର ପ୍ରତିବେଦନ....

ପାରାଦ୍ୱୀପ-ଦୈତାରୀ ୫ ନମ୍ବର ଜାତୀୟ ରାଜପଥ (ଏନଏଚ) ର 'କୁନ୍ଦଳ' ଏକ ପ୍ରମୁଖ ଛକ। ଛକରୁ କିଛି ବାଟ ଚାଲିଚାଲି ଗଲେ ଏକ ମନୋମୁଗ୍ଧକର ପ୍ରକ୍ୟତିକ ପରିବେଶ ମଧ୍ୟରେ ମା' ମଲ୍ଲ୍ୟାଶୁଣୀ ଦେବୀ ପୀଠ ଅବସ୍ଥିତ। ୪ ଶହ ବର୍ଷରୁ ଉର୍ଦ୍ଧ୍ୱ ହେଲା ମା' ପୂଜା ପାଇ ଆସୁଥିବାର କିମ୍ବଦନ୍ତୀ କୁହେ। ଇତିହାସର ଜନଶ୍ରୁତି ଅନୁଯାୟୀ ବହୁକାଳ ପୂର୍ବେ ଆଜିର ମା' ମଲ୍ଲ୍ୟାଶୁଣୀ ଦେବୀ ପୀଠ ଅଞ୍ଚଳଟି ନିଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ ଥିଲା। ଜଙ୍ଗଲରେ ବ୍ୟାଘ୍ର, ଭାଲୁଙ୍କ ଭଳି ହିଂସ୍ର ଜୀବଜନ୍ତୁ ରହୁଥିଲେ। ଜଙ୍ଗଲ ସନ୍ନିକଟରେ ରହିଥିଲେ କଂସାରୀ ରାଜା। ରାଜପ୍ରସାଦର ଦ୍ୱାରଠାରୁ ଆରମ୍ଭ କରି ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ କଂସାର ହେତୁ ସେ 'କଂସାରୀ ରାଜା' ଭାବେ ଉତ୍କଳ ଭୂମିରେ ଥିଲେ ସର୍ବଜନବିଦୀତ। ଏକଦା କଣତା (ଅଧୁନା ଗରଗାଲି ଗାଁ)ର ନୈଷ୍ଠିକ ବ୍ରାହ୍ମଣ କାଙ୍ଗାଳି ଦାସ ଜଙ୍ଗଲକୁ ଘାସ କାଟିବାକୁ ଯାଇଥିଲେ। ଘାସ କାଟି ଫେରିଲା ବେଳକୁ ସଞ୍ଜ ନଇଁ ଆସୁଥାଏ। ଘାସ ପାଛିଆକୁ ମଥାରେ ଥୋଇ ଫେରୁଥିବାବେଳେ ଏକ ଅଲୌକିକ ଆଲୋକ ଦାସଙ୍କ ଆଖି ଆଗରେ କ୍ଷିପ୍ର ଗତିରେ ଯାଇ ଜଙ୍ଗଲରେ ମିଳେଇ ଯାଇଥିଲା। ମଧ୍ୟରାତ୍ରରେ କାଙ୍ଗଳି ଶୟନ କରିଥିବା ବେଳେ ସ୍ୱପ୍ନାଦେଶରେ ମା' ଦିବ୍ୟବଚନ ପ୍ରଦାନ କରିଥିଲେ। 'ମୁଁ ହରଙ୍କ କ୍ରୋଧାନ୍ୱିତର ଅଭିଶାପରେ ଏଠାରେ ପଡ଼ିରହିଛି। ମୁଁ ମାନବୀ ନୁହେଁ, ଦେବୀ। ମୋତେ ଏଠାରୁ ଉଦ୍ଧରି ପୂଜା କରିବାର ବ୍ୟବସ୍ଥା କରିବୁ'। ସ୍ୱପ୍ନାଦେଶ ଦେଇ କାଙ୍ଗଳି ଗାଁ ଲୋକଙ୍କୁ ଅବଗତ କରାଇବା ପରେ ସମସ୍ତେ ପୂଜା କରି ଉକ୍ତ ସ୍ଥାନ ଖୋଳିବାରୁ ଏକ ପାଷାଣ ପ୍ରତିମା ପାଇଲେ। ଏହି ପାଷାଣ ପ୍ରତିମା ମାଆ ମଲ୍ୟାଶୁଣୀ ରୂପରେ ପୂଜା ପାଇଲେ ଓ ଏବେ ବିଶ୍ୱକଲ୍ୟାଣୀମୟୀ ଭାବେ ଅଶେଷ କଲ୍ୟାଣ ସାଧିତ କରୁଥିବାରୁ ପ୍ରତ୍ୟକ୍ଷ ଠାକୁରାଣୀ ମା' ମଲ୍ୟାଶୁଣୀ ଭାବେ ପୂଜା ପାଉଛନ୍ତି। ମା'ଙ୍କ ବାମ ପାର୍ଶ୍ୱରେ ଗୋପୀନାଥ, ଦକ୍ଷିଣରେ ଜଟେଶ୍ୱର ମହାଦେବ, ସମ୍ମୁଖରେ ପ୍ରଭୂ ଶ୍ୟାମ ସୁନ୍ଦର ଭଳି ଅନେକ କ୍ଷୁଦ୍ର ବୃହତ ତୀର୍ଥ ସ୍ଥଳ ରହିଛି। ତୀର୍ଥମାନଙ୍କର ମଧ୍ୟ ଭାଗ ଦେବଭୂମି ମଲ୍ୟାଭୂଇଁରେ ମା' ମଲ୍ୟାଶୁଣୀ (ପଶ୍ଚିମାମୁଖୀ ମଙ୍ଗଳା) ଅବସ୍ଥାପିତ।

ପୌରାଣିକ ଆଖ୍ୟାନ

ହରିଦ୍ୱାରଠାରୁ ଅନତି ଦୂରରେ ଗଙ୍ଗା ନଦୀର ତିନୋଟି ଧାରା ମିଳିତ ହୋଇଛନ୍ତି। ଏହି ତୀର୍ଥସ୍ଥଳରେ ସ୍ନାନ ତର୍ପଣ ଆଦି କରିବା ଫଳରେ ପିତୃ ଋଣରୁ ମୁକ୍ତି ଲାଭ ମିଳେ ବୋଲି କଥିତ ଅଛି। ସତ୍ୟଯୁଗରେ ଏହି ପୀଠରେ ବ୍ରହ୍ମାଙ୍କ ପୁତ୍ର ଦକ୍ଷ ପ୍ରଜାପତି ଏକ ଯଜ୍ଞର ଆୟୋଜନ କରିଥିଲେ। ସଂସାରୀ ତ୍ୟାଗୀ, ଦିଗମ୍ବର ଶିବ ଦକ୍ଷଙ୍କର ଜାମାତା ଥିଲେ ହେଁ ସେ ଯଜ୍ଞକୁ ଆମନ୍ତ୍ରିତ ହୋଇନଥିଲେ। ମାତା ପାର୍ବତୀ ପିତାଙ୍କର ଏହି ଯଜ୍ଞରେ ଯୋଗ ଦେବା ପାଇଁ ଈଶ୍ୱରଙ୍କ ଅନୁମତି ପ୍ରାର୍ଥନା କରନ୍ତେ କ୍ରୁଦ୍ଧ ଶିବଙ୍କର ବାରଣ ସତ୍ତ୍ୱେ ମାତା ପାର୍ବତୀ ନିମନ୍ତ୍ରିତ ଭାବେ ପିତାଙ୍କର ଯଜ୍ଞରେ ଉପସ୍ଥିତ ହେଲେ। କନ୍ୟାକୁ ଦେଖି ଦକ୍ଷ ଆନନ୍ଦିତ ହେବା ପରିବର୍ତ୍ତେ ଶିବଙ୍କୁ ଭର୍ତ୍ସନା କରିବା ଆରମ୍ଭ କଲେ। ଅପମାନ ଜର୍ଜରିତ ଦେବୀ ଶିବଙ୍କ ଅପମାନ ସହ୍ୟ କରିନପାରି ଯଜ୍ଞ କୁଣ୍ଡକୁ ଡେଇଁ ପ୍ରାଣ ବିସର୍ଜନ କଲେ। ମହେଶ୍ୱର ମହାଯୋଗେଶ୍ୱର ଶିବ ଧ୍ୟାନ ବଳରେ ଏହି କାଣ୍ଡ ସମ୍ପର୍କରେ ଅବଗତ ହୋଇ ମହାକାଳ ରୂପ ଧାରଣ କରି ଖଡଗା, ତ୍ରିଶୁଳ ସହ ଯଜ୍ଞସ୍ଥଳରେ ଉପସ୍ଥିତ ହେଲେ। ପ୍ରଭୂଙ୍କର ମହାରୁଦ୍ର ରୂପ ସଂଦର୍ଶନରେ ଭୟଭୀତ ଦେବରଷି ସ୍ୱ ସ୍ୱ ଆସ୍ଥାନକୁ ପଳାୟନ କଲେ। କ୍ରୋଧ ଜର୍ଜରିତ ଶିବ ଦକ୍ଷ ପ୍ରଜାପତିଙ୍କର ଦର୍ପୋନ୍ନତ ମସ୍ତକକୁ ସ୍କନ୍ଧଚ୍ୟୁତ କଲେ ଏବଂ ଦେବୀଙ୍କର ଅର୍ଦ୍ଧଦଗ୍ଧ ଶରୀରକୁ ଯଜ୍ଞକୁଣ୍ଡରୁ ଫିଙ୍ଗି ମହାତାଣ୍ଡବ ନୃତ୍ୟ ଆରମ୍ଭ କଲେ। ସାରା ସୃଷ୍ଟିରେ ଧ୍ୱଂସର ଲୀଳା ଆରମ୍ଭ ହୋଇଗଲା ଏବଂ ରୁଦ୍ର



କୋପାନଳରେ ସୃଷ୍ଟି ବିନାଶ ହେବାକୁ ବସିଲା। ଦେବଗଣ ଏହି ସଙ୍କଟରୁ ପରିତ୍ରାଣ ନିମିତ୍ତ କୃଷ୍ଣଙ୍କୁ ପ୍ରାର୍ଥନା କଲେ। ପରମପିତା ମହାବିଷ୍ଣୁ ଏହି ସଙ୍କଟର ପ୍ରତିକାର ପାଇଁ ପ୍ରତିଶ୍ରୁତି ଦେଲେ ଏବଂ ସ୍ୱୟଂ ଶଙ୍ଖ, ଚକ୍ର, ଗଦା, ପଦ୍ମରେ ଭୂଷିତ ହୋଇ ଦକ୍ଷଙ୍କ ଯଜ୍ଞସ୍ଥଳରେ ପହଞ୍ଚି ଅଦୃଶ୍ୟ ଭାବରେ ରହିଲେ। ସତୀ ଶିରୋମଣିଙ୍କ ଶବକୁ ପ୍ରଭୂ ଶିବ ଉପରକୁ ଫିଙ୍ଗନ୍ତେ ମହାବିଷ୍ଣୁ ସୁଦର୍ଶନ ଯୋଗେ ଉକ୍ତ ଶରୀରକୁ ଖଣ୍ଡବିଖଣ୍ଡିତ କଲେ। ଖଣ୍ଡବିଖଣ୍ଡିତ ଅଂଶଗୁଡିକ ବିଚ୍ଛିନ୍ନ ହୋଇ ବିଭିନ୍ନ ସ୍ଥାନରେ ପଡିବା ଫଳରେ ଉକ୍ତ ସ୍ଥାନମାନଙ୍କରେ ଦେବୀପୀଠର ସୃଷ୍ଟି ହେଲା। ଶାସ୍ତ୍ରାନୁଯାୟୀ:

ବିମଳା ପାଦପୀଠଞ୍ଚ
ନପୀଠଞ୍ଚ ତାରିଣୀ
କାମାକ୍ଷୀ ଯୋନିପୀଠଞ୍ଚ
ମୁଖପୀଠଞ୍ଚ କାଳିକା
ହସ୍ତପୀଠଞ୍ଚ ମଲ୍ଲ୍ୟାଶୁଣୀ
କେଶପୀଠଞ୍ଚ ଗୋଜବାୟାଣୀ

ଉକ୍ତ ପୀଠଗୁଡିକ ମଧ୍ୟରେ ବିରଜା (ଯାଜପୁର), ବିମଳା (ପୁରୀ), ସମଲେଶ୍ୱରୀ (ସମ୍ବଲପୁର), ଚଣ୍ଡୀ(କଟକ), ଭଗବତୀ (ବାଣପୁର), ଶାରଳା (ଝଙ୍କଡ), ରାମଚଣ୍ଡୀ (କୋଣାର୍କ), ହିଙ୍ଗୁଳାଇ (ତାଳଚେର), ଗୌରୀ (ଭୁବନେଶ୍ୱର), ପଶ୍ଚିମାମୁଖୀ ମଙ୍ଗଳା (କଣତା,ଅଧୁନା ଗରଗାଲି),ମୋହିନୀ,ଭବାନୀ, ମାଳେଶ୍ୱରୀ,ବାଳିକା ଇତ୍ୟାଦି ଅନେକ ନାମ। ବ୍ରହ୍ମା ଏସବୁ ନାମ ଦେଇଥିବା କଥିତ ରହିଛି। କେଶରୀ ବଂଶର ରାଜା ଯଯାତିକେଶରୀ ବିରଜାକ୍ଷେତ୍ରରେ ଦଶାଶ୍ୱମେଧ ଯଜ୍ଞ ସମାପନ କରି ଫେରିବା ପଥରେ କଂସାରୀ ରାଜାଙ୍କ ପ୍ରାସାଦରେ ରାତ୍ରି ବିଶ୍ରାମ ନେଇଥିଲେ। ଯାହାକି ରାଜା ଘଞ୍ଚ ଜଙ୍ଗଲରେ ଏକ ଭୟାନକ ବିପତ୍ତିରୁ ଉଦ୍ଧାର ପାଇଥିବାରୁ ମା'ଙ୍କୁ ମଲ୍ୟାଶୁଣୀ ମା' ବୋଲି ସମ୍ବୋଧନ କରିଥିବା ସ୍ୱର୍ଗତ ମାଧବ ପଟ୍ଟନାୟକଙ୍କ ରଚିତ ବୈଷ୍ଣବ ଲୀଳାମୃତରେ ବର୍ଣ୍ଣିତ ହୋଇଛି। ସେଠାରେ ରାଜା ଯଯାତିକେଶରୀ ବଂଶର, କଂସାରୀ ରାଜାଙ୍କ ମିଳିତ ଉଦ୍ୟମରେ ଏକ ଭବ୍ୟ ମନ୍ଦିର ଗଢ଼ାଯାଇଥିଲା। ମନ୍ଦିରର ଅପୂର୍ବ କାରୁକାର୍ଯ୍ୟ ଐତିହ୍ୟ ସମ୍ପନ୍ନ ଭଗ୍ନାବଶେଷ, ମୂର୍ତ୍ତି ମଲ୍ଲ୍ୟାଭୂଇଁରୁ ମିଳିଥିବାରୁ ଏହାର ପ୍ରାମାଣିକ ତଥ୍ୟକୁ ପରିଦୃଷ୍ଟ କରୁଥିବା ପରି ମନେହୁଏ। ଐତିହ୍ୟପୂର୍ଣ୍ଣ ଭଗ୍ନାବଶେଷରେ ମା' କୋଳରେ ରତ୍ନ ଭଣ୍ଡାର ଧରିଥିବା ସହ ପୃଥିବୀକୁ ମୁଣ୍ଡାଇଥିବାର ବିଲକ୍ଷଣ ରହିଥିବାରୁ ମଲ୍ଲ୍ୟାଭୂଇଁ ସମ୍ପ୍ରତି ସାଧନାର ପୀଠଭାବେ ବିବେଚିତ ଓ ପରିଗଣିତ ହୋଇଛି। ମା'ଙ୍କ କ୍ଷେତ୍ରରେ ସାତରେଖା, ତିନି ନଦୀ, ତିନୋଟି ସିଦ୍ଧ ବିବର, ଦ୍ୱାଦଶ ମାଧବ, ଚାରି ଭୈରବ, ଅଷ୍ଟଚଣ୍ଡିକା, ଅଡ଼ଷଠି ତୀର୍ଥସ୍ଥାନ ଓ ସାତୋଟି କ୍ଷୁଦ୍ର ବ୍ୟହତ ପର୍ବତ ବିଦ୍ୟମାନ ହେତୁ ମା'ଙ୍କ ମହିମା ଏବେ ଲୋକଙ୍କ ମଧ୍ୟରେ ଅଗାଢ଼ ଧର୍ମୀୟଭାବନା ଜାଗ୍ରତ କରାଇବା ସହ ଆଶିଷ ପ୍ରଦାନ କରୁଥିବାରୁ ପ୍ରତ୍ୟକ୍ଷ ଠାକୁରାଣୀ ଭାବେ ପୂଜିତ।

ମା'ଙ୍କ ପୀଠରେ ପାଦ ଥାପିବା ମାତ୍ରେ ଭରିଯାଏ ପବିତ୍ରତା। ଅଗ୍ନି ସଂଯୋଗୀତ ସଳିତା ଜଳୁଥିବା ବେଳେ ପ୍ରବଳ ପବନରେ ବି ଲିଭେନାହିଁ। ପୀଠରେ କେହି ହୁକୁମ କରନ୍ତି ନାହିଁ, ହୁକୁମ ଦିଅନ୍ତି ମା' ନିଜେ। ମା'ଙ୍କ କରୁଣାରୁ ଅନେକ ଭକ୍ତ ରୋଗ, ବ୍ୟାଧି ଭଳି ସମସ୍ୟାରୁ ଆରୋଗ୍ୟ ଲାଭ କରିଛନ୍ତି। ଅଷ୍ଟମୀ, ସଂକ୍ରାନ୍ତି, ପୂର୍ଣ୍ଣମା, ଅମାବାସ୍ୟା, ଚତୁର୍ଦ୍ଦଶୀ ମଙ୍ଗଳବାର, ଗୁରୁବାରରେ ଯଥାବିଧି ସ୍ନାନକରି ଯେଉଁମାନେ ମା' ମାଲ୍ୟାଶୁଣୀ ଦେବୀଙ୍କୁ ଦର୍ଶନ କରନ୍ତି, ସେମାନେ ଅଭିଷ୍ଟ ଫଳ ଲଭିଥାନ୍ତି। ଶାସ୍ତ୍ରରେ ଅଛି, ଆଠଦିନ କାଶୀରେ ଗୋଟିଏ ଦିନ ଅହୋରାତ୍ର ପୁରୁଷୋତ୍ତମ କ୍ଷେତ୍ରରେ ବାସ କରିବାରେ ମନୁଷ୍ୟ ଯେଉଁ ଫଳ ପାଇଥାଏ, ମା' ମାଲ୍ୟାଶୁଣୀଙ୍କ ମୁଖ ଦର୍ଶନରେ ସେହି ଫଳ ମିଳିଥାଏ। ମା' ପ୍ରତ୍ୟହ ତିଥିବାର ଅନୁଯାୟୀ ବିଭିନ୍ନ ରଙ୍ଗର ଶାଢ଼ୀ ପିନ୍ଧନ୍ତି। ଯାହା ଶାସ୍ତ୍ରାଦି ମତେ ହୁଏ। ସ୍ୱର୍ଣ୍ଣ, ରୂପା ଅଳଙ୍କାରରେ ମା' ଆଭୂଷିତ ହୋଇ ବରପ୍ରଦାନ କରିଥାନ୍ତି। ପୁଷ୍ପଗୁଚ୍ଛ ହୋଇ ବରପ୍ରଦାନ କରିଥାନ୍ତି। ପୁଷ୍ପଗୁଚ୍ଛରେ ମା'ମଲ୍ୟାଶୁଣୀ କଲ୍ୟାଣମୟୀ ପାଲଟି ଯାଇଥାନ୍ତି। ଶ୍ରୀ ରାମ ନବମୀଠାରୁ ସପ୍ତଶତୀ ଚଣ୍ଡୀପାଠର ଆୟୋଜନ ଅନନ୍ୟ। ପୀଠେ ମହାହୋମ ଅନୁପମ। ଫଳରେ ମା' ଅଞ୍ଚଳବାସୀଙ୍କ ନିଜ କୂଳର ଇଷ୍ଟ ଦେବତା ବୋଲି ବିଶ୍ୱାସ କରିଆସୁଥିବା କଥିତ ଅଛି। ସବୁ ମଙ୍ଗଳ କାର୍ଯ୍ୟରେ ମା'ଙ୍କୁ ସର୍ବପ୍ରଥମେ ଆବାହନ, ପୂଜାର୍ଚ୍ଚନା କଲେ ଅଶେଷ କୃପା ମିଳିଥାଏ। ମା'ଙ୍କ ସମ୍ମୁଖରେ ଥିବା ଗଡ଼ରେ ବିରାଜିଛନ୍ତି ମଲ୍ୟାବୁଢ଼ା। ମଲ୍ୟାଭୂଇଁରେ ଗଢିଉଠିଛି ମଲ୍ୟାଶୁଣୀ ବିଦ୍ୟାପୀଠ, ଗରଗାଲି ଓ ମଲ୍ୟାଶୁଣୀ ଶିଶୁ ମନ୍ଦିର ଗରପାଲି। ମା'ଙ୍କ ଆଶିଷ, ଶିକ୍ଷକ ଶିକ୍ଷୟିତ୍ରୀଙ୍କ କୃତିତ୍ୱ ହାସଲ କରି ବିଭିନ୍ନ ସ୍ତରରେ ଅବସ୍ଥାପିତ ହେବା ଏକ ଅନୁପମ ଅନୁଭୂତ ହୋଇଛି।

***ଗରଗାଲି, ଯାଜପୁର***





ଉପସ୍ଥାପନା : କୈଳାସ ପରିଡ଼ା

**ପିଆଇବି ପକ୍ଷରୁ 'କୋଭିଡ-୧୯ ପରିଚାଳନାରେ ଅଗ୍ରଣୀ ଯୋଦ୍ଧାମାନଙ୍କ ଭୂମିକା' ଶୀର୍ଷକ ୱେବିନାର**

# ସଂଯମ ଓ ସତର୍କତା ଅବଲମ୍ବନ ପାଇଁ ବିଶେଷଜ୍ଞଙ୍କ ଆହ୍ୱାନ


**ଭୁବନେଶ୍ୱର,(ପିଆଇବି) :** ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ପତ୍ର ସୂଚନା କାର୍ଯ୍ୟାଳୟ(ପିଆଇବି), ଭୁବନେଶ୍ୱର ପକ୍ଷରୁ "କୋଭିଡ-୧୯ ପରିଚାଳନାରେ ଅଗ୍ରଣୀ ଯୋଦ୍ଧାମାନଙ୍କ ଭୂମିକା" ଶୀର୍ଷକ ୱେବିନାର ଅନୁଷ୍ଠିତ ହୋଇଯାଇଛି। ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଓଡ଼ିଶା ପ୍ରାନ୍ତର ଅତିରିକ୍ତ ମହାନିର୍ଦ୍ଦେଶକ ଶୈଳେଶ କୁମାର ମାଲବ୍ୟଙ୍କ ଅଧ୍ୟକ୍ଷତାରେ ଏହି ୱେବିନାର ଅନୁଷ୍ଠିତ ହୋଇଥିଲା। ଶ୍ରୀ ମାଲବ୍ୟ କହିଥିଲେ ଯେ କରୋନା ମହାମାରୀର ମୁକାବିଲା କରିବାରେ ଡାକ୍ତର, ନର୍ସ, ସ୍ୱାସ୍ଥ୍ୟକର୍ମୀ, ପୋଲିସ କର୍ମଚାରୀ, ଆଶା, ଅଙ୍ଗନୱାଡ଼ି କର୍ମୀ, ଗଣମାଧ୍ୟମ ପ୍ରତିନିଧିମାନେ ଅଗ୍ରଣୀ ଯୋଦ୍ଧା ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି। ସେମାନେ ନିଜର ଜୀବନକୁ ବାଜି ଲଗାଇ କର୍ତ୍ତବ୍ୟ ସମ୍ପାଦନ କରୁଛନ୍ତି।

## ଜନସାଧାରଣଙ୍କ ସହଯୋଗ ରହିଲେ ସ୍ଥିତି ନିୟନ୍ତ୍ରଣ ସମ୍ଭବ : ପୋଲିସ କମିଶନର

## କରୋନା ମହାମାରୀର ଚିକିତ୍ସା ନଥିବାରୁ ସତର୍କତା ହିଁ ଏକମାତ୍ର ମାର୍ଗ : ଡିଏମଇଟି

ୱେବିନାରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କଟକ-ଭୁବନେଶ୍ୱର ଦ୍ୱୈତନଗରୀ ପୋଲିସ କମିଶନର ଡ. ସୁଧାଂଶୁ ଷଡ଼ଙ୍ଗୀ କହିଥିଲେ ଯେ ଆମେ ଏକ ଅପ୍ରତ୍ୟାଶିତ ସଙ୍କଟର ସମ୍ମୁଖୀନ ହେଉଛୁ। ଯେପର୍ଯ୍ୟନ୍ତ କରୋନା ମହାମାରୀର ଟିକା କିମ୍ବା ଔଷଧ ନବାହାରିଛି ସେପର୍ଯ୍ୟନ୍ତ ଆମ ସମସ୍ତଙ୍କୁ ସଂଯମ ହେବାକୁ ପଡ଼ିବ। ଇତିହାସରେ ପ୍ରଥମ ଥର ପାଇଁ ପୋଲିସକୁ ଜନସାଧାରଣଙ୍କ ସମର୍ଥନ ମିଳିଛି। ଅଳ୍ପ କିଛି ଲୋକଙ୍କୁ ଛାଡ଼ି ଦେଲେ ଅଧିକାଂଶ ଲୋକ ପୋଲିସକୁ ସହଯୋଗ କରୁଛନ୍ତି। ଲକଡାଉନ ଓ ସଟଡାଉନ ନିୟମକୁ ମାନିଛନ୍ତି। ଜନସାଧାରଣ ସଚେତନ ରହିବା ସହିତ ମାସ୍କ ପିନ୍ଧି, ସାମାଜିକ ଦୂରତା ରକ୍ଷା କରି ଏବଂ ଘରେ ରହି ନିୟମକୁ ପାଳିଛନ୍ତି। ଯେଉଁମାନେ ନିୟମ ମାନୁନାହାନ୍ତି ଆମେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛୁ। ଆମେ ଆଇନ ଶୃଙ୍ଖଳା, ସାମାଜିକ ଦୂରତାକୁ ବଜାୟ ରଖିବା ଦିଗରେ କାର୍ଯ୍ୟ କରିଛୁ। ସବୁକିଛି ନିୟନ୍ତ୍ରଣରେ ରଖିବାକୁ ଚେଷ୍ଟା କରାଯାଉଛି ଯାହା ଫଳରେ ଡାକ୍ତର, ସ୍ୱାସ୍ଥ୍ୟ କର୍ମୀମାନେ ସେମାନଙ୍କର କାମ ସୂଚାରୁ ରୂପେ କରିପାରିବେ।

ଡ. ଷଡ଼ଙ୍ଗୀ ଆହୁରି କହିଥିଲେ ଯେ ଆମେ ଜନସାଧାରଣଙ୍କ ସମସ୍ୟା ପ୍ରତି ମଧ୍ୟ ଧ୍ୟାନ ଦେଇଛୁ। ଲୋକଙ୍କ ନିକଟରେ ଜରୁରି ସାମଗ୍ରୀ ପହଁଚିବା କ୍ଷେତ୍ରରେ କୌଣସି ପ୍ରତିବନ୍ଧକ ନାହିଁ। ଲକଡାଉନ ସମୟରେ ୨ ଲକ୍ଷ ପ୍ରବାସୀ ଶ୍ରମିକଙ୍କୁ ଆମେ ଖାଦ୍ୟ ଦେଇଛୁ। ଯେଉଁମାନେ କିଛି ଅସୁବିଧାରେ ପଡ଼ିଛନ୍ତି, କମିଶନରେଟ ପୋଲିସ ସେମାନଙ୍କୁ ସହାୟତା ଯୋଗାଇ ଦେଇଛି। ତେବେ ଲୋକମାନେ ନିଜେ ସଚେତନ ରହି ସ୍ୱେଚ୍ଛାକୃତ ଭାବେ ନିୟମ ମାନିବାର ଆବଶ୍ୟକତା ରହିଛି। ସେହିପରି କରୋନା ମହାମାରୀ ସମୟରେ ଆଗଧାଡ଼ିରେ ରହି ଦାୟିତ୍ୱ ସମ୍ପାଦନ କରୁଥିବା ପୋଲିସ କର୍ମଚାରୀମାନଙ୍କ ସୁରକ୍ଷା ପ୍ରସଙ୍ଗରେ ଶ୍ରୀ ଷଡ଼ଙ୍ଗୀ କହିଥିଲେ ଯେ ଆମର ପୋଲିସ କର୍ମଚାରୀଙ୍କ ସୁରକ୍ଷା ପାଇଁ ଯେଉଁସବୁ ପଦକ୍ଷେପ ନିଆଯାଇଛି ତାହା ଅନ୍ୟମାନଙ୍କ ପାଇଁ ଅନୁକରଣୀୟ। ଦୁଇ ସହରରେ ୮ହଜାରରୁ ଊର୍ଦ୍ଧ୍ୱ ପୋଲିସ କର୍ମଚାରୀ ରହିଥିଲେ ମଧ୍ୟ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଥିବା ଯୋଗୁ ମାତ୍ର ଦୁଇରୁ ତିନି ଜଣ କର୍ମଚାରୀ କରୋନାରେ ସଂକ୍ରମିତ ହୋଇଛନ୍ତି। ବୟସ୍କ ଏବଂ ପୂର୍ବରୁ କୌଣସି ରୋଗ ଥିବା କର୍ମଚାରୀଙ୍କ ସୁରକ୍ଷା ପ୍ରତି ବିଶେଷ ଧ୍ୟାନ ଦିଆଯାଉଛି ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ବକ୍ତା ଭାବେ ଯୋଗ ଦେଇ ବରିଷ୍ଠ ସାମ୍ବାଦିକ ତଥା ସୁବାର୍ତ୍ତାର ସମ୍ପାଦକ ପ୍ରଦ୍ୟୁମ୍ନ ଶତପଥୀ କହିଥିଲେ ଯେ ବର୍ତ୍ତମାନ ସମଗ୍ର ମାନବ ସମାଜ ଏକ ଅଦୃଶ୍ୟ ଶକ୍ତି ବିରୋଧରେ ଯୁଦ୍ଧ କରୁଛି। ଏହି ସମୟରେ ଅଗ୍ରଣୀ କରୋନା ଯୋଦ୍ଧାମାନେ ସେମାନଙ୍କ ଜୀବନକୁ ବାଜି ଲଗାଇ କାମ କରୁଛନ୍ତି। ସେମାନେ ନିଜର ସାମାଜିକ ସେବା ଚରିତ୍ରର ପ୍ରଦର୍ଶନ କରିଛନ୍ତି। ସେହିପରି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଯୋଗ ଦେଇ ଡିଏମଇଟି ପ୍ରଫେସର ଡାକ୍ତର ସିବିକେ ମହାନ୍ତି କହିଥିଲେ ଯେ ଆମେ ଏକ ଅଦୃଶ୍ୟ ଏବଂ ନୂଆ ଶତ୍ରୁର ମୁକାବିଲା କରୁଛୁ। ଏ ମହାମାରୀର କୌଣସି ଚିକିତ୍ସା ନଥିବାରୁ ସତର୍କ ରହିବା ହିଁ ସବୁଠୁ ଉତମ ମାର୍ଗ ବୋଲି ସେ କହିଥିଲେ। ଏହି ସମୟରେ ଆତ୍ମସଚେତନ ହେବାକୁ ସେ ଆହ୍ୱାନ କରିଥିଲେ। ବିଶେଷ କରି ରୋଗୀଙ୍କ ଚିକିତ୍ସା କରୁଥିବା ଏବଂ ଅନ୍ୟ କରୋନା ଯୋଦ୍ଧାମାନେ ବ୍ୟକ୍ତିଗତ ସୁରକ୍ଷା ଉପକରଣ ପିନ୍ଧିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ସେହିପରି ସେ କରୋନା ଚିକିତ୍ସା ସମୟରେ ବାହାରୁଥିବା ବର୍ଜ୍ୟବସ୍ତୁର ପରିଚାଳନା ଏବଂ ବିଶୋଧନ ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିବା ଉତ୍କଳ ବିଶ୍ୱବିଦ୍ୟାଳୟର ସମାଜ ବିଜ୍ଞାନ ବିଭାଗ ପ୍ରାଧ୍ୟାପିକା ଡ. ନବନୀତା ରଥ କହିଥିଲେ ଯେ ଏହି ମହାମାରୀ ବିରୋଧୀ ଲଢ଼େଇରେ ଆଶା ଓ ଅଙ୍ଗନୱାଡ଼ି କର୍ମୀମାନେ ବେଶ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତି। ସେମାନଙ୍କର ଗୋଷ୍ଠୀ ସମ୍ପର୍କ ଯୋଗୁ ରୋଗୀଙ୍କୁ ଚିହ୍ନଟ କରିବା, ତୃଣମୂଳସ୍ତରରେ ସଚେତନତା ସୃଷ୍ଟି କରିବା ଆଦି କାର୍ଯ୍ୟ ସୁଚାରୁ ରୂପେ ସମ୍ପାଦିତ ହୋଇପାରୁଛି। ତେବେ ଏହି ମହାମାରୀ କାରଣରୁ ସେମାନଙ୍କର ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଛି। ସେମାନଙ୍କ ସାହସିକ କାର୍ଯ୍ୟ ଗଣମାଧ୍ୟମ ଜରିଆରେ ସମସ୍ତଙ୍କ ସାମ୍ନାକୁ ଆସିପାରିଛି। ତେଣୁ ତୃଣମୂଳସ୍ତରରେ କାର୍ଯ୍ୟ କରୁଥିବା ଏହି କରୋନା ଯୋଦ୍ଧାଙ୍କ ସାମାଜିକ ଓ ଜୀବନ ଅଧିକାର ସୁରକ୍ଷା ପ୍ରତି ସରକାରୀ ସ୍ତରରେ ଦୃଷ୍ଟି ଦିଆଯିବା ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଥିଲେ।




ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଡିଏମଇଟି ପ୍ରଫେସର ଡା. ବ୍ରଜକିଶୋର ଦାସ, ଆଂଚଳିକ ଜନସମ୍ପର୍କ କାର୍ଯ୍ୟାଳୟ, ଭୁବନେଶ୍ୱରର ନିର୍ଦ୍ଦେଶକ ଅଖିଳ ମିଶ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ। ୱେବିନାର ଅବସରରେ ବିଶେଷଜ୍ଞମାନେ ଅଂଶଗ୍ରହଣକାରୀଙ୍କ ବିଭିନ୍ନ ପ୍ରଶ୍ନର ଉତର ଦେଇଥିଲେ। ପିଆଇବିର ଗଣ ଯୋଗାଯୋଗ ଅଧିକାରୀ ଡ. ପ୍ରଦୀପ ଚୌଧୁରୀ ଏହି ୱେବିନାରକୁ ପରିଚାଳନା କରିଥିବା ବେଳେ ବହୁ ଗଣମାଧ୍ୟମ ବୁଦ୍ଧିଜୀବୀ, ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ଅଧିକାରୀ ଓ କର୍ମଚାରୀଙ୍କ ସମେତ ଛାତ୍ରଛାତ୍ରୀ ଓ ଗବେଷକମାନେ ଏଥିରେ ଅଂଶଗ୍ରହଣ କରିଥିଲେ।



# ବୀଣାପାଣିଙ୍କୁ 'ଅତିବଡି' ସମ୍ମାନ



**ଭୁବନେଶ୍ୱର :** ଓଡ଼ିଶା ସାହିତ୍ୟ ଏକାଡେମୀର ସ୍ୱନକ୍ଷତ୍ର ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଏକାହେମୀର ସର୍ବୋଚ୍ଚ ସାରସ୍ୱତ ସମ୍ମାନ ଅତିବଡି ଜଗନ୍ନାଥ ଦାସ ପୁରସ୍କାର-୨୦୧୯ ମସିହା ନିମନ୍ତେ ପ୍ରଥିତଯଶା କଥାକାର ତଥା ଔପନ୍ୟାସିକା ବୀଣାପାଣି ମହାନ୍ତିଙ୍କୁ ପ୍ରଦାନ କରାଯାଇଛି । ଆଜି ପୂର୍ବାହ୍ନରେ କଥାକାର ବୀଣାପାଣି ମହାନ୍ତିଙ୍କ କଟକସ୍ଥ ବାସଭବନରେ ତାଙ୍କୁ ମାନପତ୍ର ଉତ୍ତୀୟ ସହିତ ୧ଲକ୍ଷ ଟଙ୍କାର ଏକ ଚେକ୍ ପ୍ରଦାନପୂର୍ବକ ସମ୍ମାନିତ କରାଯାଇଛି । କାର୍ଯ୍ୟକ୍ରମରେ ପର୍ଯ୍ୟଟନ, ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ ଅନ୍ୟ ଲେଖକ/ଲେଖିକାମାନେ ସାରସ୍ୱତ ସାଧିକା ବୀଣାପାଣି ମହାନ୍ତିଙ୍କ ଭଳି ଆପଣା ଲେଖନୀ ଚାଳନାକୁ ତୀବ୍ର କରିବାକୁ ଆହ୍ୱାନ ଦେଇଥିଲେ । ଅତିବଡି ସମ୍ମାନ ଗ୍ରହଣ କରିବା ପରେ ଲେଖିକା ବୀଣାପାଣି ମହାନ୍ତି କହିଥିଲେ ଯେ, ଏହା ମୋ ପାଇଁ ଗବର ବିଷୟ ଯେ ସଂସ୍କୃତି ମନ୍ତ୍ର, ସଚିବ, ନିର୍ଦ୍ଦେଶକ ଏବଂ କଟକ ଜିଲ୍ଲାପାଳ ମୋର ବାସଭବନରେ ମୋତେ ସମ୍ବର୍ଦ୍ଧିତ କରିଛନ୍ତି । ମୁଁ ଏହି ସମ୍ମାନକୁ ସାଦରେ ଗ୍ରହଣ କରୁଛି । ଉତ୍କଳ ଲେଖିକା ସଂଘ ପାଇଁ ସରକାରୀ ସୁବିଧା ଯୋଗାଇ ଦେଲେ ସଦସ୍ୟାମାନେ ଅଧିକ ଉପକୃତ ହେବା ସହ ଲେଖା ପ୍ରତି ଉତ୍ସାହିତ ହୁଅନ୍ତେ ବୋଲି କହିଥିଲେ । ଏହି ଅବସରରେ ଏକାଡେମୀ ପକ୍ଷରୁ ପ୍ରକାଶିତ ୧୭ଟି ପୁସ୍ତକ ଏବଂ ତ୍ରୈମାସିକ ମୁଖପତ୍ର 'କୋଣାର୍କ' ଲୋକାର୍ପିତ ହୋଇଥିଲା ।

# ୨୧୭୩ କୋଟି ଟଙ୍କାର ପ୍ରକଳ୍ପକୁ ସିଙ୍ଗିଲଓ୍ୱିଣ୍ଡୋ ମଞ୍ଜୁରୀ

**ଭୁବନେଶ୍ୱର :** ବିଶ୍ୱ ମହାମାରୀ ଯୋଗୁଁ ଅର୍ଥନୀତିରେ ମାନ୍ଦାବସ୍ଥା ଦେଖାଦେଇଛି । ତେବେ ଶିଳ୍ପାୟନ ଜରିଆରେ ରାଜ୍ୟରେ ପୁଞ୍ଜିନିବେଶକୁ ଆକର୍ଷିତ କରିବା ସହ ନୂଆ କର୍ମନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି । ଶୁକ୍ରବାର ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ବସିଥିବା ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ବୈଠକରେ ୨୧୭୨.୯୨ କୋଟି ଟଙ୍କାର ୪ଟି ନିବେଶ ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ କରାଯାଇଛି । ଏହାଫଳରେ ୧୧୧୨ କର୍ମନିଯୁକ୍ତି ସୃଷ୍ଟି ହେବ । ଓସ୍ୱାନ୍ ପ୍ଲାଟଫର୍ମ ଜରିଆରେ ଡିଜିଟାଲ୍ ମୋଡ୍‌ରେ ଆୟୋଜିତ ଏହି ବୈଠକରେ ଶିଳ୍ପ ସଚିବ ହେମନ୍ତ ଶର୍ମା ପ୍ରସ୍ତାବିତ ପ୍ରକଳ୍ପ ଉପରେ ବିଚାର କରିବା ଲାଗି ଉପସ୍ଥାପନ କରିଥିଲେ । ମୁଖ୍ୟ ଶାସନ ସଚିବ ଶ୍ରୀ ତ୍ରିପାଠୀ ଏହି ପ୍ରକଳ୍ପଗୁଡ଼ିକୁ ଅନୁମୋଦନ ପ୍ରଦାନ କରି ସମ୍ପୃକ୍ତ ଶିଳ୍ପସଂସ୍ଥାଗୁଡ଼ିକୁ କେତେ ପରିମାଣର ଜମି ଓ ପାଣି ଆବଶ୍ୟକ ରହିଛି, ତାହାର ଆକଳନ କରିବା ଲାଗି ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି । ଏହାସହ ପ୍ରକଳ୍ପଗୁଡ଼ିକର ଶୀଘ୍ର ଭିତ୍ତିପ୍ରସ୍ତର ପାଇଁ ଆବଶ୍ୟକ ସମସ୍ତ ସହାୟତା ଯୋଗାଇଦେବାକୁ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି । ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର ଏହି ଶିଳ୍ପସଂସ୍ଥାଗୁଡ଼ିକ ଦ୍ୱାରା ନିଯୁକ୍ତି ନିୟମ ସୁନିଶ୍ଚିତ କରିବା ନେଇ ପରାମର୍ଶ ଦେଇଛନ୍ତି । ଅନୁମୋଦିତ ହୋଇଥିବା ପ୍ରକଳ୍ପଗୁଡ଼ିକ ମଧ୍ୟରେ ରହିଛି ରୁଙ୍ଗ୍‌ଟା ମାଇନ୍ସ ଲିଃ.ର ଦୁଇଟି ପ୍ରକଳ୍ପ । ଗୋଟିଏ ସୁନ୍ଦରଗଡ଼ ଜିଲ୍ଲାରେ ୩୪ ଏମ୍‌ଟିପିଏ କ୍ଷମତାବିଶିଷ୍ଟ ବେନିଫିକେସନ୍ ପ୍ଲାଣ୍ଟ ଓ ଅନ୍ୟଟି ୨୦ ଏମ୍‌ଟିପିଏ କ୍ଷମତାବିଶିଷ୍ଟ ଭୂତଳ ସ୍ଲରି ପାଇପ୍‌ଲାଇନ୍ । ବେନିଫିକେସନ୍ ପ୍ଲାଣ୍ଟ ପାଇଁ ୯୭୫ କୋଟି ଟଙ୍କା ବିନିଯୋଗ ହେବାକୁ ଥିବାବେଳେ ଏଥିରେ ୨୯୦ କର୍ମନିଯୁକ୍ତି ସୃଷ୍ଟି ହେବାର ସମ୍ଭାବନା ରହିଛି । ସେହିପରି ଭୂତଳ




ସ୍ଲରି ପାଇପ୍‌ଲାଇନ୍ ପ୍ରକଳ୍ପ ବାବଦକୁ ୯୫୧ କୋଟି ଟଙ୍କା ବିନିଯୋଗ ହେବ । ଏଥିରେ ୭୨ କର୍ମନିଯୁକ୍ତି ସୃଷ୍ଟି ହେବ । ଏହାଛଡ଼ା ଶ୍ୟାମ୍ ମେଟାଲିକ୍ସ ଆଣ୍ଡ୍ ଏନର୍ଜି ଲିଃ. ପକ୍ଷରୁ ସମ୍ବଲପୁର ଜିଲ୍ଲାରେ ଥିବା ୦.୩ ଏମ୍‌ଟିପିଏ କ୍ଷମତାବିଶିଷ୍ଟ ପେଲେଟ୍ ପ୍ଲାଣ୍ଟକୁ ସମ୍ପ୍ରସାରଣ କରାଯାଇ ୧.୨ ଏମ୍‌ଟିପିଏ କରାଯିବ । ଏଥିପାଇଁ ୭୬.୯୨ କୋଟି ଟଙ୍କା ବିନିଯୋଗ ହେବ ଓ ଏଥିରେ ୬୧୦ କର୍ମନିଯୁକ୍ତି ସୃଷ୍ଟି ହେବ । ସେହିପରି ଓ୍ୱେଲ୍‌ମ୍ୟାନ୍ ଷ୍ଟିଲ୍ସ ଗାଙ୍ଗେୟ ସପ୍ଲାୟ ଏଜେନ୍ସି ପ୍ରା.ଲିଃ. ଦ୍ୱାରା ୧.୮ ଏମ୍‌ଟିପିଏ କ୍ଷମତାବିଶିଷ୍ଟ ବେନିଫିକେସନ୍ ପ୍ଲାଣ୍ଟ ଏବଂ ୧.୨ ଏମ୍‌ଟିପିଏ କ୍ଷମତାବିଶିଷ୍ଟ ପେଲେଟ ପ୍ଲାଣ୍ଟ ମୟୂରଭଞ୍ଜ ଜିଲ୍ଲାରେ ସ୍ଥାପନ କରାଯିବ । ଏଥିସକାଶେ ୧୭୦ କୋଟି ଟଙ୍କା ବିନିଯୋଗ ହେବ ଓ ୧୫୦ କର୍ମନିଯୁକ୍ତି ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହିପରି ଭାବେ ମୋଟ ୪ଟି ପ୍ରକଳ୍ପ ବାବଦରେ ୨୧୭୨.୯୨ କୋଟି ଟଙ୍କା ବିନିଯୋଗ ହେବାକୁ ଥିବାବେଳେ ଏଥିରୁ ୧୧୨୨ କର୍ମନିଯୁକ୍ତି ସୃଷ୍ଟି ସମ୍ଭାବନା ରହିଛି । ବୈଠକରେ ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଡ. ମୋନା ଶର୍ମା, ଇସ୍ପାତ ଓ ଖଣି ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ରାଜ କୁମାର ଶର୍ମା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ, ଶିଳ୍ପ ସଚିବ ହେମନ୍ତ ଶର୍ମା, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ତଥା ଇଡ୍‌କୋ ସିଏମ୍‌ଡି ସଞ୍ଜୟ ସିଂହ, ଇପିକଲ୍ ସିଏମ୍‌ଡି ନୀତିନ୍ ଭାନୁଦାସ ଜାଓ୍ୱେଲ୍‌ଙ୍କ ସମେତ ବିଭିନ୍ନ ବିଭାଗର ପ୍ରମୁଖ ସଚିବ, ସଚିବ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ରାଜ୍ୟରେ ବଢ଼ିଲା ଆଉ ୫ ଓଜେଇଇ କେନ୍ଦ୍ର ସଂଖ୍ୟା

**ଭୁବନେଶ୍ୱର :** ୨୦୨୦-୨୧ ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା (ଓଜେଇଇ) ପକ୍ଷରୁ ଆଉ ୫ଟି କେନ୍ଦ୍ର ବୃଦ୍ଧି କରାଯାଇଛି । ଏହାବ୍ୟତୀତ ଅନ୍‌ଲାଇନ୍‌ରେ ଆବେଦନ ଲାଗି ମଧ୍ୟ ଧାର୍ଯ୍ୟ ତାରିଖରେ ବୃଦ୍ଧି କରାଯିବ ବୋଲି ଓଜେଇଇ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ବିଜ୍ଞପ୍ତିରେ ଦର୍ଶାଯାଇଛି ଯେ, ଚଳିତବର୍ଷ ରାଜ୍ୟରେ ନୂଆ ୫ଟି ସହରକୁ ସାମିଲ କରାଯାଇଛି । ପ୍ରଥମଥର ପାଇଁ ପ୍ରବେଶିକା ପରୀକ୍ଷା ହେବାକୁ ଥିବା ସହରଗୁଡିକ ହେଉଛି ଅନୁଗୁଳ, ବାରିପଦା, ବରଗଡ଼, ଜୟପୁର ଏବଂ କେନ୍ଦୁଝର । ଏଣିକି ମୋଟ ୧୫ଟି ସହରରେ ଛାତ୍ରଛାତ୍ରୀମାନେ ଓଜେଇଇ ପାଇଁ ପରୀକ୍ଷାକେନ୍ଦ୍ର ଚଏସ୍ କରିପାରିବେ । ସେହିପରି ଜୁଲାଇ ୩୧ତାରିଖ ପର୍ଯ୍ୟନ୍ତ ଅନ୍‌ଲାଇନ୍‌ରେ ଆବେଦନ ତାରିଖକୁ ଘୁଞ୍ଚାଇ ଦିଆଯାଇଛି । ଛାତ୍ରଛାତ୍ରୀମାନେ ଜୁଲାଇ ୩୧ତାରିଖ ମଧ୍ୟରେ ଅନ୍‌ଲାଇନ୍‌ରେ ଆବେଦନ କରିବା ସହ ଅଗଷ୍ଟ ୫ତାରିଖ ମଧ୍ୟରେ ପରୀକ୍ଷା ଫି' ପୈଠ କରିବା ବାଧ୍ୟତାମୂଳକ କରାଯାଇଛି । ପୂର୍ବରୁ ଯେଉଁମାନେ ଆବେଦନ କରିସାରିଥିଲେ ବର୍ତ୍ତମାନ ସେମାନେ ଅନ୍‌ଲାଇନ୍‌ରେ ପରୀକ୍ଷାକେନ୍ଦ୍ର ପରିବର୍ତ୍ତନ କରିପାରିବେ । ପୂର୍ବରୁ ଓଜେଇଇ ଅନ୍‌ଲାଇନ୍ ଆବେଦନର ଶେଷ ତାରିଖ ରହିଥିଲା ଜୁଲାଇ ୨୫ତାରିଖ । ସେହିପରି ଜୁଲାଇ ୩୧ ତାରିଖ ରହିଥିଲା ଫି' ପୈଠ କରିବାର ଶେଷ ତାରିଖ । ତେବେ ବି-ଫାର୍ମା, ଏମ୍‌ବିଏ, ଏମ୍‌ସିଏ, ଏମ୍-ଟେକ୍, ଏମ୍. ଆର୍କିଟେକ୍, ଏମ୍-ପ୍ଲାନ, ଏମ୍-ଫାର୍ମା, ଇଣ୍ଟିଗ୍ରେଟେଡ୍ ଏମ୍‌ବିଏ, ଲଟେରାଲ ଏଣ୍ଟ୍ରି- ଫାର୍ମା ଏବଂ ବିଟେକ୍ ପାଠ୍ୟକ୍ରମରେ ନାମଲେଖା ଲାଗି ଓଜେଇଇ ମାଧ୍ୟମରେ ପିଲାଙ୍କ ର୍ୟାଙ୍କ ଅନୁଯାୟୀ ମନୋନୀତ କରାଯିବ ।

# ପୋଷା ଜୀବଜନ୍ତୁଙ୍କ ପଞ୍ଜୀକରଣ ବାଧ୍ୟତାମୂଳକ

**ଭୁବନେଶ୍ୱର :** ରାଜ୍ୟର ସମସ୍ତ କୁକୁଡ଼ା ପ୍ରଜନନ, ବିପଣନ ଏବଂ ପୋଷା ଜୀବଜନ୍ତୁ, ଦୋକାନ ଓ ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକ ୬୦ ଦିନ ଭିତରେ ରାଜ୍ୟ ପଶୁକଲ୍ୟାଣ ପରିଷଦ ଦ୍ୱାରା ପଞ୍ଜିକୃତ କରାଇବା ବାଧ୍ୟତାମୂଳକ ହୋଇଛି । ପଞ୍ଜିକୃତ ହୋଇନଥିବା ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକୁ କାର୍ଯ୍ୟକ୍ଷମ କଲେ ସମ୍ପୃକ୍ତ ପ୍ରତିଷ୍ଠାନ ଆଇନ୍ ଅନୁଯାୟୀ ଦଣ୍ଡିତ ହେବ ବୋଲି ପ୍ରାଣୀପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ ପକ୍ଷରୁ ବିଜ୍ଞପ୍ତି ଜରିଆରେ କୁହାଯାଇଛି । ବିଜ୍ଞପ୍ତି ଅନୁଯାୟୀ କେନ୍ଦ୍ର ସରକାରଙ୍କ ଜୀବେ ନିଷ୍ଠୁରତା ନିରୋଧ (କୁକୁର ପ୍ରଜନନ ଏବଂ ବିପଣନ) ଅଧିନିୟମ ୨୦୧୭ ଏବଂ ଜୀବେ ନିଷ୍ଠୁରତା ନିରୋଧ (ପୋଷା ଜୀବଜନ୍ତୁ ଦୋକାନ) ଅଧିନିୟମ ୨୦୧୮କୁ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ରାଜ୍ୟରେ ତତ୍କାଳ ପ୍ରଚଳନ କରିଛି । ଏହି ଅନୁଯାୟୀ ଅଧିସୂଚନା ପ୍ରକାଶ ପାଇବାର ୬୦ ଦିନ ଭିତରେ ପଞ୍ଜୀକରଣକୁ ବାଧ୍ୟତାମୂଳକ କରାଯାଇଛି । ପଞ୍ଜୀକରଣ ପାଇଁ ଉପରୋକ୍ତ ପ୍ରତିଷ୍ଠାନଗୁଡ଼ିକ ସମ୍ପୃକ୍ତ ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀଙ୍କ ମଧ୍ୟରେ ଆବେଦନ କରିପାରିବେ । ଆବେଦନ ଫର୍ମ ଏବଂ ପଞ୍ଜୀକରଣ ସଂକ୍ରାନ୍ତ ସବିଶେଷ ସୂଚନା ସମ୍ପୃକ୍ତ ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ଏବଂ ପ୍ରାଣୀ ପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶଳୟ ଓ୍ୱେବ୍‌ସାଇଟ୍‌ରେ ଉପଲବ୍ଧ କରାଯାଇଛି ।

# ଗୀତିକବି ଦିଲ୍ଲୀପ ବେହୁରାଙ୍କ ଅକାଳ ବିୟୋଗରେ ଶ୍ରଦ୍ଧାଞ୍ଜଳି



**ଭୁବନେଶ୍ୱର :** ବିଶିଷ୍ଟ ଗୀତିକବି ଦିଲ୍ଲୀପ କୁମାର ବେହୁରାଙ୍କ ଆକସ୍ମିକ ବିୟୋଗରେ ରାଜ୍ୟର ବହୁ ଲେଖକ, ଲେଖିକା ମର୍ମାହତ ହେବା ସହିତ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ବିଶେଷକରି ପୁରୁଣା ଭୁବନେଶ୍ୱର ସାହିତ୍ୟ ଖଟିର ସମସ୍ତ ସଦସ୍ୟ ସ୍ୱର୍ଗତ ଦିଲ୍ଲୀପଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ତାଙ୍କ ଅମରଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରିଛନ୍ତି । ସେହିପରି ତୁଷାର ଚାରିଟେବୁଲ ଟ୍ରଷ୍ଟ ଗଭୀର ଶ୍ରଦ୍ଧାଞ୍ଜଳି ବ୍ୟକ୍ତ କରିବା ସହିତ ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରାଯାଇଛି । ଏହି ଅବସରରେ ଅନେକ ବିଶିଷ୍ଟ ବ୍ୟକ୍ତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏଥିରେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଟ୍ରଷ୍ଟର ସଭାପତି ଜିତେନ୍ଦ୍ର କୁମାର ଜେନା, ସମ୍ପାଦକ ବିବେକାନନ୍ଦ ବାରିକ, ଉପଦେଷ୍ଟା ବିକାଶ ଚନ୍ଦ୍ର ପଟ୍ଟନାୟକ, ନବକିଶୋର ବେହେରା, ଆନନ୍ଦବଜାର ବ୍ୟବସାୟୀ ସଂଘ ତରଫରୁ ସମାଜସେବୀ ଚିତ୍ରସେନ ବେହେରା, ବିକାଶ ମହାନ୍ତି, ସୁରେଶ ରାଉତରାୟ, ଜ୍ଞାନ ମିଶ୍ର, ଜିତୁ ମହାପାତ୍ର, ସୁରେଶ ଦାସ ପ୍ରମୁଖ ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି । ଭାଷା ସଂସ୍କୃତି ସମାଜର ପ୍ରତିଷ୍ଠାତା ସମ୍ପାଦକ ଭାବରେ ଓଡ଼ିଆ ସାହିତ୍ୟକୁ ଅଧିକ ଲୋକାଭିମୁଖୀ କରିବାରେ ତାଙ୍କର ଭୂମିକା ଥିଲା ଅନନ୍ୟ । ପ୍ରତି ମାସର ତୃତୀୟ ରବିବାର ସନ୍ଧ୍ୟାରେ ଭୁବନେଶ୍ୱରସ୍ଥିତ ରାଜଧାନୀ ସଂସଦ ପରିସରରେ ସାହିତ୍ୟ ଆଲୋଚନା ସହିତ କବିତା ପାଠ ଅନୁଷ୍ଠିତ ହୋଇଥାଏ । ଅନେକ ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଗ୍ରାମ୍ୟ ଜୀବନକୁ ନେଇ ତାଙ୍କ ରଚିତ 'ମୋ ଗାଁ ମୋ ମାଟି' ପୁସ୍ତକ ଓଡ଼ିଆ ସାହିତ୍ୟ ଜଗତ ପାଇଁ ଏକ ଅନବଦ୍ୟ ଦାନ । ଏହି ଅବସରରେ କବି ଗୋଲକ ବିହାରୀ ନାୟକ, ପୂର୍ଣ୍ଣାନନ୍ଦ ମହାନ୍ତି, ବିମ୍ବାଧର ବାରିକ, ଚମକ ଚାନ୍ଦିନୀ ଦାଶ, ନିରୁପମା କର, ବଂଶୀଧର ସେଠୀ, ଦିଗ୍‌ବିଜୟ ମହାପାତ୍ର, ଚିତ୍ତରଞ୍ଜନ ମହାନ୍ତି ପ୍ରମୁଖ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ସେହିପରି ବିଶିଷ୍ଟ ଶିଶୁ ସାହିତ୍ୟିକ, ଗୀତିକାର ତଥା ସାହିତ୍ୟ ସଂଗଠକ ଦିଲ୍ଲୀପ କୁମାର ବେହୁରାଙ୍କ ବିୟୋଗରେ କେନ୍ଦ୍ର ସାହିତ୍ୟ ଏକାଡେମୀ ଓଡ଼ିଆ ଭାଷା ପରିଷଦର ଉପଦେଷ୍ଟା ଡ. ବିଜୟାନନ୍ଦ ସିଂହ, ଗୀତିକବି ସମାଜର ସଭାପତି ମନୋଜ ପଟ୍ଟନାୟକ, ଶିଶୁ-ସାହିତ୍ୟ ଲେଖକ ସମ୍ମେଳନ, ଓଡ଼ିଶାର ସାଧାରଣ ସମ୍ପାଦକ ଡକ୍ଟର ଗୋବିନ୍ଦ ଚନ୍ଦ୍ର ଚାନ୍ଦ ଓ ଶିଶୁସାହିତ୍ୟ ସ୍ରଷ୍ଟା ଡକ୍ଟର ଲକ୍ଷ୍ମୀକାନ୍ତ ଖୁଣ୍ଟିଆ ଶୋକ ପ୍ରକାଶ କରିଛନ୍ତି । ଶ୍ରୀ ବେହୁରା 'ଭାଷା ସାହିତ୍ୟ ସମାଜ' ଅନୁଷ୍ଠାନ ଗଠନ କରିବାର ସହ 'ବର୍ଣ୍ଣବିତାନ' ପତ୍ରିକା ମଧ୍ୟ ପ୍ରକାଶ କରୁଥିଲେ । ଶିଶୁ ସାହିତ୍ୟ କବିତା ସଂକଳନ 'ମୋ ଗାଆଁ ମୋ ମାଟି', ଗୀତି କବିତା ସଂକଳନ 'ଶ୍ରାବଣୀ'ର ଆଦି ରଚନା କରିଥିଲେ । ଜଣେ ପରୋପକାରୀ ଅମାୟିକ ବ୍ୟକ୍ତି ଭାବରେ ସେ ପରିଚିତ ଥିଲେ । ତାଙ୍କ ବିୟୋଗରେ ଓଡ଼ିଆ ସାହିତ୍ୟ ଜଣେ କର୍ମଚଞ୍ଚଳ ବ୍ୟକ୍ତିଙ୍କୁ ହରାଇଲା ବୋଲି ଶୋକବାର୍ତ୍ତାରେ ପ୍ରକାଶ କରିଛନ୍ତି ।


# ମାଗଣା ଡାଲି, ଚାଉଳ ବଣ୍ଟନ କେବଳ ମିଛ ବାହାସ୍ଫୋଟ : ବିଜେପି



**ଭୁବନେଶ୍ୱର :** ଦୁଇ ଦିନ ତଳେ ମୁଖ୍ୟମନ୍ତ୍ରୀ ଖାଦ୍ୟ ସୁରକ୍ଷା ଆଇନରେ ହିତାଧିକାରୀମାନଙ୍କୁ ମାଗଣାରେ ୫ କିଲୋ ଚାଉଳ ଏବଂ ୧ କିଲୋ ଡାଲି ଯୋଗାଇଦେବାର ଘୋଷଣା କରିଛନ୍ତି । ତେବେ ଏଠି ପ୍ରଶ୍ନ ଉଠୁଛି ରାଜ୍ୟସରକାର କେଉଁମାନଙ୍କୁ ଏହି ଖାଦ୍ୟ ଯୋଗାଇବେ ? ଚଳିତ ମାସ ପ୍ରଥମ ସପ୍ତାହରେ ମୋଦି ସରକାର ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ଦେଶର ୮୧ କୋଟି ହିତାଧିକାରୀଙ୍କୁ ନଭେମ୍ବର ପର୍ଯ୍ୟନ୍ତ ମାଗଣାରେ ୫ କିଲୋ ଚାଉଳ ଏବଂ ୧ କିଲୋ ଡାଲି ଯୋଗାଇଦେବାର ଘୋଷଣା କରିଛନ୍ତି । ଏହି ନିଷ୍ପତିକୁ କେନ୍ଦ୍ର କ୍ୟାବିନେଟରେ ଅନୁମୋଦନ ମିଳିଛି । କେନ୍ଦ୍ର ସରକାରଙ୍କ ଯୋଜନା ଓ ନିଷ୍ପତିକୁ ନିଜେ ଘୋଷଣା କରି ରାଜ୍ୟସରକାର ବାହାସ୍ପଟ ମାରୁଛନ୍ତି ବୋଲି ବିଜେପି ରାଜ୍ୟ ସାଧାରଣ ସଂପାଦକ ଶ୍ରୀ ଗୋଲକ ମହାପାତ୍ର ଅଭିଯୋଗ କରିଛନ୍ତି । ଶ୍ରୀ ମହାପାତ୍ର କହିଛନ୍ତି ଯେ, ଦେଶରେ ଖାଦ୍ୟ ସୁରକ୍ଷା ଆଇନ ଲାଗୁ ହେବା ସମୟରେ ରାଜ୍ୟର ଜନସଂଖ୍ୟା ୪ କୋଟି ୧୯ ଲକ୍ଷ ୭୪ହଜାର ୨୧୮ ଥିଲା । ଏହି ଯୋଜନାରେ ଓଡିଶାରୁ ୩ କୋଟି ୨୬ ଲକ୍ଷ ୪୧ ହଜାର ୮୦୦ ଲୋକଙ୍କୁ ସାମିଲ କରାଯାଇ ସେମାନଙ୍କୁ ମାସକୁ ୫ କିଲୋ ଚାଉଳ ଦିଆଗଲା । କେନ୍ଦ୍ରସରକାର କରିଥିବା ଏହି ଯୋଜନାରେ ହିତାଧିକାରୀଙ୍କୁ ୩ ଟଙ୍କା ଦେବାକୁ ପଡୁଥିଲା ବେଳେ ରାଜ୍ୟସରକାର କେବଳ ମାତ୍ର ୨ ଟଙ୍କା ଏବଂ ହିତାଧିକାରୀଙ୍କ ଠାରୁ ୧ ଟଙ୍କା ଆଦାୟ କରି ଟଙ୍କିକିଆ ଚାଉଳ ଦେଉଛନ୍ତି ବୋଲି ଘୋଷଣା କରିଥିଲେ । କିନ୍ତୁ ଏହି ହିତାଧିକାରୀଙ୍କ ମଧ୍ୟରୁ ଅନେକଙ୍କ ମୃତ୍ୟୁ ହୋଇଥିବା କାରଣରୁ ଅନେକ ସ୍ଥାନରେ ଭୂତ ନାଁରେ ଚାଉଳ ହଡପ କରାଯାଉଛି । ମେ ୨୪ ରେ ୨୦୧୮ରେ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି ଓଡିଶାର ଜନସଂଖ୍ୟା ୪ କୋଟି ୬୦ ଲକ୍ଷରୁ ଉର୍ଦ୍ଧ୍ୱ ଦର୍ଶାଇ ହିତାଧିକାରୀଙ୍କ ସଂଖ୍ୟା ୩୩ ଲକ୍ଷରୁ ୪୪ଲକ୍ଷ ବୃଦ୍ଧି କରିବା ପାଇଁ କହିଥିଲେ । ରାଜ୍ୟସରକାର ଅକ୍ଟୋବର ୨ ତାରିଖରୁ ନିଜସ୍ୱ ଖାଦ୍ୟ ସୁରକ୍ଷା ଆଇନ ଆରମ୍ଭ କଲେ । କିନ୍ତୁ ଏହାର ତାଲିକାକୁ ଏଯାବତ ସର୍ବସାଧାରଣ ପ୍ରକାଶ କଲେ ନାହିଁ । ଏଥିରୁ ସ୍ପଷ୍ଟ ଯେ ରାଜ୍ୟସରକାର କେବଳ କେନ୍ଦ୍ରୀୟ ଯୋଜନାକୁ ହଡପ କରି ନିଜେ କରୁଛନ୍ତି ବୋଲି ଡିଣ୍ଡିମ ପିଟି ଓଡିଶାବାସୀଙ୍କୁ ବିଭ୍ରାନ୍ତି କରାଇଛନ୍ତି । ରାଜ୍ୟସରକାର କରୋନା ମହାମାରୀ ସମୟରେ ରାଜ୍ୟସରକାରଙ୍କ ନିଜସ୍ୱ ଖାଦ୍ୟସୁରକ୍ଷା ଯୋଜନାରେ ଯେତିକି ଲୋକ ଯୋଡିହୋଇଛନ୍ତି ସେମାନଙ୍କୁ କେନ୍ଦ୍ର ସରକାର ଚାଉଳ ଓ ଡାଲି ଯୋଗାଇଦେଇଛନ୍ତି । କେନ୍ଦ୍ରସରକାର ରାଜ୍ୟସରକାରଙ୍କ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାର ହିତାଧିକାରୀ ଏବଂ ପ୍ରବାସୀ ଶ୍ରମିକମାନଙ୍କୁ ମାଗଣାରେ ୮ ମାସ ପାଇଁ ୫ କିଲୋ ଚାଉଳ ଓ ୧ କିଲୋ ଡାଲି ଯୋଗାଇ ଦେବାର ବ୍ୟବସ୍ଥା କରିଛନ୍ତି । ରାଜ୍ୟସରକାରଙ୍କ ଓ୍ୱେବସାଇଟରେ ୬ ଲକ୍ଷ ପ୍ରବାସୀ ଶ୍ରମିକ ପଂଜୀକରଣ କରିଛନ୍ତି ଏବଂ ୫ ଲକ୍ଷରୁ ଉର୍ଦ୍ଧ୍ୱ ପ୍ରବାସୀ ଶ୍ରମିକ ଓଡିଶାକୁ ଫେରିଛନ୍ତି । ସେମାନଙ୍କୁ ମଧ୍ୟ କେନ୍ଦ୍ର ସରକାର ଚାଉଳ ଓ ଡାଲି ଯୋଗାଇ ଦେଉଛନ୍ତି । ତେବେ ରାଜ୍ୟସରକାର ଚାଉଳ ଓ ଡାଲି କାହାକୁ ଦେବେ ଏବଂ ସେମାନେ କିଏ ଏହାର ଉତର ରାଜ୍ୟସରକାର ରଖନ୍ତୁ । ରାଜ୍ୟରେ ଯୋଗ୍ୟ ହିତାଧିକାରୀଙ୍କ ପାଖରେ ଖାଦ୍ୟ ପହଂଚି ପାରୁନଥିବାବେଳେ ରାଜ୍ୟସରକାର ମିଥ୍ୟା କହି ମାଗଣାରେ ଚାଉଳ ଦେବେ କହି ବାହା ବାହା ମାରୁଛନ୍ତି ବୋଲି ଶ୍ରୀ ମହାପାତ୍ର ଅଭିଯୋଗ କରିଛନ୍ତି ।

# ଆଇଆଇଟି ଖଡଗପୁର ଦ୍ୱାରା ନିର୍ମାଣ ହେଲା ସବୁଠୁ ଶସ୍ତା କରୋନା କିଟ୍

**ନୂଆଦିଲ୍ଲୀ :** ଭାରତ କରୋନା ମହାମାରୀ ପରି ଏକ ବଡ ସଙ୍କଟର ସମ୍ମୁଖୀନ ହେଉଥିବା ବେଳେ ଦେଶର ବୈଜ୍ଞାନିକ ଓ ଗବେଷକମାନେ ଏହାର ମୁକାବିଲା କରିବାକୁ ଉଦ୍ୟମ ଜାରି ରଖିଛନ୍ତି । ଆଇଆଇଟି ଖଡଗପୁର ପକ୍ଷରୁ ଏକ ଗବେଷକ ଦଳ ଏକ ଶସ୍ତା କରୋନା ପରୀକ୍ଷା କିଟ୍‌ର ବିକାଶ କରିଛନ୍ତି । ଏହାଦ୍ୱାରା ମାତ୍ର ୪୦୦ ଟଙ୍କାରେ କରୋନା ପରୀକ୍ଷା କରାଯାଇପାରିବ ଓ ପରୀକ୍ଷା ରିପୋର୍ଟକୁ ଏକ ମୋବାଇଲ ଆପ ମାଧ୍ୟମରେ ଦେଖିହେବ । କୋଭିରାପ ନାମ ଏହି ପରୀକ୍ଷା ଯନ୍ତ୍ରଦ୍ୱାରା ମାତ୍ର ଏକଘଣ୍ଟାରେ ରିପୋର୍ଟ ଜଣାପଡିବ । ଏହି ପରୀକ୍ଷା ଯନ୍ତ୍ରର ମୂଲ୍ୟ ମାତ୍ର ୨ ହଜାର ଟଙ୍କା ରହିଛି । କିନ୍ତୁ ଯଦି ଏହାକୁ ଅଧିକ ସଂଖ୍ୟାରେ ଉତ୍ପାଦନ କରାଯିବ ଷତବେ ଉତ୍ପାଦନ ଖର୍ଚ୍ଚ କମିବ, ଫଳରେ ଦର ଆହୁରି କମିବ ବୋଲି ଆଇଆଇଟି ଖଡଗପୁର ମେକାନିକାଲ ଇଂଜିନିୟରିଂ ବିଭାଗର ପ୍ରଫେସର ସୁମୋନା ଚକ୍ରବର୍ତ୍ତୀ କହିଛନ୍ତି ।










Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୂତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି